NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
WEDNESDAY
2 SEPTEMBER 2026
ବୁଧବାର
୨ ସେପ୍ଟେମ୍ବର ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 93 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୯୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

**ସରକାରଙ୍କ ବଡ଼ ନିଷ୍ପତ୍ତି**

# ଆୟୁଷ୍ମାନରେ ମିଶିବନି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା

**ଭୁବନେଶ୍ୱର, ୧୯/ଏଜେନ୍ସି:**

ଓଡ଼ିଶାର ସାମ୍ବାଦିକମାନଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ପୃଥକ୍ ଭାବେ ଜାରି ରହିବ। ଏହାକୁ 'ଆୟୁଷ୍ମାନ ଭାରତ' ଯୋଜନା ସହ ମିଶ୍ରଣ କରାଯିବନାହିଁ। ଓଡ଼ିଶାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ବୀମା ସମ୍ପର୍କରେ ରାଜ୍ୟ ସରକାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସାମ୍ବାଦିକମାନଙ୍କ ପାଇଁ ଉଦ୍ଦିଷ୍ଟ 'ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା'କୁ 'ଆୟୁଷ୍ମାନ ଭାରତ' ଯୋଜନା ସହିତ ମିଶ୍ରଣ କରାଯିବ ନାହିଁ। ଫଳରେ ସାମ୍ବାଦିକମାନେ ପୂର୍ବପରି ଏହି ସ୍ୱତନ୍ତ୍ର ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ସେବା ସୁବିଧା ପାଇପାରିବେ। ଯେଉଁ ସାମ୍ବାଦିକମାନେ ପୂର୍ବରୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି, ସେମାନେ ଓ ସେମାନଙ୍କ ପରିବାର ପୂର୍ବଭଳି ସମସ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା ପାଇବା ଜାରି ରଖିବେ। ସେହିପରି ଯେଉଁ ସାମ୍ବାଦିକମାନେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସାମିଲ ହୋଇନାହାଁନ୍ତି, ସେମାନେ ମଧ୍ୟ ହିତାଧିକାରୀ ହେବା ପାଇଁ ନୂଆ କରି ଆବେଦନ କରିପାରିବେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ସାମ୍ବାଦିକ ସଂଘଗୁଡ଼ିକ ସ୍ୱାଗତ କରିଛନ୍ତି। 'ଓଡ଼ିଶା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍' (ଓୟୁଜେ) ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟକାରୀ ରଖିଥିବାରୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ କୃତଜ୍ଞତା ଜଣାଯାଇଛି।

**ସୁନା ନକିଣିବାକୁ, ବିଦେଶ ଗସ୍ତ ନକରିବାକୁ ପୁଣି ପରାମର୍ଶ ଦେଲେ ମୋଦୀ**

# ସ୍ୱଦେଶୀ ଓ ଆତ୍ମନିର୍ଭର ଭାରତ ପାଇଁ ଆହ୍ୱାନ

**ନୂଆଦିଲ୍ଲୀ, ୧୯/ଏଜେନ୍ସି:**

ସାଂଘାଇ ଶିଖର ସମ୍ମିଳନୀ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଯୋଗଦେବା ଉଦ୍ଦେଶ୍ୟରେ ସମ୍ପ୍ରତି କିର୍ଗିଜସ୍ତାନରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଠାରୁ ସେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ବଡ଼ ବାର୍ତ୍ତା ଦେଇଛନ୍ତି। ମୋଦୀ ଦେଶବାସୀଙ୍କୁ ବିଶ୍ୱରେ ଦେଖାଦେଇଥିବା ଆର୍ଥିକ ଅସ୍ଥିରତା ପ୍ରସଙ୍ଗରେ ପୁଣିଥରେ ପରାମର୍ଶ ଦେଇଛନ୍ତି। ମୋଦୀ କହିଛନ୍ତି, 'ଆବଶ୍ୟକ ନ ଥିଲେ ବର୍ତ୍ତମାନ ସମୟରେ ସୁନା ନକିଣିବା ମଙ୍ଗଳକାରୀ। ସେହିପରି ବର୍ତ୍ତମାନ ସମୟରେ ଅଯଥା ବିଦେଶ ଯାଇ ବାହାଘର ଭୋଜିଭାତ ଆୟୋଜନ କରି ଅଧିକ ଖର୍ଚ୍ଚ କରିବା ମଧ୍ୟ ଉଚିତ୍ ନୁହେଁ। ବିଦେଶ ଭ୍ରମଣରେ ନ ଯାଇ ଦେଶରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ଭଲ ନିଷ୍ପତ୍ତି ହୋଇପାରେ।

ସେହିପରି ସ୍ୱଦେଶୀ ସାମଗ୍ରୀ କିଣି ଦେଶର ଅର୍ଥନୀତିକୁ ମଜବୁତ୍ କରିବା ଉପରେ ସମସ୍ତ ଭାରତୀୟ ଅଧିକ ଗୁରୁତ୍ୱାରୋପ କରିବା ଉଚିତ୍।' ଅତୀତରେ କରିଥିବା ଆହ୍ୱାନକୁ ପୁଣିଥରେ ଦୋହରାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିଦେଶରୁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଏକଥା ଦୋହରାଇଛନ୍ତି ମୋଦୀ।

ବିଶ୍ୱସ୍ତରୀୟ ଅସ୍ଥିରତା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ (ଏପ୍ରିଲ-ଜୁନ୍) ଭାରତର ଜିଡିପି ୭.୮% ପ୍ରଗତି ହାସଲ କରିବା ପରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ

**ଜିଡିପି ୭.୮% ବୃଦ୍ଧି ହାସଲ କରିବା ପରିପ୍ରେକ୍ଷୀରେ ଦେଶବାସୀଙ୍କୁ ଶୁଭେଚ୍ଛା**

ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ବୃଦ୍ଧି ଏବଂ ଆତ୍ମନିର୍ଭର ଭାରତ ଗଠନ ଉପରେ ପୁନର୍ବାର ଗୁରୁତ୍ୱାରୋପ କରିଛନ୍ତି।

ମୋଦୀଙ୍କ କହିବାନୁସାରେ କୋଭିଡ୍ ଏବଂ ବିଶ୍ୱସ୍ତରୀୟ ଯୁଦ୍ଧ/ସଙ୍କଟ କାରଣରୁ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ



ହୋଇଥିଲେ ସୁଦ୍ଧା, ୭.୮% ଜିଡିପି ବୃଦ୍ଧି ଭାରତୀୟଙ୍କ ଦୃଢ଼ ସଂକଳ୍ପ ଓ ମିଳିତ ପ୍ରଚେଷ୍ଟାର ପରିଣାମ। ସେହିପରି ସ୍ଥାନୀୟ ବ୍ୟବସାୟୀ ଏବଂ ଦେଶୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦ୍ୱାରା ଦେଶ ୨୦୪୭ (ସ୍ୱାଧୀନତାର ୧୦୦ ବର୍ଷ) ସୁଦ୍ଧା ଏକ ବିକଶିତ ଭାରତରେ ପରିଣତ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଚଳିତବର୍ଷ ଭାରତରେ ସୁନାର ଆମଦାନୀ ବଢ଼ିଛି। ଏପ୍ରିଲ ମାସ ଭିତରେ ସୁନା ଆମଦାନୀରେ ୩୨% ବୃଦ୍ଧି ଘଟିଛି। ପେଟ୍ରୋଲିୟମ ପରେ ସୁନା ଆମଦାନୀରେ ଭାରତର ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ ହେଉଛି । ଭାରତର ଯେତିକି ତୈଳ ଆବଶ୍ୟକତା ଅଛି ତାହାର ପ୍ରାୟ ୮୮% ବାହାର ଦେଶରୁ ଆମଦାନୀ କରାଯାଉଛି ।

ତେଣୁ ତୈଳ ଦରରେ ସାମାନ୍ୟ ବୃଦ୍ଧି ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପ୍ରଭାବ ପକାଉଛି। ଗତ ମେ ମାସରେ ମଧ୍ୟ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏପରି ଆହ୍ୱାନ ଦେଇଥିଲେ। ସେତେବେଳେ ଇରାନ-ଆମେରିକା ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଥିଲା। ତେଣୁ ଭାରତୀୟମାନଙ୍କୁ ଆର୍ଥିକ ମିତବ୍ୟୟୀ ହେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପରାମର୍ଶ ଦେଇଥିଲେ । ବିଶ୍ୱ ଏବେ ଯୁଦ୍ଧ ବିଭୀଷିକା ଭିତରେ ଗତି କରୁଥିବା ବେଳେ ଅନେକ ଦେଶର ଅର୍ଥନୀତି

▶▶ ୫

# ମହାନଦୀକୁ ଡେଇଁ ଯୁବକ ନିଖୋଜ



**କଟକ, ୧୯/ଏନ୍‌ଏନ୍‌ଏସ୍:**

କଟକର ଶିଖରପୁର-ଜଗତପୁର ବ୍ରିଜ୍ (କାଳୀବୁଡ଼ା ନିକଟସ୍ଥ) ଉପରୁ ମହାନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଘଟଣାସ୍ଥଳରେ ବ୍ରିଜ୍ ଉପରେ ଯୁବକଙ୍କ ବାଇକ୍ ଓ ଆଇଡି କାର୍ଡ ପଡ଼ିଥିବା ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ବ୍ରିଜ୍ ଉପର ଦେଇ ନିଜ ପଲସର ବାଇକ୍ ( ଓଡ଼ି ୩୩ ୧୩୦୧) ଯୋଗେ ଯାଉଥିବା ସମୟରେ ଜଣେ ଯୁବକ ହଠାତ୍ ଅଟକିଥିଲେ। ଏହାପରେ ବାଇକ୍‌କୁ ଛିଡାକରି ନିଜ ବ୍ୟାଗ୍ ଏବଂ ଆଇଡି କାର୍ଡ଼ ଗାଡ଼ି ସିଟ୍ ଉପରେ ସେ ରଖିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ କିଛି ସମୟ ଧରି ସେ

▶▶ ୫

**ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

# ଖାରଜ ହେଲା ଛାତ୍ର ବିରୋଧୀ ଏଫ୍‌ଆଇଆର୍

**ନୂଆଦିଲ୍ଲୀ, ୧୯/ଏଜେନ୍ସି:**

ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍‌କୁ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ଏହି ନିଷ୍ପତ୍ତି ନେଇଥିବା ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଏବଂ ବିଚାରପତି ଭି. ମୋହନାଙ୍କ ପୀଠ ସମ୍ବିଧାନର ଧାରା ୧୪୨ଅଧୀନରେ ଥିବା ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ଏହି ସମସ୍ତ ଏଫ୍‌ଆଇଆର୍‌କୁ ରଦ୍ଦ କରିଛନ୍ତି। ତେବେ ଜନ୍ତର ମନ୍ତର ପ୍ରତିବାଦ ସ୍ଥାନରେ ଉପସ୍ଥିତ ଥିବା



୨,୮୭୩ ଜଣ ବ୍ୟକ୍ତି, ଯେଉଁମାନଙ୍କର ଗମ୍ଭୀର ଅପରାଧିକ ରେକର୍ଡ ରହିଛି, ସେମାନଙ୍କ ବିରୋଧରେ ମାମଲା ଜାରି ରଖିବାକୁ ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟ

▶▶ ୫

# ପ୍ରତି ଜିଲ୍ଲାରେ ନିଯୁକ୍ତ ହେବେ 'ଶକ୍ତି ଅପା'

**ଭୁବନେଶ୍ୱର, ୧୯/ଏନ୍‌ଏନ୍‌ଏସ୍:**

କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବା ସହ ସେମାନଙ୍କୁ ଆତ୍ମବିଶ୍ୱାସୀ ଓ ସଶକ୍ତ କରିବା ଲାଗି ରାଜ୍ୟ ସରକାର ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। କଲେଜ ପରିସରରେ ଛାତ୍ରୀମାନଙ୍କୁ ସଠିକ୍ ଦିଗଦର୍ଶନ, ମାନସିକ ସମ୍ବଳ ଓ ସୁରକ୍ଷାର ଭରସା ଯୋଗାଇବା ପାଇଁ ପ୍ରତି ଜିଲ୍ଲାରେ ନିଯୁକ୍ତ ପାଇବେ 'ଶକ୍ତି ଅପା'। ରାଜ୍ୟ ସରକାରଙ୍କ ପ୍ରମୁଖ 'ଶକ୍ତିଶ୍ରୀ' ଯୋଜନା ଅଧୀନରେ ରାଜ୍ୟର ପ୍ରତିଷ୍ଠିତ ମହିଳା ପ୍ରତିଭାମାନଙ୍କୁ ଏହି ଦାୟିତ୍ୱ ଦିଆଯିବ, ଯେଉଁମାନେ ଛାତ୍ରୀମାନଙ୍କ ପାଇଁ ରୋଲ୍ ମଡେଲ୍ ଓ ମେଣ୍ଟର ସାଜିବେ। ଏହି ମହତ୍ୱାକାଂକ୍ଷୀ ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଆଜି ସମସ୍ତ



ଜିଲ୍ଲାସ୍ତରୀୟ ନୋଡାଲ ଡିଗ୍ରୀ କଲେଜର ଅଧ୍ୟକ୍ଷମାନଙ୍କୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରତି ଜିଲ୍ଲାରେ ନୋଡାଲ ଡିଗ୍ରୀ କଲେଜ ପକ୍ଷରୁ ପ୍ରାଥମିକ ଭାବେ ୫ଜଣ ବିଶିଷ୍ଟ ମହିଳାଙ୍କୁ 'ଶକ୍ତି ଅପା' ଭାବେ ମନୋନୀତ କରାଯିବ।

▶▶ ୫


# ଜେଲ୍‌ରୁ ମୁକୁଳିଲେ ବିକ୍ରମ ପଣ୍ଡା

**୧୦ ମାସ ଧରି କାରାଗାରରେ ଥିଲେ ପୂର୍ବତନ ବିଜେଡି ବିଧାୟକ**

**ବ୍ରହ୍ମପୁର, ୧୯/ଏନ୍‌ଏନ୍‌ଏସ୍:**

ବ୍ରହ୍ମପୁରର ପୂର୍ବତନ ବିଜେଡି ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା ପ୍ରାୟ ୧୦ ମାସ ଜେଲ୍‌ଦଣ୍ଡ ଭୋଗିବା ପରେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଜାମିନରେ ମୁକ୍ତ ହୋଇଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ (ହାଇକୋର୍ଟ) ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ନିମ୍ନ ଅଦାଲତରେ ଜାମିନ ବଣ୍ଡ ଦାଖଲ ପ୍ରକ୍ରିୟା ଶେଷ ହେବାପରେ ସେ ଜେଲ୍‌ରୁ ବାହାରିଛନ୍ତି। ତେବେ ଏହି ମାମଲାରେ ଅଦାଲତଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ଜାରି ରହିଛି।

ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ସେ ଗତବର୍ଷ ନଭେମ୍ବର ୬ ତାରିଖରେ ଗିରଫ ହୋଇଥିଲେ। ତେବେ ଗତକାଲି ହାଇକୋର୍ଟ ତାଙ୍କ ଜାମିନ ମଞ୍ଜୁର କରିବା ପରେ ଆଜି ସେ ମୁକୁଳି ଥିଲେ। ତାଙ୍କୁ ସ୍ୱାଗତ କରିବାକୁ ବିଜେଡି ନେତା ସଞ୍ଜୟ ଦାସ ବର୍ମା, ଦେବୀ ପ୍ରସାଦ ମିଶ୍ର, ସାଂସଦ



ମାନସ ମଙ୍ଗରାଜ, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ପ୍ରତାପ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, କୈଳାସ ରଣା, ସରୋଜ ସାବତ, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା,

▶▶ ୫

# ୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

**ଭୁବନେଶ୍ୱର, ୧୯/ଏନ୍‌ଏନ୍‌ଏସ୍:**

ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଉପକୂଳ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ସଂଲଗ୍ନ ଅଞ୍ଚଳ ଉପରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ରହିଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଦକ୍ଷିଣ-ପଶ୍ଚିମ ଦିଗକୁ ଢଳି ରହିଛି। ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ଓ ଝାଡ଼ଖଣ୍ଡର ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ଆସନ୍ତା ୨୪ ଘଣ୍ଟା ପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ

**ଆସନ୍ତା ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା**

▶▶ ୫

**ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ 'ଶକ୍ତି ସମ୍ମିଳନୀ'**

# ଏକାଠି ହେଲେ ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ

**ଭୁବନେଶ୍ୱର, ୧୯/ଏନ୍‌ଏନ୍‌ଏସ୍:**

ମହିଳାମାନଙ୍କ ସୁରକ୍ଷା, ସୁରକ୍ଷିତ ପରିବେଶ ଏବଂ ସଶକ୍ତିକରଣକୁ ସୁଦୃଢ଼ କରିବା ପାଇଁ ଭୁବନେଶ୍ୱରରେ ଆୟୋଜିତ 'ଶକ୍ତି ସମ୍ମିଳନୀ'କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ

**ମହିଳା ସୁରକ୍ଷା ଓ ସଶକ୍ତିକରଣ ପରସ୍ପର ଠାରୁ ପୃଥକ୍ ନୁହେଁ: ଉପମୁଖ୍ୟମନ୍ତ୍ରୀ**

ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି। ସାରା ଦେଶରେ ମହିଳା ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ସଫଳ ନୀତିଗୁଡ଼ିକର ଆଦାନପ୍ରଦାନ କରିବା, ଆଇନଗତ ଓ ପ୍ରଶାସନିକ କାର୍ଯ୍ୟକାରିତାରେ ଥିବା




ଫାଙ୍କକୁ ଚିହ୍ନଟ କରିବା ଏବଂ ଅନୁଷ୍ଠାନିକ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଉପ-ମୁଖ୍ୟମନ୍ତ୍ରୀ ନିଜ ସମ୍ବୋଧନରେ କହିଛନ୍ତି ଯେ ମହିଳା ସୁରକ୍ଷା ଓ ସଶକ୍ତିକରଣ ପରସ୍ପର ସହ ଜଡ଼ିତ। ଶକ୍ତିଶାଳୀ ଅନୁଷ୍ଠାନ, ନୀତିଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ସାମୂହିକ

▶▶ ୫

**ଲୋକଭବନକୁ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେଟ୍**

# ଦେଶର ପ୍ରଥମ ଆଇଜିବିସି ପ୍ଲାଟିନମ୍-ସାର୍ଟିଫାଏଡ୍ ସବୁଜ କ୍ୟାମ୍ପସ୍

**ଭୁବନେଶ୍ୱର, ୧୯/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱରସ୍ଥିତ ଓଡ଼ିଶା ଲୋକ ଭବନ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି)ର ଗ୍ରୀନ୍ କ୍ୟାମ୍ପସ ରେଟିଂ ସିଷ୍ଟମ୍ ଅଧୀନରେ ପ୍ଲାଟିନମ୍ ପ୍ରମାଣପତ୍ର ହାସଲ କରି ଦେଶର ପ୍ରଥମ ପ୍ଲାଟିନମ୍ ପ୍ରମାଣପତ୍ରପ୍ରାପ୍ତ ଲୋକ ଭବନ ହୋଇଛି। ଏହା ସ୍ଥାୟୀ ଓ ପରିବେଶ ଅନୁକୂଳ ଭିତ୍ତିଭୂମି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ମଙ୍ଗଳବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିବିସିର ଜାତୀୟ ଅଧ୍ୟକ୍ଷ ସି. ଶେଖର ରେଡ୍ଡୀଙ୍କଠାରୁ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରମାଣପତ୍ର ଗ୍ରହଣ କରିଥିଲେ। ଲୋକ ଭବନ ୧୦୦ରୁ ୮୮ ଅଙ୍କ ହାସଲ କରି ଆଇଜିବିସି ରେଟିଂ ବ୍ୟବସ୍ଥାର ସର୍ବୋଚ୍ଚ ବର୍ଗରେ ସ୍ଥାନ ପାଇଛି। ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଜ୍ୟପାଳ ଡ. କମ୍ଭମପାଟି ଏହି ସ୍ୱୀକୃତିକୁ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହ ଲୋକ ଭବନକୁ ସବୁଜ ପରିସରରେ ପରିଣତ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସର ଏହା ଫଳ ବୋଲି



କହିଥିଲେ। ରାଜ୍ୟପାଳ କହିଥିଲେ ଯେ ସବୁଜିମା, ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାର, ବୈଦ୍ୟୁତିକ ଯାନର ବ୍ୟବହାର ସମେତ ବିଭିନ୍ନ ପଦକ୍ଷେପକୁ ଏହି ପ୍ରମାଣପତ୍ରରେ ସ୍ୱୀକୃତି ମିଳିଛି। ଯେଉଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା, ଲୋକ ଭବନ ପକ୍ଷରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଶେଷରେ ଆମେ ସର୍ବୋଚ୍ଚ ରେଟିଂ ହାସଲ କରିପାରିଛୁ। ଆଗାମୀ ଦିଲ୍ଲୀ ଗସ୍ତ ସମୟରେ ସେ ଏହି ପ୍ରମାଣପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖାଇବେ ବୋଲି ଡ. କମ୍ଭମପାଟି କହିଥିଲେ। ଏହି ସଫଳତା ଅନ୍ୟାନ୍ୟ ଅନୁଷ୍ଠାନକୁ ମଧ୍ୟ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ସହ ସବୁଜ ପ୍ରମାଣପତ୍ର ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଲୋକ ଭବନ ବାହାରେ ମଧ୍ୟ ଏହି ସବୁଜ ବାର୍ତ୍ତାକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କୁ ସବୁଜ ପ୍ରମାଣପତ୍ର ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ପରିବେଶ ସଚେତନତା ସୃଷ୍ଟିରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧିକ ଭୂମିକା ନେଇପାରିବେ ବୋଲି ସେ କହିଥିଲେ। ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବାରୁ ସେମାନେ ପରିବେଶ ସୁରକ୍ଷାର ଆମ୍ବାସଡର ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ। ଲୋକ ଭବନରେ ନିଆଯାଇଥିବା ଅକ୍ଷୟ ଶକ୍ତି ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ପରିସରରେ ବର୍ତ୍ତମାନ ୬୩୫ କିଲୋୱାଟ୍ ପିକ୍ (ଲଡକ୍ସ) ସୌର ଶକ୍ତି କ୍ଷମତା ସମ୍ପନ୍ନ ସିଷ୍ଟମ ସ୍ଥାପିତ ହୋଇଥିବା ସେ କହିଥିଲେ। ଘର ଓ ବିଭିନ୍ନ ଅନୁଷ୍ଠାନରେ ଅଧିକରୁ ଅଧିକ ରୁଫ ଟପ ସୋଲାର ସିଷ୍ଟମ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଜର୍ମାନୀରେ ବର୍ଷକୁ ପ୍ରାୟ ୧୦୦ ଦିନ ସୂର୍ଯ୍ୟକିରଣ ମିଳେ, ତଥାପି ସେଠାରେ ସୌର ଶକ୍ତିର ବ୍ୟବହାର କରାଯାଉଛି। ଆମ ପାଖରେ ବର୍ଷକୁ ପ୍ରାୟ ୩୦୦ ଦିନ ସୂର୍ଯ୍ୟକିରଣ ମିଳେ।

▶▶ ୫

# ୮ ଘଣ୍ଟା ୨୩ ମିନିଟ୍ ଚାଲିଲା ରତ୍ନ ଅଳଙ୍କାର ଗଣତି

**ପୁରୀ, ୧୯/ଏନ୍‌ଏନ୍‌ଏସ୍ :**

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କାର୍ଯ୍ୟର ସପ୍ତଦଶ ଦିନରେ ରେକର୍ଡ ସମୟ ଧରି ଗଣତି ହୋଇଛି। ମଙ୍ଗଳବାର ଗୋଟିଏ ଦିନରେ ଦୀର୍ଘ ୮ ଘଣ୍ଟା ୨୩ ମିନିଟ୍ ଧରି ଗଣତି କାର୍ଯ୍ୟ ଚାଲିଥିଲା। ପୂର୍ବାହ୍ନ ୧୧ଟା ୧୫ରେ ଗଣତି ଟିମ୍ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରିଥିବା ବେଳେ ସନ୍ଧ୍ୟା ୭ଟା ୩୮ ମିନିଟ୍ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିଥିଲା। ମୁଖ୍ୟତଃ ଭିତର ରତ୍ନଭଣ୍ଡାରର ପଞ୍ଚମ ଆଲମିରାରେ ଥିବା ରତ୍ନ ଅଳଙ୍କାରର ଗଣତି କରାଯାଇଛି। ୧୯୭୮ ମସିହାର ତାଲିକା ସହ ବର୍ତ୍ତମାନର ଗଣତିର ମେଳକ ଏଯାବତ୍ ସଠିକ୍ ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଭିତର ରତ୍ନଭଣ୍ଡାରରେ ଥିବା ୩ଟି କାସ୍କେଡ୍‌ର ଗଣତି ଏଯାବତ୍ ହୋଇନାହିଁ। ଏହି ୩ଟି କାସ୍କେଡ୍‌ର କେବଳ ମାପ ନିଆଯାଇଛି। ନୀତିକାନ୍ତିକୁ ଦୃଷ୍ଟିରେ ରଖି ଚଳିତ ସେପ୍ଟେମ୍ବର ମାସରେ ଆଉ ଗଣତି କାର୍ଯ୍ୟ ହେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ପରବର୍ତ୍ତୀ ଗଣତି କେବେ ହେବ, ସେ ନେଇ ଶ୍ରୀମନ୍ଦିର କମାଣ୍ଡର୍‌ଙ୍କ ସହ



ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ସପ୍ତଦଶ ଦିନ ସୁଦ୍ଧା ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ୩ଟି ଝୋବାକଣ୍ଠୀର ଗଣତି ଶେଷ ହୋଇଛି। ଏଥିସହ ଚଳନ୍ତି ରତ୍ନଭଣ୍ଡାର ଓ ବାହାର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଏଯାବତ୍ ମୋଟ ୯୩ ଘଣ୍ଟା ୫୧ ମିନିଟ୍‌ର ଗଣତି କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ ୧୯୭୮ ମସିହାର ତାଲିକାରେ ଥିବା ମାତ୍ର ସେତେବେଳେ ଚିହ୍ନଟ ହୋଇପାରିନଥିବା କେତେକ ରତ୍ନ ଅଳଙ୍କାରର ଚିହ୍ନଟ କାର୍ଯ୍ୟ ମଧ୍ୟ କରାଯାଇଛି। ନୂଆ ଏସ୍‌ଓପି ଅନୁଯାୟୀ ସମସ୍ତ ଗଣତି ଶେଷ ହେବା ପରେ ଭିତର ରତ୍ନଭଣ୍ଡାରରେ ଥିବା ୬ଟି ଆଲମିରାକୁ ନୀଳାଦ୍ରି ମ୍ୟୁଜିୟମ୍ ପାର୍ଶ୍ୱବର୍ତ୍ତୀ ଗୃହକୁ ସ୍ଥାନାନ୍ତର

▶▶ ୫

## ନିଟ୍‌ରେ କୃତିତ୍ୱ ପାଇଁ ପାର୍ଥ ସାରଥୀଙ୍କୁ ସମ୍ବର୍ଦ୍ଧନା



**କଟକ, ୧୯/ଏନ୍‌ଏନ୍‌ଏସ୍:** ଡାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ନିଟ୍‌ରେ କୃତିତ୍ୱ ଅର୍ଜନ କରିଥିବା ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ରନଗର ଅଞ୍ଚଳର ସାମ୍ବାଦିକ ଉମାକାନ୍ତ ଜେନାଙ୍କ ପୁତ୍ର ପାର୍ଥ ସାରଥୀ ଜେନାଙ୍କୁ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମ୍ବର୍ଦ୍ଧିତ କରିଛନ୍ତି । ଶ୍ରୀ ବିଶ୍ୱାଳ ଆଜି ପାର୍ଥ ସାରଥୀଙ୍କ ବାସଭବନରେ ପହଁଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ଫିରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ମାହୁନ୍ତ, ସରୋଜ ସ୍ୱାଇଁ, ରାଜେନ୍ଦ୍ର ଷଡ଼ଙ୍ଗୀ, ରମେଶ ଚୌଧୁରୀ, ରାଧେଶ୍ୟାମ ରଣା,ମହେଶ ପାଟରା,ଅକ୍ଷୟ ପଣ୍ଡା, ଶୁଭେନ୍ଦୁ ମିଶ୍ର, ପ୍ରଦୀପ ସେଠୀ, ମାଗୁଣି ଚରଣ ଦାସ ଉପସ୍ଥିତ ଥିଲେ ।

# କଟକରୁ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଗଲେ ୧୯୭ ବରିଷ୍ଠ ନାଗରିକ

**କଟକ, ୧୯/ଏନ୍‌ଏନ୍‌ଏସ୍:** ବରିଷ୍ଠ ନାଗରିକମାନଙ୍କୁ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦୋସ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କଟକ ଦତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଉପନିର୍ଦ୍ଦେଶକ ପର୍ଯ୍ୟଟନ, ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ସରକାର ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଆଜି ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା । ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୩ ଘଟିକା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ । କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି ।



# କେଡିଏର ୪୪ତମ ପ୍ରତିଷ୍ଠା ଦିବସ ପାଳିତ



**କଟକ, ୧୯/ଏନ୍‌ଏନ୍‌ଏସ୍:** କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ (କେଡିଏ) ପକ୍ଷରୁ ଆଜି ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ୱିଣ୍ଡସର ପ୍ଲେସ୍‌ରେ ଏହି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେଡିଏର ଉପାଧ୍ୟକ୍ଷା କିରଣଦୀପ୍ କୌର ସହୋତା, କହିଥିଲେ ଯେ, କେଡିଏର ୪୪ ବର୍ଷର ଯାତ୍ରା କେବଳ ସମୟର ମାପକାଠି ନୁହେଁ, ବରଂ ଏହା ଦଶନ୍ଧି ଦଶନ୍ଧି ଧରି କଟକ ସହରରେ ଘଟିଥିବା ପରିବର୍ତ୍ତନ ଓ ବିକାଶର ପ୍ରତିଫଳନ । ଚାରି ଦଶନ୍ଧି ମଧ୍ୟରେ କଟକ ସହରରେ ବ୍ୟାପକ ବିକାଶ ଓ ପରିବର୍ତ୍ତନ ଘଟିଛି । ସହରର ବିକାଶ ଜାରି ରହିଥିବା ବେଳେ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି କେଡିଏ ପକ୍ଷରୁ ସୁଚିନ୍ତିତ, ସ୍ଥାୟୀ ଓ ଲୋକାଭିମୁଖୀ ସହରୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହି କାର୍ଯ୍ୟକ୍ରମରେ କେଡିଏର ସଚିବ ଜନକ କୁମାର ନାୟକ କହିଥିଲେ, ସମଗ୍ର କେଡିଏ ଟିମ୍‌ର ମିଳିତ ପ୍ରୟାସ ଯୋଗୁଁ କଟକର ବିକାଶ ଓ ପ୍ରଗତି ସମ୍ଭବ ହୋଇଛି । ଏକ ଉନ୍ନତ ଓ ଅଧିକ ବାସଯୋଗ୍ୟ ସହର ଗଠନର ଲକ୍ଷ୍ୟ ହାସଲ ପାଇଁ ଟିମ୍‌ୱର୍କ ଓ ସାମୂହିକ ଦାୟିତ୍ୱ ଅତ୍ୟନ୍ତ ଆବଶ୍ୟକ । କେଡିଏର ଇଞ୍ଜିନିୟରିଂ ସଦସ୍ୟ ଇଞ୍ଜିନିୟର ଅତୁନ କୁମାର ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେଡିଏର ଅର୍ଥ ସଦସ୍ୟ ପ୍ରଣବ କୁମାର ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉମା କୁମାରୀ ମାଝୀ, ଉପ ଅର୍ଥ ପରିଚାଳକ ସୀମାନ୍ତ ସେନାନାୟକ, ଏଟିପି ବିଷ୍ଣୁ ପ୍ରସାଦ ସାହୁ ଏବଂ ଭୂମି ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଷ୍ଟିସ କୃଷ୍ଣ ରାମ ମହାପାତ୍ର ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି



**କଟକ, ୧୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ହାଇକୋର୍ଟର ବିଚାରପତି କୃଷ୍ଣ ରାମ ମହାପାତ୍ର ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ । ତାଙ୍କୁ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଛନ୍ତି । ଅଗଷ୍ଟ ୬ରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ଏହି ସୁପାରିସ କରାଯାଇଥିବା ସୁପ୍ରିମକୋର୍ଟ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି । ଆସନ୍ତା ସେପ୍ଟେମ୍ବର ୪ରେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଅବସର ଗ୍ରହଣ କରିବେ । ତାଙ୍କ ଅବସର ପରେ ଜଷ୍ଟିସ୍ ମହାପାତ୍ର ଏହି ଦାୟିତ୍ୱ ନେବେ । ଜଷ୍ଟିସ୍ ମହାପାତ୍ର ୧୯୬୫ ଏପ୍ରିଲ ୧୮ରେ ଜନ୍ମଗ୍ରହଣ କରିଥିଲେ । ସେ ବି.ଏ. ପରେ ଏଲ୍‌ଏଲ୍.ବି. ଡିଗ୍ରୀ ହାସଲ କରିଛନ୍ତି । ସେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ଜଷ୍ଟିସ୍ ଶରତଚନ୍ଦ୍ର ମହାପାତ୍ରଙ୍କ ପୁତ୍ର । ଜଷ୍ଟିସ୍ ମହାପାତ୍ର ୧୯୮୮ ଫେବୃଆରୀ ୭ରେ ଓଡ଼ିଶା ଷ୍ଟେଟ୍ ବାର କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ । ବାର୍‌ରେ ସେ ପ୍ରାୟ ୨୬ ବର୍ଷ ଧରି ବିଭିନ୍ନ ଆଇନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିଲେ । ସିଭିଲ୍, ସର୍ଭିସ୍, ଫୌଜଦାରୀ ଓ ସମ୍ବିଧାନିକ ଆଇନ ସମେତ ଅନ୍ୟାନ୍ୟ ଆଇନ କ୍ଷେତ୍ରରେ ସେ ମାମଲା ପରିଚାଳନା କରିଛନ୍ତି । ଏଥିସହ ଗାର୍ଡିଆନ୍ସ ଆଣ୍ଡ ୱାର୍ଡସ୍ ଆକ୍ଟ, ହିନ୍ଦୁ ମାଇନରିଟି ଆଣ୍ଡ ଗାର୍ଡିଆନ୍‌ସିପ୍ ଆକ୍ଟ, ହିନ୍ଦୁ ଆଡପସନ୍ ଆଣ୍ଡ ମେଂଟେନାନ୍ସ ଆକ୍ଟ ଓ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ସମ୍ବନ୍ଧୀୟ ମାମଲାରେ ମଧ୍ୟ ତାଙ୍କର ଅଭିଜ୍ଞତା ରହିଛି । ସେ ରାଜ୍ୟ ସରକାରଙ୍କ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ୍ ଭାବେ କାର୍ଯ୍ୟ କରିବା ସହ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ମଧ୍ୟ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ । ଏହାଛଡ଼ା ସେ ରାଜ୍ୟ ସରକାରଙ୍କ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ୍ ଏବଂ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)ର ଆଇନଜୀବୀ ଭାବେ କାର୍ଯ୍ୟ କରିଛନ୍ତି ।

# ଭାଗବତ ଗାଦି ପୂଜାମଣ୍ଡପ ନବୀକରଣ କାର୍ଯ୍ୟର ଶିଳାନ୍ୟାସ



**କଟକ, ୧୯/ଏନ୍‌ଏନ୍‌ଏସ୍:** ସାହେବଜାଦା ବଜାରସ୍ଥିତ ଭାଗବତ ଗାଦି ପୂଜା ମଣ୍ଡପର ନବୀକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି ।ଏହି ପୂଜା ମଣ୍ଡପର ନବୀକରଣ ପାଇଁ ସ୍ଥାନୀୟ ଜନସାଧାରଣ ବିଧାୟିକାଙ୍କୁ ପୂର୍ବରୁ ଅନୁରୋଧ କରିଥିଲେ । ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବିଧାୟିକା ତୁରନ୍ତ ଏହି କାର୍ଯ୍ୟ ପାଇଁ ନିଜ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଥିଲେ । ଶିଳାନ୍ୟାସ ଅବସରରେ ବିଧାୟିକା ସ୍ଥାନୀୟ ଅଂଚଳବାସୀ ଓ ପୂଜା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ମଣ୍ଡପର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ସହ ଏହାର ଗୁଣବତା ଓ ଉଚ୍ଚମାନ ବଜାୟ ରଖିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି ।ଏହି ଶିଳାନ୍ୟାସ ଉତ୍ସବରେ ସାହେବଜାଦା ବଜାର ପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଓବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ଶେଠୀ,ଏକ୍ରାମ ହୁସେନ, ହରେକୃଷ୍ଣ ବେହେରା, କମଲେଶ ସାଗର, ଲକ୍ଷ୍ମୀଧର ମହାପାତ୍ର, ଅକ୍ଷୟ ସାହୁ, ବଳରାମ ଶେଠୀ, ଶିବ ସେଠୀ, ସହିଲ ପରଭେଜ, ମୀରା ବେହେରା, ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## କେଏମ୍‌ସିରୁ ଆର୍‌ଟିଆଇରେ ମିଳୁନି ତଥ୍ୟ

**କଟକ, ୧୯/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ (କେଏମ୍‌ସି)ରେ ସଠିକ୍ ଭାବରେ ପାଳନ ତଥ୍ୟ ମାଗିବାର ନିୟମ ପାଳନ କରାଯାଉ ନାହିଁ ବୋଲି ସାମାଜିକ କର୍ମୀ ସୁକାନ୍ତ ସେଠୀ ଅଭିଯୋଗ କରିଛନ୍ତି । କେଏମ୍‌ସିରେ ବୃଦ୍ଧବୃଦ୍ଧାମାନେ ୫ ବର୍ଷରୁ ଉର୍ଦ୍ଧ ଭତା ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ସେମାନଙ୍କୁ ଭତା ପ୍ରଦାନରୁ ବଂଚିତ କରାଯାଇଛି । ଯୋଗ୍ୟ ହିତାଧିକାରୀଙ୍କୁ କିଏ ଓ କାହିଁକି କାହା ସ୍ୱାର୍ଥରେ ଭତା ପାଇବାରୁ ବଞ୍ଚିତ କରାଯାଇଛି, ତାହାର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ୨୨ ଜୁଲାଇ ୨୦୨୬ ରେ କେଏମ୍‌ସି କୁ ଆର୍‌ଟିଆଇରେ ତଥ୍ୟ ମାସାଧିକ କାଳରୁ ମଗାଯାଇଥିଲା ବେଳେତଥ୍ୟ ପ୍ରଦାନ କରାଯାଇ ନଥିବାରୁ ଶ୍ରୀ ସେଠୀ କେଏମ୍‌ସିର ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି ।

# ମାରୱାଡ଼ୀ କ୍ଲବ୍‌ରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ



**କଟକ, ୧୯/ଏନ୍‌ଏନ୍‌ଏସ୍:** ମାଣିକଘୋଷ ବଜାରସ୍ଥିତ ମାରୱାଡ଼ୀ କ୍ଲବ୍‌ଠାରେ ସମାଜସେବୀ ସଂଜୟ କୁମାର ଶର୍ମାଙ୍କ ନେତୃତ୍ୱରେ ଏକ ସାଂସ୍କୃତିକ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ଏକ ସାଝ-ଶ୍ୟାମ୍‌କେ ନାମ' ଶୀର୍ଷକରେ ଆୟୋଜିତ କାର୍ଯ୍ୟକ୍ରମରେ ମାରୱାଡ଼ୀ ସମାଜର ବହୁ ସଦସ୍ୟ, ଯୁବବର୍ଗ ଓ ମାନ୍ୟଗନ୍ୟ ବ୍ୟକ୍ତି ଆଧାତ୍ମିକ ପରିବେଶରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ମାତୃଶକ୍ତି' ପକ୍ଷରୁ ଆୟୋଜିତ ଶିଶୁ ମାନଙ୍କ ଉପରେ ଏକ ବିଶେଷ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଶିଶୁମାନେ ବାଳକୃଷ୍ଣଙ୍କ ବିଭିନ୍ନ ରୂପରେ ସଜ୍ଜିତ ହୋଇ ଆକର୍ଷଣୀୟ ଝାଙ୍କି ଓ ସାଂସ୍କୃତିକ ପ୍ରଦର୍ଶନ କରିଥିଲେ । କାହ୍ନା-ରାଧାଙ୍କ ଶୋଭାଯାତ୍ରା, ମା' ଯଶୋଦା ଓ ଶ୍ରୀକୃଷ୍ଣଙ୍କ ମନୋହର ଦୃଶ୍ୟ ସହ ନୌକାବିହାର ଓ ନୌକା ମଧ୍ୟରେ ଗୋପାଳଙ୍କ ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା । 'ମାତୃଶକ୍ତି'ର ସଦସ୍ୟା ସମ୍ପତି ମୋଡା, ନୀଲମ ସାହା, ସଙ୍ଗୀତା କରନାନୀ ଓ ଅଲକା ସିନ୍ଧୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏହି ସନ୍ଧ୍ୟାଟି 'ଏକ ସାଝ-ଶ୍ୟାମକେ ନାମ'ରେ ଶୁଭାରମ୍ଭ ହୋଇଥିଲା । ସୁନାମଧନ୍ୟ ଭଜନ କଳାକାର ଦିନେଶ ଜୋଶୀ, ଦୀପକ ବାଜୋରିଆ, ରାହୁଲ ବାଜୋରିଆ,ବିଶାଳ ଅଗ୍ରୱାଲ,ସୁନୀଲ ସାଙ୍ଗାନେରିଆ,ଅଞ୍ଜନୀ ଅଗ୍ରୱାଲ ଓ କମଳ ବଶିଷ୍ଠ ଶ୍ରୀଗଣେଶଙ୍କ ବନ୍ଦନା ସହ ଭଜନ ଶୁଭାରମ୍ଭ କରିଥିବା ବେଳେ କୋଲକାତାରୁ ଆସିଥିବା ସୁପରିଚିତ ଭଜନ କଳାକାର ନିହାଲ ଠକୁରାଲଙ୍କ ମଧୁର କଣ୍ଠରେ ଭଜନ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଏହି ଅବସରରେ ମାରୱାଡୀ ସମାଜର ଅଧ୍ୟକ୍ଷ ପଦ ପାଇଁ ପାର୍ଥୀ ସଂଜୟ କୁମାର ଶର୍ମା ତାଙ୍କର ୨୦୨୬-୨୮ କାର୍ଯ୍ୟକାଳ ପାଇଁ ସଂକଳ୍ପପତ୍ର ଉନ୍ମୋଚିତ ହୋଇଥିଲା । ଗଣେଶ ପ୍ରସାଦ କଣ୍ଡୋଇ, ଶଙ୍କର ଗୁପ୍ତା,ସୁରେଶ ପୋଦ୍ଦାର, ନରେନ୍ଦ୍ର କୁମାର ମୋଦୀ, ପ୍ରଦୀପ ଫଂସାରୀ, ବିନୋଦ କୁମାର ସରାଗୀ, ମୋହନଲାଲ ସିନ୍ଧୀ, ନରେଶ ଗଣେରୀୱାଲ, ଅମିତ ଅଗ୍ରୱାଲ,ଶିବ କୁମାର କ୍ୟାଲ,ରବୀନ୍ଦ୍ର ଅଗ୍ରୱାଲ, ବିନୋଦଅଗ୍ରୱାଲ, ସତ୍ୟନାରାୟଣ ଭରାଲେବାଲା,ଅବିନାଶ ଛାପୋଲିଆ,ହୁକୁମ ସିଂହଙ୍କ ସମେତ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସ ସ୍କୁଲ୍ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍‌ରେ ସ୍ୱାଗତ ଉତ୍ସବ




**କଟକ, ୧୯/ଏନ୍‌ଏନ୍‌ଏସ୍:** ଡ୍ରିମ୍‌ସ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍‌ରେ ନବାଗତ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ'ଆରମ୍ଭ-ଟୁକେ୨୬'ଉଦ୍‌ଘାଟିତ ହୋଇଛି । ରାଣୀଦେବୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟପୁରୋଧା ଭାବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦକୁ ପାଥେୟ କରି ଛାତ୍ରଛାତ୍ରୀ ନିଜକୁ ସଫଳ ମଣିଷ ଭାବରେ ଗଢିତୋଳିବା ଲାଗି ଯତ୍ନବାନ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ମ୍ୟାନେଜମେଂଟ୍‌ଷ୍ଟ ସ୍କୁଲର 'ଡିନ୍' ପ୍ରଫେସର ଡ. ରଘୁନାଥ ସାହୁ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । 'ଡିନ୍'ଡ. ବିଶ୍ୱରଂଜନ ଷଡଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଗୌରବ ପଣ୍ଡା ସଂଯୋଜନା କରିଥିଲେ ।

# ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ୧୯/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୧୨ତାରିଖ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ । ଏ ସମ୍ବନ୍ଧରେ ଅଧିକ ତଥ୍ୟ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, କଟକର ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

# ସିଦ୍ଧାନ୍ତ ଭି. ଅମ୍ଭାତିପୁଡ଼ିଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ




**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ନ୍ୟୁଟ୍ରା କ୍ରିଏସନ୍ସ ଦ୍ୱାରା ପ୍ରକାଶିତ ଏବଂ ୧୩ ବର୍ଷୀୟ ଶିଶୁ ଲେଖକ ସିଦ୍ଧାନ୍ତ ଭି. ଅମ୍ଭାତିପୁଡ଼ିଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ 'ରେନିଂ ଥଟ୍‌ସ' ଓ 'ଦି ୱାଇଲ୍ଡ ରେଡ୍ ଉଡ୍‌ସ ଅଫ କାଲିଫର୍ଣ୍ଣିଆ (ଭ୍ରମଣ କାହାଣୀ)' ୟୁନିଟ୍-୩ ସ୍ଥିତ ବୁଦ୍ଧମନ୍ଦିରର ନୂତନ ସମ୍ମିଳନୀ କକ୍ଷରେ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଉକ୍ତ ଉନ୍ମୋଚନ ଉତ୍ସବରେ ବରେଣ୍ୟ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଓଡ଼ିଶା ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନ୍‌ହୁର, ବରିଷ୍ଠ ସାହିତ୍ୟିକ ତଥା ଶିକ୍ଷାବିତ୍ ଡକ୍ଟର ଅଶୋକ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ପୂର୍ବତନ ସହ-ନିର୍ଦ୍ଦେଶକ ବିରଞ୍ଚି ମିଶ୍ର, ଅର୍ଗସ ନ୍ୟୁଜ୍‌ର ମୁଖ୍ୟ ସମ୍ପାଦକ ଶିଶିର ଭଞ୍ଜ ମିଶ୍ର, ବରିଷ୍ଠ ସାହିତ୍ୟିକ ତଥା ଶିକ୍ଷାବିତ୍ ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଏବଂ ନ୍ୟୁଟ୍ରା କ୍ରିଏସନ୍ସର ନିର୍ଦ୍ଦେଶକ ସରୋଜ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଡକ୍ଟର ରଶ୍ମି ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଡାକ୍ତର ସୁକାନ୍ତି ସୁଚରିତା ନାୟକ ଓ ତାଙ୍କ ସୁକନ୍ୟା ସୁଶ୍ରୀ ମନ୍‌ସା ନାୟକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ୧୩ ବର୍ଷୀୟ ଶିଶୁ ଲେଖକ ସିଦ୍ଧାନ୍ତ ଭି. ଅମ୍ଭାତିପୁଡ଼ି ତାଙ୍କର ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ବରେଣ୍ୟ ଅତିଥିବୃନ୍ଦ ଏହି ବିସ୍ମୟ ପ୍ରତିଭାର ଭୂରି ଭୂରି ପ୍ରଶଂସା କରିବା ସହ ପୁସ୍ତକର ଲିଖନ ଶୈଳୀ, ଶିଶୁ-କିଶୋରମାନଙ୍କ ମଧ୍ୟରେ ପଠନ ପ୍ରବୃତ୍ତିର ବିକାଶ ତଥା ପୁସ୍ତକ ଲିଖନ ଦ୍ୱାରା ହେଉଥିବା ମାନସିକ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ । ଡକ୍ଟର ଅଶୋକ କୁମାର ମହାନ୍ତି ପୁସ୍ତକ ଦ୍ୱୟର ସମୀକ୍ଷା କରିଥିବା ବେଳେ ପ୍ରକାଶକ ସରୋଜ କୁମାର ଶତପଥୀ ପୁସ୍ତକ ପ୍ରକାଶନର ଆଭିମୁଖ୍ୟ, ପ୍ରଚାର ପ୍ରସାର ଓ ବ୍ୟବହାର ବିଷୟରେ ଆଲୋଚନା କରିଥିଲେ । ସିଦ୍ଧାନ୍ତ ଭି. ଅମ୍ଭାତିପୁଡ଼ିଙ୍କ ପିତା ପ୍ରଫେସର ଶ୍ରୀନିବାସ କିରଣ ଅମ୍ଭାତିପୁଡ଼ି ଓ ମାତା ପ୍ରଫେସର ପ୍ରଣୀତା ଷଡ଼ଙ୍ଗୀ ଅଭିଭାବକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଜେଜେବାପା, ଜେଜେମା, ଅଜା, ଆଈ ପ୍ରମୁଖ ଲେଖକଙ୍କୁ ତାଙ୍କ କୃତି ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଶେଷରେ ସରୋଜ କୁମାର ଶତପଥୀ ଧନ୍ୟବାଦ୍ ଦେଇଥିଲେ ।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ପିଜି ଛାତ୍ରଙ୍କ ବନ୍ଧୁମିଳନ



**କଟକ, ୧୯/ଏନ୍‌ଏନ୍‌ଏସ୍:** ୨୦୦୭ ମସିହା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୁରାତନ ପିଜି ଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ କଟକ ସଦର ଅନ୍ତର୍ଗତ ୪୨ମୌଜାସ୍ଥିତ ସ୍ୱର୍ଣ୍ଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ତଥା ସମାଜସେବୀ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଦୀର୍ଘ ୧୭ବର୍ଷର ବ୍ୟବଧାନ ପରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ଏକତ୍ରିତ ହୋଇ ପରସ୍ପର ସହ ଭାବ ବିନିମୟ କରିଥିଲେ । ଦୀର୍ଘ ବର୍ଷ ପରେ ଏକାଠି ହୋଇଥିବା ଛାତ୍ରମାନେ ନିଜ ଛାତ୍ରଜୀବନର ଅଭୁଲା ସ୍ମୃତି ଓ ପୁରୁଣା ଦିନର ଅନୁଭୂତିକୁ ପରସ୍ପର ମଧ୍ୟରେ ବାଂଟିଥିଲେ । ଏହି ଅବସରରେ ପୁରାତନ ବନ୍ଧୁମାନଙ୍କ ମଧ୍ୟରେ ଆତ୍ମୀୟତା ଓ ସମ୍ପର୍କର ସେତୁ ଆହୁରି ମଜଭୁତ ହୋଇଥିଲା । ପରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ସମସ୍ତେ ଆନନ୍ଦ ଉପଭୋଗ କରିଥିଲେ । ପୁରୁଣା ବନ୍ଧୁମାନଙ୍କ ଏହି ମିଳନ ଉପସ୍ଥିତ ସମସ୍ତଙ୍କ ମନରେ ନୂଆ ଉତ୍ସାହ ଓ ଆନନ୍ଦ ଭରିଦେଇଥିଲା ।

## ୬ ଦିନିଆ ଦିଲ୍ଲୀ ଗସ୍ତରେ ନବୀନ

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଛଅ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଏହି ଗସ୍ତକାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । କ'ଣ ପାଇଁ ନବୀନ ଦିଲ୍ଲୀ ଗଲେ ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର୍ ଧରିଛି । ବିଜେଡି ଉପସଭାପତି ଦେବୀ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ ନବୀନଙ୍କ ଗସ୍ତ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବୋଲି ପ୍ରକାଶ କରିଛନ୍ତି । ସେହିପରି ଦେବୀଙ୍କ କଥାକୁ ଦୃଢ଼ ଭାବେ ସମର୍ଥନ କରିଛନ୍ତି ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର । ଡ. ମିଶ୍ର କହିଛନ୍ତି ଯେ, ନବୀନ ବାବୁ ସେପ୍ଟେମ୍ବର ୧ରୁ ଯାଇଛନ୍ତି, ସେପ୍ଟେମ୍ବର ୬ରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତବେଳେ କିଛି ଘରୋଇ ଓ ପରିବାର କାର୍ଯ୍ୟ ରହିଛି । ତେଣୁ ସବୁକିଛି ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ ହେବନାହିଁ ।

ସନ୍ତାନ ଆଶାରେ ଔଷଧ ଖାଇ ଦମ୍ପତିଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ

# ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଗିରଫ



**ଫୁଲବାଣୀ,୧୧୯/ଏନ୍ଏନ୍ଏସ୍:** ଗତ ୨୪ ଓ ୨୫ ତାରିଖରେ ଗୋଚ୍ଛାପଡା ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତ ନେଡିପଦର ଗ୍ରାମର ଏକ ଦମ୍ପତି ସନ୍ତାନ ଆଶାରେ ଜନୈକ ଗୁଣିଆଙ୍କ ଠାରୁ ଔଷଧ ଖାଇ ମୃତ୍ୟୁ ମୁଖରେ ପଡିବା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସର ତଦନ୍ତରେ ଜଣାପଡିଛି। ନିଜକୁ ଗୁଣିଆ ପରିଚୟ ଦେଇଥିବା ମୁଖ୍ୟ ଅଭିଯୁକ୍ତ ଅନୀଲ ପ୍ରଧାନ ଓରଫ ମିଥୁନ ଦିଗାଲ ସହିତ ତାକୁ ଫେରାର ହେବାରେ ସହାୟତା କରିଥିବା ବୁଡିପଡା ଗ୍ରାମର ସିତାୟା କହଁରକୁ ଗିରଫ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସ୍ଥାନୀୟ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ। ସୂଚନା ଅନୁଯାୟୀ, ଗୋଚ୍ଛାପଡା ଥାନା ନେଡିପଦରର କାହ୍ନୁ ଚରଣ କହଁର ଓ ଲଳିତା କହଁରଙ୍କ ବିବାହର ୨୦ ବର୍ଷ ପରେ ମଧ୍ୟ ସନ୍ତାନ ହେଉ ନ ଥିଲା। ଫଳରେ ସେମାନେ ଗ୍ରାମର ଜନୈକ ବ୍ୟକ୍ତିଙ୍କ ପରାମର୍ଶ କ୍ରମେ ରାଇକିଆ ଥାନା କାଲାନାଜୁ ଗ୍ରାମର ଅନୀଲଙ୍କ ସହିତ ସମ୍ପର୍କ କରିଥିଲେ। ନିଜକୁ ଜଣେ ଗୁଣିଆର ପରିଚୟ ଦେଇ ଅନୀଲ ଏହି ଦମ୍ପତିଙ୍କୁ ସନ୍ତାନ ହେବା ପାଇଁ ଔଷଧ ଦେଇଥିଲେ। ଏଥିପାଇଁ ତାଙ୍କ ଠାରୁ ପ୍ରଥମେ ୩୦ ହଜାର ଟଙ୍କା ଓ ପରେ ପ୍ରାୟ ୧ ଲକ୍ଷ ଟଙ୍କାର ସୁନାଗହଣା ନେଇଥିଲା ଅନୀଲ। ତେବେ ଔଷଧ କାମ ନ କରିବାରୁ କାହ୍ନୁ ତାଙ୍କୁ ସମସ୍ତ ଟଙ୍କା ଫେରସ୍ତ ମାଗିଥିଲେ। ପୁଲିସର ସୂଚନା ଅନୁଯାୟୀ, ଇତି ମଧ୍ୟରେ ଅନୀଲ କାହ୍ନୁଙ୍କ ପତ୍ନୀ ଲଳିତାଙ୍କ ସହିତ ଅନୈତିକ ସମ୍ପର୍କ ସ୍ଥାପନ କରିଥିଲେ। ଏହା ପରେ ଲଳିତା ତାଙ୍କ ସହିତ ବିବାହ କରିବାକୁ ଚାହିଁଥିଲେ। କିନ୍ତୁ ଅନୀଲ ପୂର୍ବରୁ ବିବାହିତ ଥିବାରୁ ଏଥିରେ ରାଜି ହୋଇ ନଥିଲେ। ତେବେ ଲଳିତା ବିବାହ ପାଇଁ ଜିଦ ଧରିବାରୁ ଏବଂ ନେଇଥିବା ଟଙ୍କା ଫେରାଇବାରୁ ବର୍ତ୍ତିବା ପାଇଁ ଅନୀଲ ଦମ୍ପତିଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ସନ୍ତାନ ହେବା ପାଇଁ ପୁଣି ଏକ ଔଷଧ ଖାଇବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇଥିଲା ଅନୀଲ। ପୁଲିସର ତଦନ୍ତରୁ ଜଣା ପଡିଥିବା ତଥ୍ୟ ଅନୁସାରେ, ଗତ ମାସ ୧୨ ତାରିଖରେ ଅନୀଲ ଫୁଲବାଣୀର ଏକ ଦୋକାନରୁ କୀଟନାଶକ କିଣି ଏହାକୁ ଔଷଧ ବୋଲି କହି କାହ୍ନୁଙ୍କୁ ଦେଇଥିଲା। ୨୨ ତାରିଖ ରାତିରେ ଦମ୍ପତି ଏହି ଔଷଧ ପିଇବା ପରେ ଗୁରୁତର ହୋଇ ପଡିଥିଲେ। ସେମାନଙ୍କୁ ପ୍ରଥମେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୨୪ ତାରିଖ ଦିନ ଲଳିତାଙ୍କ ମୃତ୍ୟୁ ହୋଇଥିଲା। ପରଦିନ ସ୍ୱାମୀ କାହ୍ନୁ ମଧ୍ୟ ମୃତ୍ୟୁ ମୁଖରେ ପଡିଥିଲେ। ଏ ନେଇ ଗୋଚ୍ଛାପଡା ଥାନାରେ ଏତଲା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ସଦର ଏସଡିପିଓ ଶୁଭ୍ରଜିତ

**ଔଷଧ କହି କୀଟନାଶକ ଦେଇଥିଲା ଅଭିଯୁକ୍ତ**

ବିଶ୍ୱାଳ ଓ ଗୋଚ୍ଛାପଡା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଅନୀଲ ଓରଫ ମିଥୁନକୁ ବ୍ରହ୍ମପୁରରୁ ଗିରଫ କରାଯାଇଛି। ତାକୁ ଫେରାର ହେବାରେ ସହଯୋଗ କରିଥିବା ଗୋଚ୍ଛାପଡା ଥାନା ବୁଡିପଡାର ସିତାୟାକୁ ମଧ୍ୟ ଗିରଫ କରିଛି ପୁଲିସ। ସୂଚନା ଅନୁଯାୟୀ, ମିଥୁନ ନାମରେ ପୂର୍ବରୁ ତାମିଲନାଡୁର ବିଭିନ୍ନ ଥାନାରେ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରହିଛି। ସେଠାରେ ମାମଲା ରୁଜୁ ପରେ ସେ ପରିଚୟ ବଦଳାଇ ଫୁଲବାଣୀରେ ରହୁଥିଲା। ଆଜି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଦୁଇ ଚକିଆ ମୋଟର ସାଇକଲ ସହିତ ୪ଟି ମୋବାଇଲ୍ ଏବଂ ବିଷାକ୍ତ ଔଷଧ କାଚ ମଧ୍ୟ ଜବତ କରାଯାଇଛି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର

**ଭୁବନେଶ୍ୱର,ବ୍ରହ୍ମପୁର,୧୧୯/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ କଳାକାରମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନିକଟରେ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପାରମ୍ପରିକ କଳା ପ୍ରଦର୍ଶନରେ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ। ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯୦ରୁ ଊର୍ଦ୍ଧ୍ୱ କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। କଳାକାରମାନଙ୍କ ସହ ଭାବ ବିନିମୟ



ସମୟରେ ମହାମହିମ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ମହାମହିମ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। କଳାକାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି। ରାଷ୍ଟ୍ରପତି ଭବନ ପରିଦର୍ଶନ, ମହାମହିମ ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସୌର

**ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଉଚ୍ଚ କଲେ ପ୍ରଶଂସା**

**ଯେଉଁ କାମ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରନ୍ତୁ**

ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଶ୍ରୀ ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି। ଏହି ପ୍ରତିନିଧି ଦଳ ସହିତ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ।

# ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ୧,୭୬୩ ଶିକ୍ଷାନୁଷ୍ଠାନରେ ସଚେତନତା

**ଭୁବନେଶ୍ୱର,୧୧୯/ଏନ୍ଏନ୍ଏସ୍:** ନିଶାମୁକ୍ତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ନିଶାମୁକ୍ତ ଭାରତ ଅଭିଯାନ' ଅଧୀନରେ ରାଜ୍ୟବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ ଜାରି ରହିଛି। ଗତ ଅଗଷ୍ଟ ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମୟ ମଧ୍ୟରେ ୧,୭୬୩ ଟି ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ନିଶା ବିରୋଧୀ ବାର୍ତ୍ତା ପହଞ୍ଚାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୧୬୨ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗଞ୍ଜାମରେ ୧୧୭ଟି, ଖୋର୍ଦ୍ଧାରେ ୧୦୧ଟି, ରାୟଗଡ଼ାରେ ୮୫ଟି ଏବଂ କଳାହାଣ୍ଡିରେ ୭୯ଟି ଶିକ୍ଷାନୁଷ୍ଠାନରେ ଏହି ଅଭିଯାନ ପହଞ୍ଚିଛି। ଏହି ରାଜ୍ୟବ୍ୟାପୀ ଅଭିଯାନରେ ୨୬ଟି ପୁଲିସ ଜିଲ୍ଲା ନିଜ ଏସ୍ ?ପିମାନଙ୍କ ନେତୃତ୍ୱ, ପୁଲିସ କର୍ମଚାରୀଙ୍କ ପ୍ରୟାସ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସକ୍ରିୟ ସହଯୋଗ ଯୋଗୁଁ ନିଶା ବିରୋଧୀ ସଚେତନତାର ବାର୍ତ୍ତା ତୃଣମୂଳସ୍ତରରେ ପହଞ୍ଚାଇବା ସମ୍ଭବ ହୋଇଛି। ନିଶାଦ୍ରବ୍ୟ ସେବନ ଦ୍ୱାରା ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ, ପରିବାର, ଶିକ୍ଷା, ଜୀବନ ଓ ଭବିଷ୍ୟତ ପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ନିଶା ବିରୋଧୀ ଲଢ଼େଇରେ ସକ୍ରିୟ ଭାବେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଅଭିଯାନର ଲକ୍ଷ୍ୟ କେବଳ ନିଶାଦ୍ରବ୍ୟର



କୁପ୍ରଭାବ ସମ୍ପର୍କରେ ସଚେତନ କରିବାରେ ସୀମିତ ନୁହେଁ। ଯୁବପିଢ଼ିଙ୍କୁ ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପ୍ରେରଣା ଦେବା ସହ ସ୍କୁଲ, କଲେଜ, ଶିକ୍ଷକ, ଛାତ୍ରଛାତ୍ରୀ ଓ ପରିବାରକୁ ନିଶା ବିରୋଧୀ ଲଢ଼େଇର ସକ୍ରିୟ ସହଯୋଗୀ ଭାବେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ୨୦୨୯ ସୁଦ୍ଧା ଏକ ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ଓଡ଼ିଶା ପୁଲିସର ଦୃଢ଼ ସଂକଳ୍ପ ବୋଲି କହିଛନ୍ତି। ଏହି ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ନିଶା ବିରୋଧୀ ସଚେତନତା ଓ ପ୍ରତିରୋଧମୂଳକ କାର୍ଯ୍ୟକ୍ରମ ନିରନ୍ତର ଜାରି ରହିବ। ନିଶା ବିରୋଧୀ ଲଢ଼େଇରେ ପୁଲିସ ସହିତ ପରିବାର, ଶିକ୍ଷାନୁଷ୍ଠାନ, ଯୁବପିଢ଼ି ଓ ସମାଜର ପ୍ରତ୍ୟେକ ବର୍ଗର ସହଭାଗିତା ହିଁ ଏହି ଅଭିଯାନର ସବୁଠାରୁ ବଡ଼ ଶକ୍ତି ବୋଲି ସେ ସୂଚନା ଦେଇଛନ୍ତି। ଏହି ରାଜ୍ୟବ୍ୟାପୀ ଅଭିଯାନକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଏସ୍‌ପି, ପୁଲିସ କର୍ମଚାରୀ, ଶିକ୍ଷାନୁଷ୍ଠାନ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅନ୍ୟ ସମସ୍ତ ସହଯୋଗୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି।

ଶ୍ରୀକ୍ଷେତ୍ରରେ ଝୁଲଣ ଯାତ

# ନୃତ୍ୟ ସେବାରେ ରାଧାମାଧବଙ୍କ ମନ ମୋହିଲେ ଡକ୍ଟର ଚିତ୍ତରଞ୍ଜନ

**ଭୁବନେଶ୍ୱର,୧୧୯/ଏନ୍ଏନ୍ଏସ୍:** ଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ମାନବୀୟ ବିଜେସ୍ଥଳୀ ଶ୍ରୀକ୍ଷେତ୍ରରେ ଦ୍ୱାଦଶ ଯାତ୍ରା ମଧ୍ୟରେ ସପ୍ତଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଝୁଲଣ ଯାତ ଶ୍ରୀମନ୍ଦିରର ଭିତର ବେଢା ମୁକ୍ତିମଣ୍ଡପରେ ଓ ଶ୍ରୀକ୍ଷେତ୍ରର ଅନେକ ମଠ ମନ୍ଦିରରେ ଖୁବ୍ ଆନନ୍ଦ ସହକାରେ ଆୟୋଜିତ ହୋଇଥାଏ। ଝୁଲଣ ଜାତର ଶେଷ ଦିବସ ବିଶେଷ ଭାବରେ ବିଭିନ୍ନ ନାମରେ ଖ୍ୟାତ ହୋଇଆସିଛି ଯଥା ଝୁଲଣ ପୂର୍ଣ୍ଣିମା, ରାଖି ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା ବା ବଳଭଦ୍ର ଜନ୍ମ ନାମରେ ଶ୍ରକ୍ଷେତ୍ରରେ ବିଶେଷ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରି ଆସିଛି। ଏହି ଝୁଲଣ ଯାତ୍ରାରେ ମହାପ୍ରଭୁଙ୍କ ବିଜେପ୍ରତିମା ଶ୍ରୀମଦନମୋହନ ଭୁଦେବୀ ଓ ଶ୍ରୀଦେବୀ



ଝୁଲଣ ମଣ୍ଡପକୁ ବିଜେ କରିବା ପରେ ଝୁଲଣ ସଂଗୀତ ଓ ନୃତ୍ୟରେ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ଅବସରରେ ଅନ୍ତଃରାଷ୍ଟ୍ରୀୟ ସୁଖ୍ୟାତ ସମ୍ପନ୍ନ ଆଧ୍ୟାତ୍ମ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଓଡ଼ିଆ ପ୍ରାଧାପକ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ଝୁଲଣ ଯାତ୍ରାରେ ଭକ୍ତି ରସାତ୍ମକ ଲାବଣ୍ୟ ଓଡିଶୀ ନୃତ୍ୟ ପରିବେଷଣ କରି ମହାପ୍ରଭୁଙ୍କ ମନ ମୋହିବାରେ ପ୍ରୟାସ କରିଛନ୍ତି ବୋଲି କୁହନ୍ତି। ଡକ୍ଟର ଚିତ୍ତରଞ୍ଜନ ଏଥିସହ ଏମାର ମଠ, ରାଧାବଲ୍ଲଭ ମଠ ଓ ଉତ୍ତରପାର୍ଶ୍ୱ ମଠରେ ନୃତ୍ୟ ପରିବେଷଣ କରି ଶ୍ରୀଜୀଉଙ୍କ ସହ ଉପସ୍ଥିତ ଶତାଧିକ ଭକ୍ତବୃନ୍ଦ ଓ ଜନମନ ହରଣ କରିଛନ୍ତି ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ଓଡ଼ିଆ ଅଧ୍ୟାପକ ଓ ଓଡିଶୀ ନୃତ୍ୟଶିଳ୍ପୀ ଭାବରେ ଦେଶବିଦେଶରେ ଉଭୟ ଓଡ଼ିଆ ଭାଷା ସାହିତ୍ୟ ଓ ଓଡିଶୀ ନୃତ୍ୟର ପ୍ରଚାର ପ୍ରସାର କରିବା ସହ ରୋପ୍ୟନଗରୀ କଟକ ସହରରେ ନିଜସ୍ୱ ନୃତ୍ୟାନୁଷ୍ଠାନ 'ନୃତ୍ୟଶାଳା ସଂସ୍କୃତି କେନ୍ଦ୍ର'ରେ ନୃତ୍ୟ ଶିକ୍ଷା ଦେବାସହ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଗୁଣ୍ଡିଚା ଯାତ୍ରା, ବାହୁଡ଼ା, ନୀଳାଦ୍ରି ବିଜେ, ଚନ୍ଦନ ଯାତ୍ରା, ଦୋଳ ଯାତ୍ରା, ଝୁଲଣ ଯାତ୍ରା ସହ ଶେଷ ଦୁଇଥର ନବକଳେବର ଯାତ୍ରାରେ ଦାରୁ ଛେଦନ ସ୍ଥାନରୁ ଶ୍ରୀମନ୍ଦିରେ ପ୍ରବେଶ ପର୍ଯ୍ୟନ୍ତ ଦୀର୍ଘ ରାସ୍ତାରେ କାଳିଆ ସାଆନ୍ତେଙ୍କ ପାଇଁ ନୃତ୍ୟ ସେବା ଯୋଗାଇ ଆସୁଛନ୍ତି।

# 'ଇଗ୍ନୋ'ରେ ପୁନଃ ପଞ୍ଜିକରଣ ଅବଧି ୧୫କୁ ବୃଦ୍ଧି

**ଭୁବନେଶ୍ୱର,୧୧୯/ଏନ୍ଏନ୍ଏସ୍:** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଏବଂ ପୁନଃ ପଞ୍ଜିକରଣ ପ୍ରକ୍ରିୟାର ଆରମ୍ଭ ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା, (ସ୍ନାତକୋତ୍ତର ଡିପ୍ଲୋମା) ନାମଲେଖା ପ୍ରକ୍ରିୟା ଏବଂ ପୁନଃ ପଂଜୀକରଣ ପ୍ରକ୍ରିୟା ଚଳିତ ସେପ୍ଟେମ୍ବର ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁରହିବ କିନ୍ତୁ ପୁନଃ ପଞ୍ଜିକରଣ ପାଇଁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ହେବ। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ନୂତନ ପଞ୍ଜିକରଣ ପ୍ରକ୍ରିୟା ପାଇଁ ଆଞ୍ଚଳିକ କେନ୍ଦ୍ରରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ୍ କୁମାର ଦାଶ ସୂଚନା ଦେଇଛନ୍ତି।

ବିଡିଏର ୪୪ତମ ପ୍ରତିଷ୍ଠା ଦିବସ

# ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବାର ଲକ୍ଷ୍ୟ

**ଭୁବନେଶ୍ୱର,୧୧୯/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତଥା ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଏବଂ ବିଡିଏ ଅଧ୍ୟକ୍ଷ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଡିଏର ପ୍ରତ୍ୟାଶିତ ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ବିବରଣୀ ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ। ରାଜଧାନୀବାସୀଙ୍କୁ ଏହି ପ୍ରକଳ୍ପ ସମସ୍ତ ସୁବିଧା ସହିତ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବ ବୋଲି ସେ କହିଥିଲେ। ଓଡ଼ିଶାକୁ ଶ୍ରେଷ୍ଠ କରିବାକୁ ହେଲେ ପ୍ରଥମେ ଭୁବନେଶ୍ୱରକୁ ବିକଶିତ କରିବାକୁ ହେବ ବୋଲି ମଧ୍ୟ ସେ କହିଥିଲେ।ମନ୍ତ୍ରୀ କହିଛନ୍ତି ଯେ, ବିଡିଏ କେବଳ ଘର ତିଆରି କରୁନାହିଁ; ଲୋକଙ୍କ ଆବଶ୍ୟକତା ଦେଖି କାମ କରୁଛି। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ। ସହରର ଅଭିବୃଦ୍ଧି, ଲୋକଙ୍କ ସ୍ୱପ୍ନର ଘର ଓ ସବୁଜିମା ସଂରକ୍ଷଣ ସହିତ ସିୱେରେଜ୍ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ଟି.ପି. ସ୍କିମ୍‌କୁ ସେ ଲୋକଙ୍କ ଆଶାର ମେରୁଦଣ୍ଡ ବୋଲି କହିଛନ୍ତି। ଏଥିରେ ସାଧାରଣ ଲୋକଙ୍କୁ ସବୁ ସୁବିଧା ମିଳିବ। ଜମିର ମୂଲ୍ୟ ବଢ଼ିବ ଓ ଲୋକେ



ଲାଭ ପାଇବେ। ସ୍ୱଚ୍ଛତା ରଖି ବସ୍ତିବାସୀଙ୍କୁ ସୁବିଧାଯୁକ୍ତ ଘର ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସହରାଞ୍ଚଳ ବାସହୀନଙ୍କ ପାଇଁ ଆଶ୍ରୟ ପ୍ରକଳ୍ପକୁ ପ୍ରାଥମିକତା ଦେବାକୁ କହିଥିଲେ। ରାଜ୍ୟର ବିକାଶରେ ବିଡିଏ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ହେବ ବୋଲି ସେ କହିଥିଲେ। ସେହିଭଳି ଦୟା କେନାଲ ଓ ଗଙ୍ଗୁଆ ନାଳ ପୁନରୁଦ୍ଧାର ପାଇଁ ଗୁରୁତ୍ୱାରୋପ କରିବା ବେଳେ ଜଟଣୀ ମ୍ୟୁନିସିପାଲିଟି ଚେୟାରମ୍ୟାନ ଅନନ୍ତ ବେହେରା ଜଟଣୀରେ ବାଛରା ହିଲଟପ ପାର୍କ ବିକାଶରେ ବିଡିଏର ଭୂମିକା ଉପରେ କହିଥିଲେ ଏବଂ ଆଲୋକିକରଣ ଓ ଖେଳପଡ଼ିଆ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଡିଏର ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ଘରର ମୂଲ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତି ଓ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରଣ କରାଯାଇଛି। ଏହା ରାଜଧାନୀର ଅନେକ ପରିବାର ପାଇଁ ନିଜସ୍ୱ ଘରର ସ୍ୱପ୍ନ ସାକାର କରିବାରେ ସହାୟକ ହେବ। ୭.୩୬ ଏକର ଜାଗାରେ ଏକାମ୍ର ରେସିଡେନ୍ସି ପ୍ରକଳ୍ପ ନିର୍ମିତ ହୋଇଛି। ଏଠାରେ ତିନୋଟି ଟାୱାର ରେ ୪୧୬ଟି ଦୁଇ ଶୟନକକ୍ଷ ବିଶିଷ୍ଟ ଗୃହ (୨ ବିଏଚ୍‌କେ) ଓ ୨୮୮ଟି ତିନି ଶୟନକକ୍ଷ ବିଶିଷ୍ଟ ଫ୍ଲାଟ୍ (୩ ବିଏଚ୍‌କେ) ରହିଛି। ଏହାକୁ ବିଶ୍ୱସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଯେଉଁଥିରେ ଭୂମିକମ୍ପ-ପ୍ରତିରୋଧୀ ବ୍ୟବସ୍ଥା, କମ୍ୟୁନିଟି ହଲ୍, ସୁଇମିଂ ପୁଲ୍, ୱାକିଂ ଟ୍ରାକ୍, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟ୍‌ନେସ୍ ସେଣ୍ଟର, ସିୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ୱାଟର ରିଚାର୍ଜ ବ୍ୟବସ୍ଥା, ପାୱାର ବ୍ୟାକ୍‌ଅପ୍, ସିସିଟିଭି ନିରୀକ୍ଷଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ସହାୟକ ଭିତ୍ତିଭୂମିର ବ୍ୟବସ୍ଥା ରହିଛି ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର କେବଳ ରାଜଧାନୀ ନୁହେଁ, ଏହା ରାଜ୍ୟର ମୁଖ ଓ ଭବିଷ୍ୟତ। ଆଗାମୀ ଦିନରେ ଯେଉଁ ୨୦ ବର୍ଷିଆ ବିକାଶ ନକ୍ସା ପ୍ରସ୍ତୁତ ହେଉଛି, ତାହା ଯୋଜନାବଦ୍ଧ ସହରୀକରଣ, ସଡ଼କ, ନିଷ୍କାସନ, ସୁଲଭ ଆବାସ, ପାର୍କ, ଖେଳପଡ଼ିଆ ଓ ସାମାଜିକ ଭିତ୍ତିଭୂମିକୁ ଏକ ସୂତ୍ରରେ ବାନ୍ଧିବ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଥିଲେ। ସେ କହିଛନ୍ତି ଯେ ୪୪ ବର୍ଷର ଅଭିଜ୍ଞତା ଆମକୁ ଶିଖାଇଛି ଯେ କେବଳ ଯୋଜନା ଯଥେଷ୍ଟ ନୁହେଁ। ସଠିକ୍ କାର୍ଯ୍ୟାନୁଷ୍ଠାନ, ଜବାବଦିହିତା ଓ ନାଗରିକଙ୍କ ସହଯୋଗ ହିଁ ରାଜଧାନୀକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିପାରିବ। ଆଗାମୀ ୨୦ ବର୍ଷର ନକ୍ସା ସେହି ଲକ୍ଷ୍ୟକୁ ଆଧାର କରି ପ୍ରସ୍ତୁତ ହେଉଛି। ଏହି ଅବସରରେ ବିଡିଏ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅତିରିକ୍ତ ଆୟୁକ୍ତ ସ୍ମିତା ରାଣୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଟ୍ ଇଣ୍ଡିଆ ଏବଂ ଓଡ଼ିଶା ଅର୍ବାନ୍ ଏକାଡେମୀ ସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏମ୍ଓୟୁ




**କଟକ,୧୧୯/ଏନ୍ଏନ୍ଏସ୍:** ଶିକ୍ଷା, ଶିକ୍ଷାନୁଷ୍ଠାନ ଏବଂ ଭାରତୀୟ ଜ୍ଞାନ ପରମ୍ପରା ମଧ୍ୟରେ ଉତ୍ତମ ବୁଝାମଣାକୁ ନୂତନଦିଗଦର୍ଶନ ଦେଇ କୁଟ୍ ତଥା ଓଡ଼ିଶା ସରକାରଙ୍କ ଓଡ଼ିଶା ଅର୍ବାନ୍ ଏକାଡେମୀ ସହ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଉକ୍ତ ବୁଝାମଣା ଫଳରେ ମାନସିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ, କ୍ଷମତା ନିର୍ମାଣ, ଯୋଗ, ଧ୍ୟାନ ତଥା ଆୟୁର୍ବେଦ ଆଧାରିତ ସମଗ୍ର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କ୍ଷେତ୍ରରେ ଉଭୟ ପକ୍ଷରୁ ମିଳିତ ପ୍ରୟାସ କରାଯିବ। ଏକ ସନ୍ତୁଳିତ ଜୀବନ ଶୈଳୀ ଆପଣାଇବାରେ ଏହା ସହାୟକ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାସଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ତଥା ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତି ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ମଧ୍ୟ ଉପସ୍ଥିତ ଥିଲେ। ଶୈକ୍ଷିକ ବିଶେଷଜ୍ଞତା ଏବଂ ଭାରତୀୟ ଜ୍ଞାନ ପରମ୍ପରା ଆଦି ମଧ୍ୟରେ ଏହି ବୁଝାମଣା ଯୋଗୁଁ ସୁନ୍ଦର ସମନ୍ୱୟ ରକ୍ଷା କରାଯାଇ ପାରିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଦକ୍ଷିଣାଞ୍ଚଳ ଆଇଜି ଭାବେ ଦାୟିତ୍ୱ ନେଲେ ଜେଏନ୍ ପଙ୍କଜ

**ବ୍ରହ୍ମପୁର,୧୧୯/ଏନ୍ଏନ୍ଏସ୍:** ଦକ୍ଷିଣାଞ୍ଚଳ ପୁଲିସ୍ ଆଇଜି ଭାବେ ଆଇପିଏସ୍ ଅଧିକାରୀ ଜେଏନ୍ ପଙ୍କଜ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଆଇଜି ନୀତି ଶେଖରଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦକ୍ଷିଣାଞ୍ଚଳରେ ଆଇନ୍‌କୁ ଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧ ନିୟନ୍ତ୍ରଣ ପ୍ରତି ପ୍ରାଥମିକତା ରହିବ ବୋଲି ପ୍ରତିକ୍ରିୟାରେ ନୂତନ ଆଇଜି ଜେଏନ୍ ପଙ୍କଜ କହିଛନ୍ତି । ପ୍ରତି ଥାନାରେ ଅଭିଯୋଗ ପାଇଁ ଆସୁଥିବା ଲୋକଙ୍କୁ ପୁଲିସ୍‌ର ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଏବଂ ବିଭିନ୍ନ କେସଗୁଡିକର ସଠିକ୍ ତଦନ୍ତ କରି ଅଭିଯୋଗକାରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆଇଜି କହିଛନ୍ତି ।

## ଗୋଟିଏ କେନ୍ଦ୍ରରେ ଚାଲିଛି ସଂସ୍କୃତ ଶାସ୍ତ୍ରୀ ପରୀକ୍ଷା




**ଆସିକା,୧୧୯/ଏନ୍ଏନ୍ଏସ୍:** ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧିନରେ ପରିଚାଳିତ ଯୁକ୍ତ-୩ ଦ୍ୱିତୀୟ ବର୍ଷ ଶାସ୍ତ୍ରୀ (ଚତୁର୍ଥ ସେମିଷ୍ଟାର) ପରୀକ୍ଷା ଗତ ସୋମବାର ଠାରୁ ସ୍ଥାନୀୟ ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ଓ ଦ୍ୱିତୀୟ ଦିନରେ ପରୀକ୍ଷାର୍ଥୀ ମାନେ ସମ୍ମାନ ପାଠ୍ୟକ୍ରମରେ ସାହିତ୍ୟ ଓ ବ୍ୟାକରଣ ବିଷୟରେ ପରୀକ୍ଷା ଦେଇଥିଲେ । ସମୁଦାୟ ୩୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାପଡିଛି । ଆସିକା ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ତଥା ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ବାବାନାଥ ମିଶ୍ରଙ୍କ ନେତୃତ୍ୱରେ ଅଧ୍ୟାପକ ଶିଶିର କୁମାର ମିଶ୍ର, ଅଧ୍ୟାପିକା କବିତା କୁମାରୀ ଦାସ, କିରାଣୀ ଟୁନା ମହାରଣା ପ୍ରମୁଖ ଏହି ଯୁକ୍ତ-୩ ଦ୍ୱିତୀୟ ବର୍ଷ (ଶାସ୍ତ୍ରୀ) (ଚତୁର୍ଥ ସେମିଷ୍ଟାର) ପରୀକ୍ଷାକୁ ସୁପରିଚାଳନା କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଦିନର ପରୀକ୍ଷାରେ ସହଜ ଓ ସରଳ ଏବଂ ଭଲ ପ୍ରଶ୍ନ ପଡିଥିବାରୁ ପରୀକ୍ଷାର୍ଥୀ ମାନେ ଖୁସି ଥିବା ପରିଲକ୍ଷିତ ହୋଇଥିଲା । ସକାଳ ୧୦ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସିସିଟିଭି ନଜରରେ ପରୀକ୍ଷା କେନ୍ଦ୍ର ରହିଥିଲା । ମୋବାଇଲ ଫୋନ୍‌କୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଥିଲା । ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରରେ କଡା ଯାଞ୍ଚର ସମ୍ମୁଖୀନ ହୋଇଥିଲେ । ପରୀକ୍ଷାର୍ଥୀମାନେ ପ୍ରଥମ ଦିନ ଓ ଦ୍ୱିତୀୟ ଦିନର ପରୀକ୍ଷା ଶୃଙ୍ଖଳିତ ଭାବେ ଦେଇଥିବା ଦେଖିବାକୁ ମିଳିଥିଲା । ପରୀକ୍ଷା କେନ୍ଦ୍ରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପରୀକ୍ଷାର୍ଥୀ ମାନଙ୍କ ପାଇଁ ପାନୀୟ ଜଳର ସୁବନ୍ଦୋବସ୍ତ କରାଯାଇଥିଲା ।

## ‘ଏସ୍ଆଇଆର୍ କାର୍ଯ୍ୟରେ ଗଞ୍ଜାମର ଅଗ୍ରଗତି ସନ୍ତୋଷଜନକ’

**ଛତ୍ରପୁର,୧୧୯/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍-୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ଜିଲ୍ଲା ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ । ଏସ୍ଆଇଆର୍ ପ୍ରକ୍ରିୟାକୁ ନିର୍ଭୁଲ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ସହ ଜଣେ ହେଲେ ମଧ୍ୟ ଯୋଗ୍ୟ ଭୋଟର ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସମସ୍ତେ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଏସ୍ଆଇଆର୍-୨୦୨୬ର ଅଗ୍ରଗତି ସମୀକ୍ଷା ପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶ୍ରୀ ରେଡ୍ଡୀଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଜିଲ୍ଲାର ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ), ଡେପୁଟି କଲେକ୍ଟର ଡ. ଅରୁଣ କୁମାର ଖଣ୍ଡା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏସ୍ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଏସ୍ଆଇଆର୍ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ରାଜନୈତିକ ଦଳଗୁଡ଼ିକର ସହଯୋଗ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ । ପରବର୍ତ୍ତୀ ବୈଠକରେ ଜିଲ୍ଲାର ସମସ୍ତ ଇଆରଓଙ୍କ ସହ ଏସ୍ଆଇଆର୍ କାର୍ଯ୍ୟର ବର୍ତ୍ତମାନ ସୁଦ୍ଧା ଅଗ୍ରଗତି, ଭୋଟର ତାଲିକାର ଶୁଦ୍ଧତା ଏବଂ ଏକ ଆଦର୍ଶ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପରବର୍ତ୍ତୀ କାର୍ଯ୍ୟଯୋଜନା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଶ୍ରୀ ରେଡ୍ଡୀ ଏସ୍ଆଇଆର୍ କାର୍ଯ୍ୟକ୍ରମର ପ୍ରଗତି ନେଇ ସନ୍ତୋଷ ପ୍ରକାଶ କରିବା ସହ ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ସାମିଲ କରିବା ଏବଂ ଅଯୋଗ୍ୟ ନାମକୁ ନିୟମାନୁସାରେ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଲକ୍ଷ୍ମୀ ନାରାୟଣ ପଣ୍ଡା, ଅଶୋକ କୁମାର ପଟ୍ଟନାୟକ, ଏନ୍. ଗଙ୍ଗାଧର ରେଡ୍ଡୀ, ଯୁବରାଜ ବେହେରା, ପ୍ରଶାନ୍ତ କୁମାର ପଣ୍ଡା ଓ ଭଗବାନ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## କଳା ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ

**ଜି ଉଦୟଗିରି, ୧୧୯/ଏନ୍ଏନ୍ଏସ୍:** କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ତରଫରୁ ପୁରୀ ଅର୍ନପୂର୍ଣ୍ଣା ଥିଏଟର ଠାରେ ଶନିବାର ଆୟୋଜିତ ରାଜ୍ୟ ସ୍ତରୀୟ ସାଂସ୍କୃତିକ ସମ୍ମିଳନୀରେ କନ୍ଧମାଳ ଜିଲ୍ଲା ଜି ଉଦୟଗିରିର ପ୍ରତାପ ରୁଦ୍ରପାତ୍ରଙ୍କୁ କଳା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି । ମଞ୍ଚରେ ଏକାଡେମି ନିର୍ଦ୍ଦେଶକ ଶରତ ଚନ୍ଦ୍ର ମହାନ୍ତି, ଅଲ ଓଡିଆ କଳାକାର ସଙ୍ଘ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଶର୍ମା, ଉପ ସଭାପତି ତୁଷାର କାନ୍ତ ବେହେରା ପ୍ରମୁଖ ସମ୍ମାନିତ କରିଥିଲେ । ସମ୍ମାନିତ ହୋଇଥିବା ଶ୍ରୀପାତ୍ର ବିଭନ୍ନ ସଚେତନ ଧର୍ମୀ ଟେଲି ଫିଲ୍ମ କରିବା ସହିତ କଳା କ୍ଷେତ୍ର ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବରୁ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।



# ଏଲ୍ଆଇସି ପକ୍ଷରୁ ୭୦ତମ ବୀମା ସପ୍ତାହ ଉଦ୍‌ଘାଟିତ



**ଆସିକା,୧୧୯/ଏନ୍ଏନ୍ଏସ୍:** ଭାରତୀୟ ଜୀବନ ବୀମା ନିଗମ ଆସିକା ଶାଖା ପକ୍ଷରୁ ୭୦ତମ ବୀମା ସପ୍ତାହ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଭାରତୀୟ ଜୀବନ ବୀମା ନିଗମ ଆସିକା ଶାଖାର ବରିଷ୍ଠ ପରିଚାଳକ ପଦ୍ମଲୋଚନ ଦାଶ ଏହି ବୀମା ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜୀବନ ବୀମା ନିଗମର ପତାକାକୁ ଉତ୍ତୋଳନ କରି ବୀମା କର୍ମଚାରୀ ତଥା ଅଭିକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ଭାରତୀୟ ଜୀବନ ବୀମା ନିଗମର ସଫଳତାକୁ ପ୍ରଶଂସା କରିବା ସହିତ ପଲିସିଧାରୀଙ୍କ ସେବାରେ ଅଧିକ ବ୍ରତୀ ହେବାକୁ କର୍ମଚାରୀ ଓ ଅଭିକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଶାଖା ପରିଚାଳକ ପଦ୍ମଲୋଚନ ଦାଶ ପ୍ରକାଶ କରି କହିଲେ ଯେ ଭାରତୀୟ ଜୀବନ ବୀମା ନିଗମ ସାରା ଭାରତ ବର୍ଷରେ ଗୋଟିଏ କେନ୍ଦ୍ରୀୟ କାର୍ଯ୍ୟାଳୟ ସମେତ ୮ଟି ପ୍ରାଦେଶିକ କାର୍ଯ୍ୟାଳୟ, ୧୧୩ଟି ମଣ୍ଡଳ କାର୍ଯ୍ୟାଳୟ, ୨୦୪୮ଟି ଶାଖା କାର୍ଯ୍ୟାଳୟ, ୧୫୮୪ଟି ସ୍ୟାଟେଲାଇଟ୍ ଶାଖା ମାଧ୍ୟମରେ ଦୀର୍ଘ ୭୦ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ହଜାର ହଜାର ବୀମା ଉପଭୋକ୍ତାଙ୍କୁ ସେବା ଯୋଗାଇ ପ୍ରଗତି ପଥରେ ଆଗେଇ ଚାଲିଛି । ସାରା ଭାରତ ବର୍ଷରେ ଜୀବନ ବୀମା ନିଗମରେ ସମୁଦାୟ ଗତ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ୧କୋଟି ୮୪ ଲକ୍ଷ ୬୨ ହଜାରଟି ନୂଆ ପଲିସି ମାଧ୍ୟମରେ ୨ ଲକ୍ଷ ୬୦ ହଜାର ୬୧୨.୯୭ କୋଟି ଟଙ୍କାର ନୂତନ ବ୍ୟବସାୟ କରିପାରିଛି । ଭାରତୀୟ ଜୀବନ ବୀମା ନିଗମର କାର୍ଯ୍ୟକାରୀ ମୂଳଧନ ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୫୯ ଲକ୍ଷ ୩ ହଜାର ୮୭୬.୪୩ କୋଟିରେ ପହଞ୍ଚିସାରିଥିବା ବେଳେ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଜୀବନ ବୀମା ନିଗମର ଆସିକା ଶାଖା ୨୩ହଜାର ୩୪୪ଟି ପଲିସି ମାଧ୍ୟମରେ ୪୫କୋଟି ୨୦ ଲକ୍ଷ ଟଙ୍କାର ନୂତନ ବ୍ୟବସାୟ କରି ଅଭୂତପୂର୍ବ ସଫଳତା ହାସଲ କରିଛି । ଆସିକା ଶାଖାର ବରିଷ୍ଠ ଶାଖା ପରିଚାଳକ ପଦ୍ମଲୋଚନ ଦାଶଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ଏବଂ ମାର୍ଗଦର୍ଶନ ସାଙ୍ଗକୁ କାର୍ଯ୍ୟରତ କର୍ମଚାରୀ ଏବଂ ଅନ୍ୟାନ୍ୟ ଉନ୍ନୟନ ଅଧିକାରୀ ଓ ଏଜେଣ୍ଟମାନଙ୍କ ଅହରହ ପ୍ରଚେଷ୍ଟାରେ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ରହ୍ମପୁର ଡିଭିଜନ ଅଧୀନରେ ଏଲ୍ଆଇସି ଆସିକା ଶାଖା ପ୍ରଥମ ହେବାର ସୌଭାଗ୍ୟ ଅର୍ଜନ କରିଥିବା ଜଣାପଡିଛି । ବୀମା ସପ୍ତାହ ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଶାଖା ପରିଚାଳକ ପଦ୍ମଲୋଚନ ଦାଶ, ବରିଷ୍ଠ ପଦାଧିକାରୀ ଦେବେନ୍ଦ୍ରନାଥ ଦାଶ, ଶରତ ଚନ୍ଦ୍ର ବେହେରା, ମଙ୍ଗଳା ହାଁସଦା, ଶିଶିର ରଂଜନ ବିଶ୍ୱାଳ, ସମୀର ଦାଶ, ସିମାଞ୍ଚଳ ମୁଦୁଲି, ହରପ୍ରିୟା ମହାରଣା, ସଚ୍ଚିଦାନନ୍ଦ ପାଣିଗ୍ରାହୀ, ଲକ୍ଷ୍ମୀ ପାଲ, ଉନ୍ନୟନ ଅଧିକାରୀ ସଂଜୟ କୁମାର ବିଶ୍ୱାଳ, ରାଜେନ୍ଦ୍ର କୁମାର ଜେନା, ଉମାକାନ୍ତ ବଳ, ରାମଚନ୍ଦ୍ର ସ୍ୱାଇଁ, କିଶୋର ଚନ୍ଦ୍ର ପ୍ରଧାନ, ସୁନିଲ୍ କୁମାର ଗୌଡ, ଏଲ୍ଆଇସି ଏଜେଣ୍ଟ ଆଦି ନାରାୟଣ ସାହୁ, ସୁକାନ୍ତ କୁମାର ଜେନା, ମନୋଜ କୁମାର ମିଶ୍ର, ମନୋଜ କୁମାର ପଟ୍ଟନାୟକ, ରାଜେନ୍ଦ୍ର କୁମାର ଦାଶ, ସୁରେନ୍ଦ୍ର ନାଥ ସ୍ୱାଇଁ, କଲ୍ୟାଣୀ ରାଉଳ, ରୀନା ମହାକୁଡ, ଗୌରହରି ବେହେରା, କେ.ମନୋଜ କୁମାର ପାତ୍ର, ଶ୍ରୀମତୀ ଶୁଭ୍ରାଂଶୁବାଳା ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ଉନ୍ନୟନ ଅଧିକାରୀ, ଏଜେଣ୍ଟ ଉପସ୍ଥିତ ଥିଲେ ।

## ଗଞ୍ଜାମ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ



**ଛତ୍ରପୁର,୧୧୯/ଏନ୍ଏନ୍ଏସ୍:** ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଅଧକ୍ଷା ପ୍ରତିଭା ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅଧକ୍ଷାଙ୍କ ନିଜର କାର୍ଯ୍ୟ ଦକ୍ଷତା ଓ ଲୋକ ସେବା ପାଇଁ ପ୍ରଶଂସା କରିଥିଲେ । ବିକାଶକୁ ଆଗକୁ ନେବାରେ ଗଞ୍ଜାମ ଏନ୍ଏସି ସଠିକ ଭାବେ କାର୍ଯ୍ୟ କରି ଆଜି ରାଜ୍ୟସ୍ତରେ ପୁରସ୍କୃତ ହେବା ଏକ ଉନ୍ନୟନର ମାଇଲ ଖୁଣ୍ଟ ବୋଲି କହିଥିଲେ । ଏହି ଅବସରରେ ଅଧକ୍ଷା ପ୍ରତିଭା ପାଢ଼ୀ ଗତ ୪ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହ ଋଷିକୁଲ୍ୟା ନଦୀ ଉପରେ ହେବାକୁ ଥିବା ବ୍ରିଜ କାମ ଶୀଘ୍ର ଆରମ୍ଭ କରିବା ଏବଂ ସହରରେ ନୂତନ ବସଷ୍ଟାଣ୍ଡ ଓ ନୂତନ ମେଡିକାଲ ପାଇଁ ଜାଗା ଚିହ୍ନଟ କରି କାମ ଆରମ୍ଭ କରିବାକୁ ଦାବି ରଖିଥିଲେ । ଏହି କାର୍ଯ୍ୟ ଖୁବ୍ କମ୍ ଦିନ ମଧ୍ୟରେ କରାଯିବ ବୋଲି ସାଂସଦ ଶ୍ରୀ ପାଣିଗ୍ରାହୀ ଆଶ୍ୱାସନ ଦେଇଥିଲେ । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ ବିବରଣୀ ପାଠ କରିଥିବା ବେଳେ ଉପାଧକ୍ଷ ସୁରେନ୍ଦ୍ର ବାରିକ, ସମାଜସେବୀ ବିନୋଦ ପାଢ଼ୀ ଓ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ । ସିଓ ଅଞ୍ଜଳି ପାଢ଼ୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ସହ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଏବଂ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭୁବନେଶ୍ୱର ‘ଷ୍ଟାର ଅରକେଷ୍ଟା’ ମେଲୋଡି ପରିବେଷଣ ହୋଇଥିଲା ।

## ବିଜୁ ମହିଳା ଜନତା ଦଳର ନବନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଅନିମାଙ୍କୁ ସମ୍ବର୍ଦ୍ଧନା



**ଆସିକା,୧୧୯/ଏନ୍ଏନ୍ଏସ୍:** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଗଞ୍ଜାମ ଜିଲ୍ଲା ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ରୂପେ ଜିଲ୍ଲା ପରିଷଦ ସଦସ୍ୟା ସୁସଂଗଠିକା ଅନିମା ପରିଡା ନିଯୁକ୍ତି ପାଇଛନ୍ତି । ଶ୍ରୀମତି ପରିଡାଙ୍କୁ ଦଳରେ ନୂତନ ଦାୟିତ୍ୱ ମିଳିଥିବାରୁ ଶୁଭେଚ୍ଛୁ, ସମର୍ଥକ, ଦଳୀୟ ନେତା ଓ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ତଥା ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁ ଓ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବି.ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ନବନିଯୁକ୍ତ ଶ୍ରୀମତୀ ଅନିମା ପରିଡାଙ୍କୁ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ବରିଷ୍ଠ ବିଜେଡି ନେତା ଇଂ ସଚ୍ଚିଦାନନ୍ଦ ରାଉତ, ଭବାନୀ ଶଙ୍କର ମଲିକ ଓ ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ସୂର୍ଯ୍ୟକାନ୍ତ ପରିଡା, ଆସିକା ନଗର ବିଜେଡି ସଭାପତି ଏମ୍.ତାରିଣୀ ସେନାପତି, ବିଜେଡି ନେତା ସନ୍ତୋଷ କୁମାର ନାୟକ, ନାଗାର୍ଜୁନ ବିଷୋୟୀ, ଜୟସେନ ସ୍ୱାଇଁ, ଜିତେନ୍ଦ୍ର କୁମାର ବିଷୋୟୀ, ଅରୁଣ ଦଳାଇ, ଗୌରହରି ବେହେରା, ତ୍ରିନାଥ ବେହେରା, ଦେବରାଜ ନାୟକ, ଗଣେଶ ଆଚାର୍ଯ୍ୟ, ରଂଜନ ବିଷୋୟୀ, ମାନସ ରଂଜନ ଗୌଡ, ଶିବପ୍ରସାଦ ଶତପଥୀ, କୈଳାଶ ଚନ୍ଦ୍ର ପ୍ରଧାନ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, ଆକାଶ ସ୍ୱାଇଁ, ବି.ମୋହନ ରାଓ ଦୋରା, ଜି.ସୂର୍ଯ୍ୟ ପ୍ରକାଶ ରାଓ, ସାଇରାଜ ଦଳେଇ, ରବିନ୍ଦ୍ରନାଥ ସାହୁ, ମନୋଜ ନାହାକ, ଟୁକୁନା ନାହାକ, ସଂଜୀବ ମହାରଣା, ଦିଲୀପ ନାହାକ, ବାପିନା ଜେନା, ଭଗବାନ ବିଶ୍ୱାଳ, ସିମାଞ୍ଚଳ ସ୍ୱାଇଁ, ଆକାଶ ସ୍ୱାଇଁ, ପୂର୍ଣ୍ଣ ଗୌଡ, ଲିପୁ ଡାକୁଆ, ଶଙ୍କର ଡାକୁଆ, ସୁନିଲ୍ ପାଣିଗ୍ରାହୀ, ପ୍ରଣବ କୁମାର ପାଢୀ, ଭାସ୍କର ଦୋରା, ଅଜୟ ପାତ୍ର, ମୁନା ପାଣିଗ୍ରାହୀ, ସତ୍ୟନାରାୟଣ ସାମନ୍ତରା, ରାମେଶ୍ୱର ରାଉତ, ବ୍ରଜବନ୍ଧୁ ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତା ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଦଳୀୟ ସଂଗଠନକୁ ସୁଦୃଢ ପାଇଁ ନୂତନ ଗୁରୁଦାୟିତ୍ୱ ମିଳିଥିବାରୁ ଶ୍ରୀମତୀ ଅନିମା ପରିଡା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପୂର୍ବତନ ବିଧାୟିକା ମଂଜୁଳା ସ୍ୱାଇଁଙ୍କ ସମେତ ଦଳର ବରିଷ୍ଠ ନେତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ବରିଷ୍ଠ ନେତାମାନଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ସଂଗଠନକୁ ସୁଦୃଢ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନେ ମତାନ୍ତର ଓ ମନାନ୍ତର ଭୁଲି ସଂଗଠନକୁ ଆହୁରି ସୁଦୃଢ କରିବା ସହ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ରହିବାକୁ ନେତାମାନେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ ।

## ଗ୍ରାମାଞ୍ଚଳ ଖେଳ ଉପରେ ସନିସ୍ କ୍ରିକେଟ୍ କ୍ଲବ୍‌ର ଗୁରୁତ୍ୱ

**ଜି.ଉଦୟଗିରି, ୧୧୯/ଏନ୍ଏନ୍ଏସ୍:** ସନିସ୍ କ୍ରିକେଟ କ୍ଲବର ତରଫରୁ ଆଗାମୀ ଦିନରେ ଗ୍ରାମାଞ୍ଚଳର ପ୍ରତିଭାବାନ ଖେଳାଳିମାନଙ୍କୁ ବାହାର କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି । ଏ ସମ୍ପର୍କରେ ଆଲୋଚନା କରିବା ପାଇଁ କ୍ଲବ ତରଫରୁ ଏକ ପ୍ରସ୍ତୁତି ବୈଠକ ଶ୍ରୀରାମପଦା ଆଦିବାସୀ କଳା ସଂସ୍କୃତି ପରିଷଦ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ରାଜେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଲବର କାର୍ଯ୍ୟକାରୀ କମିଟି ବୈଠକରେ କ୍ଲବର ସ୍ଥାୟୀ, ସାଧାରଣ, ଏବଂ ଖେଳାଳି ମାନଙ୍କର ସଦସ୍ୟତା ବୃଦ୍ଧି ଉପରେ ଆଲୋଚନା କରାଯିବା ସହିତ ଜି ଉଦୟଗିରିର ପଞ୍ଚାୟତ ସ୍ତରୀୟରେ ଥିବା ଲୁକ୍କାୟିତ ପ୍ରତିଭା ମାନଙ୍କୁ ଚିହ୍ନଟ କରି କ୍ଲବରେ ସଦସ୍ୟତା ଦେବା ଏଥିସହ ଗ୍ରାମାଞ୍ଚଳ ର କ୍ରୀଡାସଂଗଠକ ଗୁଡିକୁ ଉତ୍ସାହିତ କରିବା । ଗ୍ରାମାଞ୍ଚଳ ଖେଳ ପ୍ରତି ବିଶେଷ ଆଗ୍ରହ ରଖୁଥିବା ବ୍ୟକ୍ତି ମାନଙ୍କୁ ନେଇ କ୍ଲବର ସଦସ୍ୟତା ଦେଇ କ୍ଲବକୁ ସୁଦୃଢ କରିବା । ଗ୍ରାମାଞ୍ଚଳର ପ୍ରତିଭା ମାନଙ୍କୁ ପ୍ରୋତ୍ସାହନ, ପ୍ରଶିକ୍ଷଣ ଏବଂ ଜିଲ୍ଲା ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଗଲା । ପ୍ରତିଭା ମାନଙ୍କୁ ଚୟନ କରିବା ପାଇଁ ଏକ ଜି . ଉଦୟଗିରି



ଗ୍ରାମାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ରୁ ୧୦ ଟି ଦଳକୁ ନେଇ ୧୬ ବର୍ଷରୁ ୨୮ ବର୍ଷ ମଧ୍ୟର ଯୁବକ ମାନଙ୍କ ମଧ୍ୟରେ ଏକ ଲିଗ୍ କମ ନକ୍ଆଉଟ ପ୍ରତିଯୋଗିତା ୨୦୨୬ ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ଆରମ୍ଭ କରାଯିବ । ରାଷ୍ଟ୍ରୀୟ ନୂତନ କ୍ରୀଡା ନୀତି ଆନୁଯାୟୀ ବାଇ -ଲ ରେ ଏମେଣ୍ଡମେଣ୍ଟ ଏବଂ ସଂଯୋଗ କରିବା ସହ କ୍ଲବର ର୍ନୀବାଚନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଗଲା । ଅର୍ଦ୍ଧ ନିର୍ମାଣ ଜି . ଉଦୟଗିରି ଷ୍ଟାଡିୟମ କୁ ସଂପୁର୍ଣ୍ଣ କରିବା ପାଇଁ ର୍ନୀବାଚିତ ପ୍ରତିନିଧି ସାଂସଦ, ବିଧାୟକ ଏବଂ କ୍ରୀଡା ମନ୍ତ୍ରୀ ଏବଂ ଜିଲ୍ଲାପାଳ ଙ୍କ ସହ ସାକ୍ଷାତ କରି ଏହାର ନିର୍ମାଣ କାର୍ଯ୍ୟ କୁ ସଂପୁର୍ଣ୍ଣ କରିବା ପାଇଁ ପଦକ୍ଷପ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ସାଂସଦ ଏବଂ ବିଧାୟକ ହାତ ପାଣ୍ଠି ରୁ କ୍ଲବ କୋଠା ଏବଂ କ୍ଲବହାଉସ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦେବା ଏବଂ କ୍ଲବର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ ପାଇଁ ସ୍ଥାନୀୟ ତହସିଲଦାର ଙ୍କୁ ଅନୁରୋଧ କରିବା ପାଇଁ ନିସ୍ପତି ଗ୍ରହଣ କରାଗଲା । ଆଜିର ବୈଠକରେ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରଫୁଲ ରାଉତ,ଉମେଶ ବର୍ଗଡି, ମହମ୍ମଦ ନୁର, କାହ୍ନୁଚରଣ ବେହେରା, ସେଖର ପରିଛା, ସୁରୋଜ ମାଝି, ମଳୟ ମହାନ୍ତି , ନିହାର ଭୂଷଣ ନାୟକ (ସଂପାଦକ), ଶ୍ରୀକାନ୍ତ ନାୟକ (କୋଷାଧକ୍ଷ), ଦେବବ୍ରତ ସାହୁୟ, ଏବଂ କ୍ଲବର ଉପଦେଷ୍ଟା ମହମ୍ମଦ ଜିଆଉଦ୍ଦିନ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ




**ରଙ୍ଗେଇଲୁଣ୍ଡା,୧୧୯/ଏନ୍ଏନ୍ଏସ୍:** ଗତ ଅଗଷ୍ଟ ୧୯ ତାରିଖରେ ଗୋଲନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦନଗର ଗାଁରୁ ଚୋରି ହୋଇଥିବା ବାଇକକୁ ଆଜି ପୋଲିସ ଉଦ୍ଧାର କରିବା ସହ ବାଇକ ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଗୋଲନ୍ଥରା ଥାନା ଅଧିନସ୍ଥ ଗୋବିନ୍ଦ ନଗର ଗାଁର ସମୀର ଦାସ, ବ୍ରହ୍ମପୁର ଲାଞ୍ଜିପଲି ଗୌଡ଼ ବନ୍ଧ ସାହିର ତନ୍ମୟ ଦାସ ଏବଂ ବ୍ରହ୍ମପୁର ଗୁଡ଼ସ ରୋଡ଼ ବିଶ୍ୱନାଥ ତୃତୀୟ ଗଳିର ଡମ୍ବରୁ ବେହେରା ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁଯାଇ, ଗତ ୧୯ ତାରିଖରେ ଗୋବିନ୍ଦନଗର ଗାଁର ଡିଲେଶ୍ୱର ନାୟକ ନିଜ ହିରୋ ଏକ୍ସଟ୍ରିମ ବାଇକ ଗାଁ କୋଠଘର ସାମ୍ନାରେ ରଖି ଶୋଇଥବା ବେଳେ ତାହା ଚୋରି ହୋଇଯାଇଥିଲା । ଏ ନେଇ ଡିଲେଶ୍ୱର ଗୋଲନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନା କେଶ ନଂ ୩୪୧/୨୬ ରେ ଏକ ମାମଲା ରୁଜୁ ତଦନ୍ତ ଜାରୀ ରଖିଥିବା ବେଳେ ମଙ୍ଗଳବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ କନିଷି ହାଟରେ ଚଢ଼ାଉ କରି ୩ ଜଣଙ୍କୁ ବାଇକ ସହ କାବୁ କରି ଥାନାକୁ ଆଣିଥିଲେ । ପଚରା ଉଚରା ପରେ ସେମାନେ ବାଇକ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ । ଆଜି ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏଏସଆଇ କୃତିବାସ ସାହୁ ସୂଚନା ଦେଇଛନ୍ତି ।

# ଆସୁଛି ପୂଜା ପାର୍ବଣ, ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର



**ବୁଗୁଡା,୧୧୯/ଏନ୍ଏନ୍ଏସ୍:** ପାର୍ବଣର ଋତୁ ପାଖେଇ ଆସିଲାଣି । ଉତ୍ସବ ମୁଖର ହୋଇ ଉଠିବ ବୁଗୁଡ଼ା ଅଞ୍ଚଳ । ପାର୍ବଣ ପ୍ରସ୍ତୁତିର ପ୍ରଥମ ପର୍ବ ମୂର୍ତ୍ତି ଗଢାରୁ ଆରମ୍ଭ ହୋଇଥାଏ । ସେଥିପାଇଁ ବୁଗୁଡ଼ା ଅଞ୍ଚଳର ମୂର୍ତ୍ତି କାରିଗରମାନେ ମୂର୍ତ୍ତି ଗଢାରେ ମାତି ଗଲେଣି । ଆଉ କିଛି ଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେ ମୂର୍ତ୍ତିରେ ନଡା ବିଡା ଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି । ମୂର୍ତ୍ତି ନିର୍ମାଣରେ ପରିଶ୍ରମ ତୁଳନାରେ ଲାଭ ମିଳୁନଥିଲେ ମଧ୍ୟ କାରିଗରମାନେ ଦେଖାଇ ଚାଲିଛନ୍ତି ନିଜ ହାତର ଯାଦୁଗରୀ । ବୁଗୁଡା ଅଞ୍ଚଳର ବୟୋଜ୍ୟେଷ୍ଠ ତଥା ଅଭିଜ୍ଞ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରାଙ୍କ ସମେତ ତାରା ପ୍ରସାଦ ଭୂୟାଁ,କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ପ୍ରମୋଦ ବେହେରା , ଟୁଟୁ ବେହେରା, ଭଗବାନ ବେହେରା , ବାବୁ ଦୋରା, ଚିତ୍ତ ରଞ୍ଜନ ସାହୁ , ସାଗର ବାଡତ୍ୟା, ପଞ୍ଚୁ ବେହେରା ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି । ବୁଗୁଡା ଏବଂ ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢା ମୂର୍ତ୍ତିର ବେଶ୍ ଚାହିଦା ରହିଛି । ମୂର୍ତ୍ତି ନିମନ୍ତେ ଲୋକଙ୍କ ଶ୍ରଦ୍ଧା ଓ ପ୍ରଶଂସାର ଦୁଇପଦ କଥା ଶୁଣିଲେ କାରିଗରମାନେ ନିଜର କଳାକୁ ଅଧିକ ଜୀବନ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଲୋକଙ୍କ ଏହି ପ୍ରଶଂସା ଟିକକ ତାଙ୍କ ପରିଶ୍ରମ ଓ କଷ୍ଟକୁ ଦୂରେଇ ଦେଇଥାଏ । ବୁଗୁଡା ଏନଏସିର କୁମ୍ଭାର ସାହି ଏବଂ ବ୍ଲକର ଗୋଲିଆ, ବାଦୁଆ ଓ ପଙ୍କଲବାଡି ଆଦି ଗ୍ରାମରେ ଗଢା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ । ତେବେ ଏଇ କିଛି ବର୍ଷ ହେଲା ଚିକିଟା ମାଟିର ଅଭାବ ମୂର୍ତ୍ତି ଗଢାରେ ଏକ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଛି ।

ଚିକିଟା ମାଟିକୁ ଚିକ୍କଣ କରିବା ପାଇଁ କୌଣସି ମିଶ୍ରଣ ଯନ୍ତ୍ର ବାହାରି ନାହିଁ । ଯନ୍ତ୍ର ବାହାରି ଥିଲେ ଅଳ୍ପ ସମୟ ମଧ୍ୟରେ ଅଧିକ ମୂର୍ତ୍ତି ଗଢାଯାଇ ପାରିବା ସହ ମୂର୍ତ୍ତି ଗୁଡିକ ଅଧିକ ଜୀବନ୍ତ ହୋଇପାରିଥାନ୍ତା ବୋଲି କାରିଗର ଗୋଷ୍ଠୀ ପ୍ରକାଶ କରିଛନ୍ତି ।

# ଅଭିଭାବକଙ୍କୁ ଦେଖି ଦୌଡ଼ିଲେ ମଦ୍ୟପ ଶିକ୍ଷକ



**ପରଜଙ୍ଗ,୧୯/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁମୁସି ପଞ୍ଚାୟତ ମହୁଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏକ ଅଭାବନୀୟ ଘଟଣା। ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଭିଭାବକଙ୍କୁ ଦେଖି ଦୌଡ଼ିଲେ ମଦ୍ୟପ ଶିକ୍ଷକ। ସ୍କୁଲ ସମୟରେ ମଦ୍ୟପାନ କରି ଆସୁଥିବା ଏବଂ ବିଦ୍ୟାଳୟରେ ଶୋଇ ରହୁଥିବା ନେଇ ଦୁଇ ଶିକ୍ଷକଙ୍କ ବିରୋଧରେ ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପାଠ ପଢାରୁ ବଞ୍ଚିତ ହେଉଛନ୍ତି।ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଭୋଇ ଏବଂ ସହକାରୀ ଶିକ୍ଷକ ସନ୍ତୋଷ ଭୋଇ ନିୟମିତ ଭାବେ ମଦ୍ୟପାନ କରି ବିଦ୍ୟାଳୟକୁ ଆସୁଥିବା ଅଭିଯୋଗ ହୋଇଛି। ଏପରିକି ସରକାରୀ ନିର୍ଦ୍ଧାରିତ ସମୟକୁ ଅଣଦେଖା କରି ନିଜ ଇଚ୍ଛା ଅନୁସାରେ ବିଦ୍ୟାଳୟକୁ ଆସିବା ଓ ଯିବା ସହ ଛାତ୍ର ଛାତ୍ରୀଙ୍କୁ ପାଠ ନ ପଢ଼ାଇ ବିଦ୍ୟାଳୟରେ ମୋବାଇଲ ଦେଖୁଥିବା ଏବଂ ଶୋଇ ରହୁଥିବା ନେଇ ମଧ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମହୁଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତେବେ ଶିକ୍ଷକଙ୍କ ଏଭଳି ଆଚରଣ ଯୋଗୁଁ

**ଅଭିଯୋଗ ଆଣିଲେ ଅଭିଭାବକ**

ପିଲାଙ୍କ ପାଠପଢ଼ା ଓ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଅଭିଭାବକ। ଘଟଣାକୁ ନେଇ ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେଠାରୁ ଜଣେ ଶିକ୍ଷକ ଶ୍ରେଣୀ କକ୍ଷରୁ ବାହାରି ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିବା ବେଳେ ଅଭିଭାବକମାନେ ତାଙ୍କୁ କାବୁ କରି ନେଇଥିଲେ। ପରେ ସାଥିଆ ଫାଣ୍ଡି ପୁଲିସଙ୍କୁ ହସ୍ତାନ୍ତର କରିଥିଲେ। ଫାଣ୍ଡି ଅଧିକାରୀଙ୍କ ପକ୍ଷରୁ ପରଜଙ୍ଗ ଥାନାରେ ଆଲକହଲ୍ ପରୀକ୍ଷା କରାଯାଇଥିବା ବେଳେ ସଂପୃକ୍ତ ଶିକ୍ଷକ ମଦ୍ୟପାନ କରିଥିବା ଜଣାପଡ଼ିଥିବାର ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଦୁଇ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ସହ ସେହି ସ୍ଥାନରେ ନୂତନ ଶିକ୍ଷକ ଅବସ୍ଥାନ କରନ୍ତୁ। ଘଟଣାର ପ୍ରଶାସନିକ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ଛାତ୍ରଛାତ୍ରୀଙ୍କ ଅଭିଭାବକ। ତେବେ ଏହି ଅଭିଯୋଗ ନେଇ ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀଙ୍କ ପକ୍ଷରୁ ଅଧିକୃତ ପ୍ରତିକ୍ରିୟା ମିଳିବା ପରେ ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ଜଣାପଡିବ।

## ସୋଲାର୍ ବାଡ଼କୁ ନେଇ ଗୋଷ୍ଠୀ ସଂଘର୍ଷ



**କାମାକ୍ଷାନଗର,୧୯/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ଥାନା ବେଢ଼ାପାଳ ଗାଁ ରେ ଗୋଷ୍ଠୀ ସଂଘର୍ଷ। ଫସଲ ସୁରକ୍ଷା ପାଇଁ ପୋତା ଯାଇଥିବା ସୁରକ୍ଷାବାଡ଼କୁ ଓପାଡିବାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣ ମୁହାଁମୁହିଁ। ଉଭୟ ଗୋଷ୍ଠୀର ୨୦ରୁ ଊର୍ଦ୍ଧ୍ୱ ଗୁରୁତର। ସୂଚନା ଅନୁସାରେ, ଗ୍ରାମର ସବର୍ଣ୍ଣ ଗୋଷ୍ଠୀର ଲୋକେ ନିଜର ଫସଲ ସୁରକ୍ଷା ପାଇଁ ବିଲରେ ସୋଲାର ବାଡ଼ ଲଗାଇଥିଲେ। ମାତ୍ର ସେହି ଗ୍ରାମର କିଛି ଅସବର୍ଣ୍ଣ ଲୋକେ ସେହି ତାରବାଡ଼କୁ ଓପାଡି ଫିଙ୍ଗି ଦେଇଥିଲେ। ଯାହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ଦୁଇ, ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପର୍ଣ୍ଣ ରହିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ କାମାକ୍ଷାନଗର ପୁଲିସ ଗାଁ ରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ଗ୍ରାମରେ ଥିବା ଉଭୟ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପୁଲିସ ଗ୍ରାମରୁ ଉଠାଇଆଣି କାମାକ୍ଷାନଗର ଥାନାରେ ଅଟକ ରଖିଛି। ସେହିପରି ଆକ୍ରମଣରେ ବ୍ୟବହୃତ ଠେଙ୍ଗା ଓ ଅନ୍ୟ ଅସ୍ତ୍ରକୁ ମଧ ପୁଲିସ ଜବତ କରିଛି। ଗ୍ରାମରେ ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି କାମାକ୍ଷାନଗର ଏସ୍‌ଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏବେବି ପରିସ୍ଥିତି ଉତ୍ତେଜନା ମୂଳକ ରହିଥିବା ବେଳେ ପୁଲିସ ସଜାଗ ରହି ଘଟଣା ଉପରେ ନଜର ରଖିଛି।

**କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କ୍ ପୁରୁଣା ବସଷ୍ଟାଣ୍ଡ୍ ଶାଖା**

## ଆଜିଠାରୁ ରାତି ୭ ଯାଏଁ ଗ୍ରାହକ ସେବା

**କେନ୍ଦ୍ରାପଡ଼ା,୧୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ୍ ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା ଗ୍ରାହକମାନଙ୍କୁ ପ୍ରତ୍ୟେକ କାର୍ଯ୍ୟଦିବସରେ ସନ୍ଧ୍ୟା ୭ଟା ଯାଏ ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଶାଖା ବୁଧବାର ଠାରୁ ପ୍ରତ୍ୟେକ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ଆର୍ଥିକ କାରବାର(ଦେଣ, ନେଣ) ସେବା ଯୋଗାଇଦେବାକୁ ବ୍ୟାଙ୍କର ପରିଚାଳନା ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ଏହି ସେବା କେବଳ ଅର୍ବାନ ବ୍ୟାଙ୍କ ପୁରୁଣା ବସ୍‌ଷ୍ଟାଣ୍ଡ ଶାଖାରେ ଉପଲବ୍ଧ ହେବ। ଜିଲ୍ଲାର କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପ୍ରଥମ ବ୍ୟାଙ୍କ ଯିଏକି ଏଭଳି ସେବା ଗ୍ରାହକମାନଙ୍କୁ ଯୋଗାଇଦେଉଛି। ଆଗାମୀ ଦିନରେ ଏହି ସେବା ପର୍ଯ୍ୟାୟ କ୍ରମେ ପୂର୍ବାହ୍ନ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଫଳରେ ଗ୍ରାହକମାନେ ଅଧିକ ଉପକୃତ ହୋଇପାରିବେ ବୋଲି ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ



**ବଇଣ୍ଡା,୧୯/ଏନ୍‌ଏନ୍‌ଏସ୍:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ଗ୍ରାମପଞ୍ଚାୟତର ବାଲି କୁଦଗାଁ, କୁଦଗାଁ, ହିଂସେଇ, ଖଡ଼ରପଡ଼ା, ଲୁହାସିଙ୍ଗା ଗ୍ରାମପଞ୍ଚାୟତର ପତାକା, କୁସୁମକୁହୁରି, ରାଣୀପଖାଳ, ଡାହିମାଳ, ଦୋଳାମୁଣ୍ଡେଇ, ଜାମୁଡୋଳି ଗ୍ରାମପଞ୍ଚାୟତର ମାଳିସାହି, କୁତୁଲଶିଙ୍ଗା, ଲିମ୍ବଡିହ ଗ୍ରାମରେ ୨୯ ରୁ ୩୧ ଅଗଷ୍ଟ ୩ଦିନ ବ୍ୟାପୀ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳୀ ତରଫରୁ ଚିହ୍ନଟ କରାଯାଇଥିବା ବନ୍ୟା ପ୍ରଭାବିତ ପରିବାର ଲୋକଙ୍କୁ ଆଶ୍ରୟ ଓ ସ୍ୱଚ୍ଛତା କିଟ ପ୍ରଦାନ କରଯାଇଥିଲା। ସେହି କିଟରେ ପାଲ ୨ଟା, ବାଲଟି, ମଶାରୀ, ଦଉଡ଼ା, ଟୁଥ୍‌ବ୍ରଶ୍, ଟୁଥପେଷ୍ଟ, ସାବୁନ, ସାନିଟାରି ପ୍ୟାଡ୍, ବ୍ୟାଗ ସାମଗ୍ରୀ ୨୫୦ ଜଣ ପରିବାରଙ୍କୁ ଦିଆଯାଇଅଛି। ଉକ୍ତ କାର୍ଯ୍ୟକ୍ରମକୁ କୁଦଗାଁ ପଞ୍ଚାୟତର ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତି, ଲୁହାସିଙ୍ଗା ପଞ୍ଚାୟତର ସରପଞ୍ଚ ସୁଦର୍ଶନ ଗାଇଗରିଆ, ଜାମୁଡୋଳି ପଞ୍ଚାୟତର ସରପଞ୍ଚ ପ୍ରଭାକର ପ୍ରଧାନ, ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ, ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ହରମୋହନ ମହାପାତ୍ର ଓ କର୍ମକର୍ତ୍ତା ଅଭୟ ଚରଣ ସ୍ୱାଇଁ, ସମିତ ମହାକୁଡ, ଅଭିଷେକ ମହାପାତ୍ର, ଗୁଲଶନ ମାଝୀ, ସୁମିତ ବଳିଆର ସିଂ, ଶ୍ୱେତାମ୍ବର ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ମାର୍ଶାଘାଇ,୧୯/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ପରିପ୍ରେକ୍ଷୀରେ 'ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଅଭିଯାନର ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଚ୍ଛାୟତ, ଜିଲ୍ଲା ଯୁବା ପ୍ରମୁଖ ତଥା ଯୁବ ଉଦ୍ୟୋଗୀ ଅଶ୍ୱିନୀ କୁମାର ବେହେରା, ଉତ୍କଳ ସାମ୍ବାଦିକ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ହିମାଂଶୁ ନାୟକ ଏବଂ ପୂର୍ଣ୍ଣକାଳୀନ ରଶ୍ମି ରଞ୍ଜନ ସେଠୀ ଉପସ୍ଥିତ ରହି ସମସ୍ତ ଯୁବକମାନେ ପାଠପଢ଼ା ପରେ କେବଳ ସରକାରୀ ଚାକିରି ପଛରେ ନ ପଡି ନିଜକୁ ଆତ୍ମନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନ କରିବାର ପନ୍ଥା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ଭାରତ ବର୍ଷକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ହେଲେ ସମସ୍ତ ଦେଶବାସୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ସହ 'ଭୋକାଲ ଫର ଲୋକାଲ' ମାଧ୍ୟମରେ ଦେଶୀୟ ବସ୍ତୁର ଆଦର ଓ ପ୍ରୋତ୍ସାହନ ବଢାଇବା ସହ ଯୁବ ସମାଜକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

## ଗଢ଼ିଲା ମେଲେରିଆ, ଡେଙ୍ଗୁ ଓ ଡାଏରିଆ ସଚେତନତା ରଥ



**ରାଜକନିକା,୧୯/ଏନ୍‌ଏନ୍‌ଏସ୍:** ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମେଲେରିଆ, ଡେଙ୍ଗୁ ଓ ଡାଏରିଆ ରୋଗ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବାଦଲ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା ରଥକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ ତୃପ୍ତି ରାଉତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସରଣୀ ରଞ୍ଜନ ସାମଲ, ବିପିଏମ ବିଶ୍ୱରଞ୍ଜନ ଜେନା, ସୁପରଭାଇଜର, ବିଏଏମ୍, ବିଡିଏମ୍, ସିଏଚ୍‌ଓ , ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି ଦିଦିମାନେ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଲୋକଙ୍କୁ ମଶା ଓ ମଶାଜନିତ ରୋଗ ଏବଂ ଡାଏରିଆ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି ରଥ ରାଜକନିକା ବ୍ଲକ୍‌ର ୨୯ଟି ପଞ୍ଚାୟତର ସମସ୍ତ ଗ୍ରାମକୁ ପରିକ୍ରମା କରିବା ସହ ଲୋକଙ୍କୁ ଘର ଓ ପରିବେଶ ସଫା ରଖିବା ପାଇଁ ସଚେତନ କରାଯାଉଛି। ଘର ଚାରିପଟେ ଅଳିଆ ଆବର୍ଜନା ନ ରଖିବା, ଭଙ୍ଗା ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ପାତ୍ରରେ ପାଣି ଜମିବାକୁ ନଦେବା ସହ ମଶା ପାଇଁ ମଶାରୀ ଟାଙ୍ଗି ଶୋଇବାକୁ ପରାମର୍ଶ ଦିଆଯାଉଛି। ଆବଶ୍ୟକସ୍ଥଳେ ଡେଙ୍ଗୁ କିମ୍ବା ମେଲେରିଆ ଜ୍ୱରର ଲକ୍ଷଣ ଦେଖାଦେଲେ କିମ୍ବା ଡାଏରିଆ ହେଲେ ତୁରନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଚିକିତ୍ସା ହେବାପାଇଁ ସମସ୍ତଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି।

## କୁଢ଼ କୁଢ଼ ଆବର୍ଜନା: କୁମ୍ଭକର୍ଣ୍ଣ ନିଦ୍ରାରେ କର୍ତ୍ତୃପକ୍ଷ



**ଧର୍ମଶାଳା,୧୯/ଏନ୍‌ଏନ୍‌ଏସ୍:** ବର୍ଷାଋତୁରେ ସାଧାରଣତଃ ଡେଙ୍ଗୁ, ମ୍ୟାଲେରିଆ ଆତଙ୍କ ଦେଖାଯାଏ। ଦୁଇବର୍ଷ ତଳେ ଡେଙ୍ଗୁ ସମଗ୍ର ରାଜ୍ୟରେ କାୟା ବିସ୍ତାର କରିଥିଲା। ଗତବର୍ଷ ଡେଙ୍ଗୁକୁ ନେଇ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କରାଯଇଥିଲା। ଚଳିତ ବର୍ଷ ଏଯାବତ୍ ଡେଙ୍ଗୁ ସଂପର୍କରେ କୌଣସି ସଚେତନତା କରାଯାଉଥିବା ବେଳେ ଜାରକା ବଜାର ବିଭିନ୍ନ ସ୍ଥାନରେ ଜମାଟ ହୋଇ ରହିଥିବା ନର୍ଦ୍ଦମା ପାଣି ତଥା ରାସ୍ତାଘାଟ ଚାରିଆଡେ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଦିନରେ ବି ମଶାରୀ ଟାଙ୍ଗିବାକୁ ପଡୁଛି। ତାହା ସହ ପ୍ରତ୍ୟେକ ପରିବାରରେ ପ୍ରତି ମାସରେ ମଶାତେଲ କିମ୍ବା ମଶାଧୂପ ବାବଦକୁ ୫୦୦ରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ନିଜ ଘରେ ଦୋକାନ ବଜାର ରାସ୍ତାଘାଟ ଯୁଆଡ଼େ ଗଲେ ମଶାଙ୍କ ଦାଉରୁ ନିସ୍ତାର ନାହିଁ। ସବୁଆଡ଼େ ପରିବେଶ ଦୂଷିତ ହୋଇ ଡେଙ୍ଗୁ, ମ୍ୟାଲେରିଆ ଆମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଜାରକା ବଜାରରେ ୧୬ ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ରହିଥିବା ଡ୍ରେନେଜ୍ ଦୀର୍ଘବର୍ଷ ହେବ ସଫା ହୋଇନଥିବାରୁ ମଶା, ମାଛିଙ୍କ ଗନ୍ତାଘର ପାଲଟିଛି। ଯାହା ପରି ବେଶକୁ ବିଗାଡି ଦେଉଛି। ବିଭଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ସେହିପରି ଜାରକା ବଜାରରେ ରାସ୍ତା କଡରେ ରହୁଥିବା କିଛି ଦୋକାନୀ ଓ ବାସିନ୍ଦା ରାସ୍ତା କଡ଼ରେ ଏଣେତେଣେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା କରି ରଖୁଛନ୍ତି। ତାହାସହ କିଛି କବାଡିଆ ଦୋକାନୀ ମଧ୍ୟ ରାସ୍ତା କଡରେ ଖୋଲାରେ ବର୍ଜ୍ୟବସ୍ତୁ ସବୁ ରଖୁଛନ୍ତି। ସେଥିରେ ବର୍ଷାଜଳ ଜମା ହୋଇ ସେଥିରୁ ମଶା, ମାଛିଙ୍କ ବଂଶ ବିସ୍ତାର ମୁଖ୍ୟ କାରଣ ହେଉଛି। ଏହି ପରିବେଶ ପାଇଁ ବିଶେଷକରି ଜନଜାଗରଣ ହେବା ଜରୁରୀ ହୋଇପଡିଛି। ବିଶେଷକରି ବର୍ଷାଦିନ ପରେ ପରେ ପରିମଳ ବିପର୍ଯ୍ୟସ୍ତ କାରଣରୁ ଡେଙ୍ଗୁ, ମ୍ୟାଲେରିଆ, ଝାଡାବାନ୍ତି, ରୋଗ ବ୍ୟାପିବା ପୂର୍ବରୁ ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପରିମଳ ବାବଦରେ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହୋଉଥିଲେ ମଧ ସଚେତନ ଅଭାବରୁ ଜାରକା ଅଞ୍ଚଳରେ ସୁଧାର ଆସୁନାହିଁ। ପ୍ରଶାସନ ଏଥିପ୍ରତି ଆମ୍ଭୀର ଭାବରେ ଦୃଷ୍ଟିଦେଇ ପରିବେଷକୁ ସୁଧାରିବାକୁ ପାଇଁ ସାଧାରଣରେ ଦାବି ହେଉଛି।

## ଅଯୋଧ୍ୟା-ବାରାଣସୀ ଯାତ୍ରାରେ ୧୦୮ ତୀର୍ଥଯାତ୍ରୀ



**କେନ୍ଦ୍ରାପଡ଼ା,୧୯/ଏନ୍‌ଏନ୍‌ଏସ୍:** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରାରେ ବାହାରିଛନ୍ତି। ଏହି ତୀର୍ଥଯାତ୍ରା ଆସନ୍ତାକାଲିଠୁ ୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଅପରାହ୍ନ ୪ଟାରେ କେନ୍ଦ୍ରାପଡ଼ା ସଂସ୍କୃତି ଭବନଠାରେ ଆୟୋଜିତ ଫ୍ଲାଗ୍-ଅଫ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜି ତୀର୍ଥଯାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡି ଯୋଗେ ସେମାନଙ୍କ ନିଜ ନିଜ ବ୍ଲକ୍‌ରୁ କେନ୍ଦ୍ରାପଡ଼ା ସଂସ୍କୃତି ଭବନକୁ ଅଣାଯାଇଥିଲା। ସଂସ୍କୃତି ଭବନଠାରେ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା। ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଯାଇଛି। ଭୁବନେଶ୍ୱରରେ ରାତ୍ରି ରହଣି ପରେ ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା-ବାରାଣସୀ ଅଭିମୁଖେ ଯାତ୍ରା କରିବେ। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଉଥିବା ମୋଟ୍ ୧୦୮ ଜଣ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୬୩ ଜଣ ପୁରୁଷ ଓ ୪୫ ଜଣ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଜଣ ଏକକ ତୀର୍ଥଯାତ୍ରୀ ଥିବାବେଳେ ୨୪ ଜଣ ଦମ୍ପତି ଅର୍ଥାତ୍ ୪୮ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ ଚୟନ ହୋଇଥିବା ବରିଷ୍ଠ ନାଗରିକମାନେ ଏହି ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଯାତ୍ରା ମାଧ୍ୟମରେ ସେମାନେ ଅଯୋଧ୍ୟା ଓ ବାରାଣସୀର ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀ ପରିଦର୍ଶନର ସୁଯୋଗ ପାଇବେ। ତୀର୍ଥଯାତ୍ରୀମାନଙ୍କ ସୁବିଧା, ସୁରକ୍ଷା ଓ ସୁସ୍ଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରା ପୂର୍ବରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି।

## ସ୍କୁଟି ସହ ଗଞ୍ଜେଇ ଜବତ, ଜଣେ ଗିରଫ



**ତାଳଚେର,୧୯/ଏନ୍‌ଏନ୍‌ଏସ୍:** ତାଳଚେର ଅବକାରୀ ବିଭାଗ ପକ୍ଷରୁ ସ୍କୁଟି ସହ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନୁଗୋଳ ଅବକାରୀ ଉପଅଧିକ୍ଷକ ଧିରେନ ବେହେରା ଓ ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓଡି ୩୫ଏଚ୍ ୪୩୫୫ ହୋଣ୍ଡା ଆକ୍ଟିଭା ସ୍କୁଟି ଯୋଗେ ଗଞ୍ଜେଇ ନେଇ ଯାଇଥିବା ବେଳେ ଅବକାରୀ ବିଭାଗ ବିଶେଷସୂତ୍ରରୁ ଖବର ପାଇ ଆଜି ସକାଳ ୧୧ଘଟିକା ସମୟରେ ତାଳଚେର ବ୍ଲକ ଅନ୍ତର୍ଗତ ସନ୍ତୁପଡ଼ା ରାସ୍ତାରେ ଅତର୍କିତ ଚଢ଼ାଉକରି ଗାଡ଼ି ଭିତରୁ ୭କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ସେହି ସନ୍ତୁପଡ଼ା ଗ୍ରାମର ଅଭୟ ସାମଲ (୫୫)ଙ୍କୁ ଗିରଫ କରି କେସ୍ ନଂ-୧୪୪/୨୬ରେ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ଚଢ଼ାଉ ଅବକାରୀ ବିଭାଗର ରଣଜିତ ପାତ୍ର, ସରୋଜ ସାହୁ, ପୁପୁନୁ ପ୍ରଧାନ, ଗୌରୀ ଓରାମ ପ୍ରମୁଖ ସାମିଲଥିଲେ।

## ବନ୍ଦରର ଅତିରିକ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ସୁଶାନ୍ତ ପୁରୋହିତ



**ପାରାଦୀପ,୧୯/ଏନ୍‌ଏନ୍‌ଏସ୍:** ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟଙ୍କ ଆଦେଶକ୍ରମେ ଭି.ଓ. ଚିଦମ୍ବରନାର ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ (ଆଇଆର୍‌ଏସ୍‌ଇଇ, ୧୯୯୬ ବ୍ୟାଚ୍) ପାରାଦୀପ ବନ୍ଦର ପ୍ରାଧିକରଣର ଅତିରିକ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସୁଶାନ୍ତ କୁମାର ପୁରୋହିତ ଭାରତୀୟ ରେଳବାଇ ବିଦ୍ୟୁତ ଇଞ୍ଜିନିୟର ସେବା (ଆଇଆର୍‌ଏସ୍‌ଇଇ)ର ଜଣେ ବରିଷ୍ଠ ଅଧିକାରୀ। ପ୍ରଶାସନ, ଇଞ୍ଜିନିୟରିଂ, ଭିତ୍ତିଭୂମି ବିକାଶ, ନୀତି ପ୍ରଣୟନ ଏବଂ ସରକାରୀ କ୍ଷେତ୍ର ପରିଚାଳନାରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ପୂର୍ବରୁ ସେ ଭାରତ ସରକାରଙ୍କ ରସାୟନ ଓ ପେଟ୍ରୋକେମିକାଲ୍ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ। ଯେଉଁଠାରେ ସେ ନୀତି ପ୍ରଣୟନ ଓ କ୍ଷେତ୍ରଗତ ବିକାଶ ସହ ଜଡିତ ଥିଲେ। ନିଜ କାର୍ଯ୍ୟକାଳରେ ସେ ଭାରତୀୟ ରେଳବାଇ, ଶକ୍ତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଭିତ୍ତିଭୂମି ବିକାଶ, ପ୍ରଯୁକ୍ତି ଭିତ୍ତିକ ପଦକ୍ଷେପ ଓ ଜନପ୍ରଶାସନ କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି। ବନ୍ଦର ପରିଚାଳନା, ଭିତ୍ତିଭୂମି ବିକାଶ, ସରକାରୀ ନୀତି ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ତାଙ୍କର ସମୃଦ୍ଧ ଅନୁଭବ ପାରାଦୀପ ବନ୍ଦର ପ୍ରାଧିକରଣକୁ ଦୃଢ଼ ରଣନୀତିକ ନେତୃତ୍ୱ ପ୍ରଦାନ କରିବ। ସେ ଭି.ଓ. ଚିଦମ୍ବରନାର ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଜ ଦାୟିତ୍ୱ ପାଳନ କରିବା ସହିତ ପାରାଦୀପ ବନ୍ଦର ପ୍ରାଧିକରଣର ଅତିରିକ୍ତ ଦାୟିତ୍ୱ ମଧ ବହନ କରିବେ। ତାଙ୍କ ନେତୃତ୍ୱରେ ପାରାଦୀପ ବନ୍ଦରର ଭିତ୍ତିଭୂମି ଏବଂ ସଂଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, କାର୍ଯ୍ୟଦକ୍ଷତା ବୃଦ୍ଧି, କାର୍ଗୋ ପରିଚାଳନା ବ୍ୟବସ୍ଥାର ଆଧୁନିକୀକରଣ ଏବଂ ସବୁଜ ଓ ସ୍ଥାୟୀ ବନ୍ଦର ପଦକ୍ଷେପକୁ ଆଗେଇ ନେବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

**ଚାନ୍ଦୋଳ,୧୯/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଂଘର ସଭାନେତ୍ରୀ କାମିନୀ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅଧିକାରୀଙ୍କ ସ୍ଥାଣୁତାକୁ ସମାଲୋଚନା କରି ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟରେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ମହିଳା ଶ୍ରମିକମାନେ ପଞ୍ଜିକୃତ ପାଇଁ ଆବେଦନ କରି ଅଦ୍ୟାବଧି ପରିଚୟ ପତ୍ର ପାଇନଥିବା, ଶ୍ରମିକଙ୍କ ଝିଅ ବିଭାଘର ସହାୟତା ରାଶି ପାଇବା ପାଇଁ ଶତାଧିକ ଆବେଦନ ରାଶି ପଡ଼ିଥିଲେ ମଧ ସେଗୁଡ଼ିକୁ ବିଚାରକୁ ନନେବା, ଶ୍ରମିକଙ୍କ ମୃତ୍ୟୁର ଦୁଇମାସ ମଧ୍ୟରେ ମୃତ୍ୟୁକାଳୀନ ସହାୟତା ମିଳିବାର ନିୟମ ଥିଲାବେଳେ ମୃତ ଶ୍ରମିକମାନଙ୍କ ପରିବାର ସମସ୍ତ ଆବଶ୍ୟକ କାଗଜପତ୍ର ଦେଇସାରିଲା ପରେବି ସେମାନେ ମୃତ୍ୟୁକାଳୀନ ସହାୟତା ପାଇ ପାରୁନାହାଁନ୍ତି । ଏହିଭଳି ଅନେକ ସମସ୍ୟ ଶ୍ରମ କାର୍ଯ୍ୟାଳୟ ପଡ଼ିଥିଲେବି ଶ୍ରମ ଅଧିକାରୀ କୌଣସି ପଦକ୍ଷେପ ନେଉନଥିବାରୁ ଜିଲ୍ଲାର ସମସ୍ତ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରି ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ସାମଲ, ପ୍ରଦୀପ ସାମଲ, ମହେଶ୍ୱର ନାୟକ, ଖଗେଶ୍ୱର ପ୍ରଧାନ, ଅନିରୁଦ୍ଧ ପୃଷ୍ଟି, ଧିରେନ୍ଦ୍ର ସାହୁ, କାର୍ତ୍ତିକ ବେହେରା, ଜଗଦିଶ କଟାଳ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ ଚନ୍ଦ୍ରମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍ଟ ଏକାଡେମୀ ଓ ଟିପିସିଓଡିଏଲ୍ ପକ୍ଷରୁ ଫସଲ ପରିଚାଳନା ପ୍ରଶିକ୍ଷଣ



**ଜୟସଙ୍କପୁର,୧୯/ଏନ୍‌ଏନ୍‌ଏସ୍:** ଜିଲ୍ଲାନାଶୀ ଗ୍ରାମ ପଞ୍ଚାୟତ ଅଧୀନ ଜୟସଙ୍କପୁର ଗ୍ରାମରେ ମାର୍ଟ ଏକାଡେମୀ ଓ ଟିପିସିଓଡିଏଲ୍‌ର ସହଯୋଗରେ ଚାଷୀମାନଙ୍କ ପାଇଁ ସମନ୍ୱିତ ଫସଲ ପରିଚାଳନା (ଆଇସିଏମ୍) ଉପରେ ଏକ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଜିଲ୍ଲାନାଶୀ ଗ୍ରାମ ପଞ୍ଚାୟତର ବିଭିନ୍ନ ଉତ୍ପାଦକ ଗୋଷ୍ଠୀ (ପିଜି)ରୁ ପ୍ରାୟ ୧୫୦ ଜଣ ଚାଷୀ ଏହି ପ୍ରଶିକ୍ଷଣରେ ଯୋଗ ଦେଇଥିଲେ। ଚାଷୀମାନଙ୍କୁ ଆଧୁନିକ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ସମ୍ପର୍କରେ ସଚେତନ କରିବା ସହିତ ଫସଲର ଉତ୍ପାଦନ ଓ ଗୁଣବତ୍ତା ବୃଦ୍ଧି ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ବୈଜ୍ଞାନିକ ଦେବାଶିଷ ପଣ୍ଡା, ରୋଗ ଓ ପୋକ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ଓ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମୃତ୍ତିକା ବିଜ୍ଞାନୀ ପ୍ରଦୀପ କୁମାର ମାଝୀ ମୃତ୍ତିକାର ସ୍ୱାସ୍ଥ୍ୟ, ମୃତ୍ତିକା ପରୀକ୍ଷା, ସନ୍ତୁଳିତ ସାର ପ୍ରୟୋଗ ଓ ଉପଯୁକ୍ତ ମୃତ୍ତିକା ପରିଚାଳନା ବିଷୟରେ ଚାଷୀମାନଙ୍କୁ ବୈଜ୍ଞାନିକ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କ ସହ ଆଲୋଚନା କରାଯାଇ ଫସଲ ଚାଷ ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା, ରୋଗ ଓ ପୋକ ନିୟନ୍ତ୍ରଣ, ସାର ଓ ଜଳର ସଠିକ୍ ବ୍ୟବହାର ଏବଂ ସମନ୍ୱିତ ଫସଲ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆର୍‌ପି ଓ କୃଷିମିତ୍ରମାନେ ଉପସ୍ଥିତ ରହି ଚାଷୀମାନଙ୍କ ସହ ସମନ୍ୱୟ କରିବା ସହିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମାର୍ଟ ଏକାଡେମୀ ଓ ଟିପିସିଓଡିଏଲ୍‌ର ପ୍ରୋଜେକ୍ଟ ମ୍ୟାନେଜର ମନୀଷା ପଟ୍ଟନାୟକ ଏବଂ ପ୍ରୋଜେକ୍ଟ କୋ-ଅର୍ଡିନେଟର ପ୍ରିୟଙ୍କା ବିଶ୍ୱାଳ କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରିଥିଲେ। ଚାଷୀମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଉପଯୋଗୀ ଓ ଜ୍ଞାନବର୍ଦ୍ଧକ ବୋଲି ପ୍ରକାଶ କରିଥିଲେ। ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଚାଷ ଉତ୍ପାଦନ ବୃଦ୍ଧି, ଚାଷ ଖର୍ଚ୍ଚ ହ୍ରାସ ଏବଂ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ଏହି ପ୍ରଶିକ୍ଷଣ ନିଶ୍ଚିତ ଭାବେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

## ଚାନ୍ଦୋଳ କଲେଜରେ ସଂସ୍କୃତ ସପ୍ତାହ

**ଚାନ୍ଦୋଳ,୧୯/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାଏକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଶ୍ରୀମତୀ ଦାସ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବରେ ପ୍ରାଧାପକ ବିନୟ କୁମାର ଷଡ଼ଙ୍ଗୀ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସଂସ୍କୃତ ଆଦିଭାଷା ତଥା ଦେବଭାଷା ବୋଲି ତାଙ୍କ ବକ୍ତବ୍ୟରେ କହିବା ସଂସ୍କୃତ ଭାଷାର ମହାତ୍ମ୍ୟ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ। ଅଧ୍ୟାପିକା ମେନକା ପଣ୍ଡା ପ୍ରାରମ୍ଭରେ ବେଦପାଠ କରିଥିଲେ।

**ନିତି ଭାରତୀ** | ଅନ୍ୟକୁ ଭେଟିବା ବେଳେ ସ୍ମିତହାସ୍ୟଟିଏ ପ୍ରକାଶ କରନ୍ତୁ, କାରଣ ସ୍ମିତହାସ୍ୟ ହିଁ ସ୍ନେହ ପ୍ରେମର ଆରମ୍ଭ। - **ମଦର ଟେରେସା**

NITIDIN
ନିତିଦିନ
ବୁଧବାର, ୨ ସେପ୍ଟେମ୍ବର ୨୦୨୬

# ଶିକ୍ଷା ବ୍ୟବସ୍ଥା ଓ ବୌଦ୍ଧିକ ସ୍ୱେଚ୍ଛାଚାରିତା



ବିଶ୍ୱରଂଜନ ଦାସ

ଶିକ୍ଷା ହେଉଛି ଜାତି ଓ ସମାଜର ବୌଦ୍ଧିକ, ସାଂସ୍କୃତିକ ତଥା ଅର୍ଥନୈତିକ ବିକାଶର ମୂଳଦୁଆ। ମାତ୍ର ସମ୍ପ୍ରତି ଓଡ଼ିଶାର ବେସରକାରୀ ତଥା ଅନୁଦାନପ୍ରାପ୍ତ ସ୍କୁଲ୍ କଲେଜଗୁଡ଼ିକରେ କାର୍ଯ୍ୟରତ ହଜାର ହଜାର ବ୍ଲକ୍‌ଗ୍ରାଣ୍ଟ୍ ଅନୁଦାନପ୍ରାପ୍ତ ଶିକ୍ଷକ ଓ ଅଧ୍ୟାପକଙ୍କ ଭବିଷ୍ୟତ ପ୍ରଶାସନିକ ଚଞ୍ଚକତା ଏବଂ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଅନ୍ଧକାରମୟ ହୋଇ ପଡ଼ିଛି। ଶିକ୍ଷାର ଗୁଣାତ୍ମକ ବିକାଶ କରିବା ବଦଳରେ ବିଭାଗର ନୀତି ଓ କାର୍ଯ୍ୟଶୈଳୀ ଶିକ୍ଷକ ସମାଜକୁ ଦମନ କରିବାର ମାଧ୍ୟମ ପାଲଟିଛି। ଶିକ୍ଷକମାନଙ୍କୁ ଆତ୍ମସମ୍ମାନର ସହ ଜୀବିକା ନିର୍ବାହ କରିବାକୁ ନଦେଇ ସେମାନଙ୍କ ଉପରେ ପ୍ରଶାସନିକ ବଳ ପ୍ରୟୋଗ କରି ବିଭାଗ ଏକ ପ୍ରକାର 'ବୌଦ୍ଧିକ ସ୍ୱେଚ୍ଛାଚାରିତା' ଚଳାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମୟ ଥିଲା, ଯେତେବେଳେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକମାନେ ୟୁଜିସି କ୍ରମରେ ଉଚ୍ଚ ବେତନ ହାର, ପେନ୍‌ସନ୍ ତଥା ସମସ୍ତ ଅବସରକାଳୀନ ଆର୍ଥିକ ସୁବିଧା ପାଇ ଆସୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତତ୍କାଳୀନ ବିଜେଡି ସରକାର ସମାନ ଯୋଗ୍ୟତା ଓ ସମାନ ଦାୟିତ୍ୱ ତୁଲାଉ ଥିବା ଅଧ୍ୟାପକମାନଙ୍କୁ '୨୦୦୮-୨୦୦୯- ବ୍ଲକ୍‌ଗ୍ରାଣ୍ଟ୍' ଭଳି ଏକ ସୀମିତ ଅନୁଦାନ ବ୍ୟବସ୍ଥାରେ ବାନ୍ଧି ଆର୍ଥିକ ଶୋଷଣ ଆରମ୍ଭ କଲେ। ଦୀର୍ଘ ଦିନର ରାଜରାସ୍ତାରେ ସଂଗ୍ରାମ ଓ ଆନ୍ଦୋଳନ ପରେ ସରକାର ଗ୍ରାଣ୍ଟ-ଇନ୍-ଏଡ୍ ଦିଆଗଲା ବୋଲି ଘୋଷଣା କଲେ ସତ, ମାତ୍ର ଅମଲାତନ୍ତ୍ରର ଚଞ୍ଚକତା ଯୋଗୁଁ '୨୦୧୭- ୨୦୧୮ ନୂତନ ଅନୁଦାନ ନୀତି' ବା 'ନ୍ୟୁ-ଜିଆଇଏ' ଲାଗୁ କରାଗଲା। ଏହାଦ୍ୱାରା ପୂର୍ଣ୍ଣ ଅନୁଦାନର ଆଶା ମୃଗତୃଷ୍ଣା ପାଲଟି ଗଲା।

ବର୍ତ୍ତମାନର ସରକାର ଯେତେବେଳେ ବିରୋଧୀ ଦଳରେ ଥିଲେ, ମାତ୍ର ପନ୍ଦର ଦିନରେ ଶିକ୍ଷକ ସମସ୍ୟା ଦୂର ହେବ ଓ ଶିକ୍ଷକମାନେ ଆଉ ରାଜରାସ୍ତାକୁ ଆସିବେ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଫଳତଃ, ଶିକ୍ଷକମାନେ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ସଙ୍କଳ୍ପବଦ୍ଧ ହୋଇ ନୂତନ ଶାସନ କଳ ପ୍ରତି ଆସ୍ଥା ପ୍ରକଟ କଲେ। ମାତ୍ର ବିଗତ ଦୁଇ ବର୍ଷର ଅନୁଭୂତିରୁ ସ୍ପଷ୍ଟ ଯେ ନୂତନ ସରକାରଙ୍କ ପ୍ରତିଶ୍ରୁତି ମଧ୍ୟ ଛଳନାପୂର୍ଣ୍ଣ ପ୍ରତାରଣାରେ ପରିଣତ। ଶିକ୍ଷକ ଓ ଅଧ୍ୟାପକମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପରିବର୍ତ୍ତେ ପୂର୍ବ-ନିୟମକୁ ଅସ୍ୱୀକାର କରି ପୁନର୍ବାର ସେମାନଙ୍କୁ ବ୍ଲକ୍‌ଗ୍ରାଣ୍ଟ୍ ଭିତରକୁ ଠେଲି ଦେବାର ପଶ୍ଚାତ୍‌ଗାମୀ ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ଦୁଃଖଦାୟକ। ନିଜର ନ୍ୟାଯ୍ୟ ହକ୍ ଓ ସେବା ସର୍ତ୍ତାବଳୀ ପାଇଁ ଅଧ୍ୟାପକମାନେ ବର୍ଷ ବର୍ଷ ଧରି ଆଇନଗତ ଲଢ଼େଇ କରି ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟରୁ ବିଜୟୀ ହେଲେ। ମାତ୍ର କୋର୍ଟରେ ହାରିବା ପରେ ପ୍ରଶାସନିକ ପଦ ପଦବୀରେ ଥିବା ଅଫିସରମାନେ ସମ୍ବେଦନଶୀଳ ହେବା ପରିବର୍ତ୍ତେ ପ୍ରତିଶୋଧପରାୟଣ ହୋଇ ଉଠିଲେ ଓ ଅମଲାତନ୍ତ୍ର ଅଧ୍ୟାପକମାନଙ୍କ ପ୍ରତି ରକ୍ତଚାଉଳ ଚୋବାଇ ପ୍ରତିଟି ଚିଠି ଓ ନିର୍ଦ୍ଦେଶନାମାରେ 'ତୁରନ୍ତ କାର୍ଯ୍ୟକାରୀ ନ କଲେ ଦରମା ବନ୍ଦ' ଭଳି ଧମକପୂର୍ଣ୍ଣ ଭାଷା ପ୍ରୟୋଗ କରି ଶିକ୍ଷାନୁଷ୍ଠାନରେ ଏକ ପ୍ରକାର ଆତଙ୍କ ସଂଚାର କରି ଚାଲିଲେ। ସମ୍ପ୍ରତି ଶିକ୍ଷାଦାନର ମାନ କିମ୍ବା ବୌଦ୍ଧିକ ଯୋଗଦାନ ଅପେକ୍ଷା କେବଳ ଅନ୍ଧ ଆଜ୍ଞାବହତାକୁ ପ୍ରାଥମିକତା ଦିଆଯାଉଛି। ଫଳରେ ଶିକ୍ଷା ବ୍ୟବସ୍ଥାରେ ସୃଜନଶୀଳତା ଓ ମୁକ୍ତ ଚିନ୍ତନ କ୍ରମଶଃ ନଷ୍ଟ ହେବାରେ ଲାଗିଛି। ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ପତ୍ରସଂଖ୍ୟା ୪୧୬୮୯/ ୦୩.୦୮.୨୦୨୬ ଅନୁସାରେ, ଜୁଲାଇ ୨୦୨୬ରୁ ଦରମା ସିଧାସଳଖ ଟ୍ରେଜେରୀ କିମ୍ବା ଆସିଷ୍ଟାଣ୍ଟ ଡାଇରେକ୍ଟରଙ୍କ ମାଧ୍ୟମରେ ଆଉ ନ ଦିଆଯାଇ କଲେଜ ଅଧକ୍ଷଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବାକୁ ନିର୍ଦ୍ଦେଶ ହୋଇଛି। ସର୍ବତ୍ର ଯେତେବେଳେ 'ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର' ଓ ସ୍ୱଚ୍ଛ ଟ୍ରେଜେରୀ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଉଛି, ସେତେବେଳେ ଅଧ୍ୟାପକଙ୍କ କ୍ଷେତ୍ରରେ ଏହି ପଶ୍ଚାତ୍‌ଗାମୀ ନିଷ୍ପତ୍ତି ଅନେକ ଆଶଙ୍କା ସୃଷ୍ଟି କରିଛି। ଦରମା ଟଙ୍କା କଲେଜ ଆକାଉଣ୍ଟକୁ ଗଲେ ଅଧ୍ୟାପକମାନେ ପୁନର୍ବାର ସ୍ଥାନୀୟ କର୍ତ୍ତୃପକ୍ଷ ଓ ଅଧକ୍ଷଙ୍କ ମନୋମୁଖୀ ଶାସନ, ଅନାବଶ୍ୟକ ବିଳମ୍ବ ଓ ପ୍ରଶାସନିକ ଶୋଷଣର ଶିକାର ହେବେ। ଟ୍ରେଜେରୀ ବ୍ୟବସ୍ଥାରେ ବାର୍ଷିକ ବେତନ ବୃଦ୍ଧି ସ୍ୱୟଂଚାଳିତ ଭାବେ ହୋଇଥାଏ। ମାତ୍ର କଲେଜ ଆକାଉଣ୍ଟ ଜରିଆରେ ଦରମା ବଣ୍ଟାଗଲେ ବାର୍ଷିକ ଇନ୍‌କ୍ରିମେଣ୍ଟ୍ ଏବଂ ନିୟମିତ ମହଙ୍ଗା ଭତ୍ତା ମିଳିବାରେ ଅନିଶ୍ଚିତତା ଦେଖା ଦେବ। ଜାତୀୟ ଓ ରାଜ୍ୟ ସ୍ତରରେ ଆଗକୁ ୮ମ ବେତନ କମିଶନ୍ ଲାଗୁ ହେବାକୁ ଯାଉଥିବା ବେଳେ କଲେଜ ଆକାଉଣ୍ଟରୁ ଦରମା ପାଉଥିବା ଅଧ୍ୟାପକମାନଙ୍କୁ ନୂତନ ପେ-ସ୍କେଲ୍‌ରେ ସାମିଲ ହେବା ପାଇଁ ପୁଣି ଥରେ ବର୍ଷ ବର୍ଷ ଧରି ରାଜରାସ୍ତାରେ ସଂଗ୍ରାମ କରିବାକୁ ପଡ଼ିବ।



ଶିକ୍ଷା ବିଭାଗର ଅପରିପକ୍ୱ ନୀତିର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଉଚ୍ଚଶିକ୍ଷା ବିଭାଗର ନୂତନ ପତ୍ରସଂଖ୍ୟା ୪୫୮୯୬/ ୨୪.୦୮.୨୦୨୬। ଏଥିରେ 'ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି' ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ଆଶ୍ଚର୍ଯ୍ୟର କଥା, ଏହି ମେସିନ୍ ସଂସ୍ଥାପନ ଖର୍ଚ୍ଚ କିଏ ବହନ କରିବ, ସେ ନେଇ କୌଣସି ଆର୍ଥିକ ଅନୁଦାନର ବ୍ୟବସ୍ଥା ନାହିଁ କିମ୍ବା ଛାତ୍ର ସଂଖ୍ୟା ଅନୁପାତରେ କେତୋଟି ଡିଭାଇସ୍ ଲାଗିବ, ତା'ର କୌଣସି ମାନଦଣ୍ଡ ନାହିଁ। ଅଧ୍ୟାପକମାନଙ୍କୁ 'ନୋଡାଲ୍ ଅଫିସର' ନାମରେ ବାୟୋମେଟ୍ରିକ୍ ଡାଟା ମ୍ୟାପିଙ୍ଗ୍, ଜିଓ-ଟ୍ୟାଗିଂ, ଶ୍ରେଣୀଗୃହର ଫଟୋ ଅପ୍‌ଲୋଡ୍ ଓ 'ହିମସ୍ ସିଙ୍କ୍ରୋନାଇଜେସନ୍' ଭଳି କିରାଣିଗିରି କାମରେ ଖଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପ୍ରଶ୍ନ ଉଠାଏ- ଶିକ୍ଷକ ଅଧ୍ୟୟନ ଓ ଗବେଷଣା କରିବେ ତଥା ଶ୍ରେଣୀଗୃହରେ ପାଠ ପଢ଼ାଇବେ ନା ପ୍ରଶାସନର ଡିଜିଟାଲ୍ ଡାଟା-ଏଣ୍ଟ୍ରି ଅପରେଟର୍ ପାଲଟିବେ? କୌଣସି ଦିନ କେବେ ଦାବି ହୋଇ ନଥିବା 'କେଜିରୁ ପିଜି ମାଗଣା ନାମଲେଖା ଓ ମାଗଣା ରି-ଆଡମିସନ୍' ନୀତି ସରକାର ପ୍ରଚଳନ କଲେ। ଏହା ଶିକ୍ଷାନୁଷ୍ଠାନ ପାଇଁ ଏକ ପ୍ରକାର ଆର୍ଥିକ ଶ୍ୱାସରୁଦ୍ଧ ଅବସ୍ଥା ସୃଷ୍ଟି କଲା। ଯେଉଁ ଅନୁପାତରେ ଅନୁଷ୍ଠାନଗୁଡ଼ିକ ପାଣ୍ଠି ସଂଗ୍ରହ କରି ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ଏହି ଅର୍ଥରାଶି ବିନିଯୋଗ କରୁଥିଲେ, ସରକାର ତଦନୁଯାୟୀ ଅର୍ଥ ଭରଣା କରିବେ କି ନାହିଁ, ତାହା ମଧ୍ୟ ସନ୍ଦିହାନ। ବର୍ତ୍ତମାନ ପାଇଁ ସ୍କୁଲ-କଲେଜଗୁଡ଼ିକର ଆଭ୍ୟନ୍ତରୀଣ ପରିଚାଳନା ପାଣ୍ଠି ତ ଶୂନ ହୋଇଗଲା। ବିଏଡ୍, ୟୁଜିସି ନେଟ୍, ପିଏଚ୍.ଡି. ଭଳି ଉଚ୍ଚତର ଯୋଗ୍ୟତା ହାସଲ କରି ରାଜ୍ୟର ହଜାର ହଜାର ଯୁବ ପ୍ରତିଭା ନିଯୁକ୍ତି ଆଶାରେ ହାହାକାର ଛାଡୁଛନ୍ତି। ବର୍ଷ ବର୍ଷ ଧରି ନୂତନ ନିଯୁକ୍ତି ନଥିବାରୁ ଓ ଅନୁଷ୍ଠାନରେ ଶିକ୍ଷକ ଅଭାବ ଯୋଗୁଁ ପରିଚାଳନା କମିଟି ଦ୍ୱାରା ଅବସ୍ଥାପିତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଦରମା ଦେବା ମଧ୍ୟ ଅସମ୍ଭବ ହୋଇ ପଡ଼ିଛି। କମିଟି ପକ୍ଷରୁ ସେମାନଙ୍କୁ ଯାହା ବି ସୀମିତ ଦରମା ଦିଆ ଯାଉଥିଲା, ଏଣିକି ବିନା ଦରମାରେ କାମ କରି ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପକ୍ଷେ ଏକବାରେ ଅସମର୍ଥ ହୋଇ ପଡ଼ିଲା।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଓ ଦାବି ଉପସ୍ଥାପନ ନାଗରିକର ସାମ୍ବିଧାନିକ ଅଧିକାର। ନିକଟରେ ଜଣେ ନିର୍ବାଚିତ ଜନପ୍ରତିନିଧି ଧାରଣାସ୍ଥଳକୁ ଯାଇ ସମସ୍ୟା ଶୁଣିବା, ସହାନୁଭୂତି ପ୍ରକାଶ କରିବା ଓ ଭରସା ଦେବା ପରିବର୍ତ୍ତେ ଧମକପୂର୍ଣ୍ଣ ଭାଷା ବ୍ୟବହାର କରିବା ଲୋକତାନ୍ତ୍ରିକ ମର୍ଯ୍ୟାଦା କ୍ଷୁଣ୍ଣ କରିଛି। ଶାସନକୁ ଆସିବା ପାଇଁ ୨୪ ବର୍ଷ ଲାଗିବା ଏକ ରାଜନୈତିକ ଘଟଣା ହୋଇପାରେ, ମାତ୍ର ସରକାରଙ୍କ ୫ ବର୍ଷର କାର୍ଯ୍ୟକାଳ ମଧ୍ୟରୁ ଦୁଇ ବର୍ଷ ଅତିବାହିତ ହେବା ପରେ, 'ଦୁଇ ବର୍ଷରେ କ'ଣ ହେବ'- କହି ପ୍ରତିଶ୍ରୁତିକୁ ଏଡ଼ାଇ ଦେବା ଶାସନଗତ ଅପାରଗତା ଓ ଇଚ୍ଛାଶକ୍ତିର ଅଭାବକୁ ଦର୍ଶାଉଛି। ରାତି ଅଧରେ ଧାରଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ପ୍ରତି ଅବିବେକୀ ଓ ଦାମ୍ଭିକ ଆଚରଣ ଏକା ସାଙ୍ଗରେ ତିନୋଟି ବଡ଼ କ୍ଷତି ପହଞ୍ଚାଇଛି; ଯଥା- ଜନପ୍ରତିନିଧି ଜଣକ ନିଜର ବ୍ୟକ୍ତିଗତ ଭାବମୂର୍ତ୍ତି ନଷ୍ଟ କରିଛନ୍ତି, ଦଳୀୟ ଶୃଙ୍ଖଳା ଓ ସମନ୍ୱୟ ଭଙ୍ଗ କରିଛନ୍ତି ଓ ସରକାରଙ୍କ ସମ୍ବେଦନହୀନତା ଓ ଅପାରଗତାକୁ ସାର୍ବଜନୀନ କରାଇଛନ୍ତି। ସରକାର ନିଜର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଏଭଳି ଦାମ୍ଭିକ ବକ୍ତବ୍ୟ ଉପରେ ସ୍ପଷ୍ଟୀକରଣ ରଖିବା ସହ ଶିକ୍ଷକ ସମାଜକୁ ଆଶ୍ୱସ୍ତ କରିବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି। ସମସ୍ୟାର ସବୁଠାରୁ କରୁଣ ଦିଗଟି ହେଉଛି, ଅବସରକାଳୀନ ସୁରକ୍ଷା। ଜୀବନର ସୁନେଲି ୩୦ରୁ ୩୫ ବର୍ଷ ଶିକ୍ଷାଦାନରେ ବିତାଇ ଅବସର ନେଉଥିବା ଓ ନେଇ ସାରିଥିବା ହଜାର ହଜାର ଶିକ୍ଷକ ଏବଂ ଅଧ୍ୟାପକଙ୍କୁ ପେନ୍‌ସନ୍, ଗ୍ରାଚ୍ୟୁଇଟି କିମ୍ବା ସାମାଜିକ ସୁରକ୍ଷା ମିଳୁନାହିଁ। ସେମାନଙ୍କ ପାଇଁ କୌଣସି ପଦୋନ୍ନତି ନାହିଁ କିମ୍ବା ସ୍ପଷ୍ଟ ଚାକିରି ସର୍ତ୍ତାବଳୀ ନାହିଁ। ଯୁବାବସ୍ଥାକୁ ରାଜ୍ୟର ଭବିଷ୍ୟତ ଗଢ଼ିବାରେ ଉତ୍ସର୍ଗ କରି ଦେଇଥିବା ଏହି ବୟୋଜ୍ୟେଷ୍ଠ ଶିକ୍ଷାବିତ୍‌ମାନେ ବାର୍ଦ୍ଧକ୍ୟରେ ଔଷଧ ଟୋପାଏ ପାଇଁ ଅନ୍ୟ ଆଗରେ ହାତ ପାତିବାକୁ ବାଧ୍ୟ ହେଉଛନ୍ତି। ପ୍ରବଳ ବର୍ଷାରେ ଓଦାହୋଇ, ଟାଣ ଖରାରେ ପୋଡ଼ି ହଜାର ହଜାର ଶିକ୍ଷକ-ଅଧ୍ୟାପକ ରାଜରାସ୍ତାରେ ବସି ରହିଥିବା ବେଳେ ସରକାର ଓ ଶାସନତନ୍ତ୍ର ଏଥି ପ୍ରତି ଆଖି ବୁଜିଦେବା କେତେଦୂର ଯଥାର୍ଥ?

ଶିକ୍ଷା ବ୍ୟବସ୍ଥାରେ 'ବୌଦ୍ଧିକ ସ୍ୱେଚ୍ଛାଚାରିତା' କେବଳ ଏକ ସାହିତ୍ୟିକ ଭାଷାର ଆକ୍ଷେପ ନୁହେଁ; ଏହା ପ୍ରଶାସନିକ ଛଦ୍ମତା, ନିଷ୍ଠୁର ମାନସିକତା ଓ ରାଜନୈତିକ ଅହଙ୍କାରର ଏକ ମିଳିତ ପ୍ରତିରୂପ। ଯେତେବେଳେ ଗୋଟିଏ ଶାସନ ବ୍ୟବସ୍ଥା ଅସ୍ତ୍ରଶସ୍ତ୍ର ବଦଳରେ କଳା ଆଦେଶ, ବିଜ୍ଞପ୍ତି, ଆର୍ଥିକ ଅବରୋଧ, ଅଣ-ଶୈକ୍ଷିକ ଚାପ, ରାତିଅଧିଆ ଧମକ ଓ ଚାକିରି ହରାଇବାର ଭୟ ଦେଖାଇ ଶିକ୍ଷକ ସମାଜର ଆତ୍ମସମ୍ମାନ, ସ୍ୱାଧୀନ ଚିନ୍ତନ ଓ ନୈତିକ ବଳକୁ ଭାଙ୍ଗିଦିଏ, ତାହା ହିଁ ହୁଏ ବୌଦ୍ଧିକ ସ୍ୱେଚ୍ଛାଚାରିତା। ଲାଗୁଛି, ଶିକ୍ଷାୟତନଗୁଡ଼ିକ ମୁକ୍ତ ଚିନ୍ତା ଓ ସଂରଚନାତ୍ମକ ଜ୍ଞାନର କେନ୍ଦ୍ର ହେବା ପରିବର୍ତ୍ତେ କେବଳ ଆଜ୍ଞାକାରୀ ଗୁମାସ୍ତା ତିଆରି କରିବାର କାରଖାନାରେ ପରିଣତ ହେବାକୁ ଯାଉଛି। ଓଡ଼ିଶାର ଗ୍ରାମାଞ୍ଚଳ ଓ ସେମି-ଅର୍ବାନ୍ ଅଞ୍ଚଳର ପ୍ରାୟ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଉପରେ ନିର୍ଭରଶୀଳ। ଯଦି ଶିକ୍ଷକ ସମାଜ ଅସୁରକ୍ଷିତ ରହିବେ, ତେବେ ସମଗ୍ର ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ସରକାର ଜନବର୍ଗଙ୍କୁ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଉଛନ୍ତି। ଯଦି ମାନବ ସମ୍ବଳ ତିଆରି କରୁଥିବା ଶିକ୍ଷକ ସମାଜକୁ ବ୍ୟବସ୍ଥା ନ୍ୟାୟ ଦେଇ ପାରୁନି, ତେବେ ଏହା ନିଶ୍ଚିତ ଯେ ବିକାଶ ପଥଭ୍ରଷ୍ଟ ହେବ ହିଁ ହେବ। ବୌଦ୍ଧିକ ଆତଙ୍କବାଦ ହେଉଛି ଚଞ୍ଚକତାପୂର୍ଣ୍ଣ ନିଷ୍ପତ୍ତି, ଆର୍ଥିକ ଅବରୋଧ ଓ ଭୟର ବାତାବରଣ ସୃଷ୍ଟିକରି ଶିକ୍ଷାୟତନର ମୁକ୍ତ ପରିବେଶକୁ ପଙ୍ଗୁ କରିବାର ଏକ ସୁଚିନ୍ତିତ ପ୍ରୟାସ। ଯେଉଁ ରାଜ୍ୟରେ ଶିକ୍ଷକ ନିଜର ଦରମା, ସୁରକ୍ଷା ଓ ଆତ୍ମସମ୍ମାନ ପାଇଁ ଖରା-ବର୍ଷାରେ ରାଜରାସ୍ତାରେ ବସିବାକୁ ବାଧ୍ୟ ହୁଅନ୍ତି, ସେଠାରେ ଶିକ୍ଷାର ମାନବୃଦ୍ଧି ଏବଂ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ହାସଲ କେବଳ ଏକ ଦୁଃସ୍ୱପ୍ନ ହୋଇ ରହିଯିବ। ପ୍ରଶାସନିକ ବୌଦ୍ଧିକ ସ୍ୱେଚ୍ଛାଚାରିତାର ଅବସାନ ଘଟାଇ ଶିକ୍ଷକଙ୍କୁ ଆର୍ଥିକ ସୁରକ୍ଷା, ମର୍ଯ୍ୟାଦା ଓ ଶିକ୍ଷାଦାନର ମୁକ୍ତ ପରିବେଶ ପ୍ରଦାନ କରିବା ହିଁ ଏକ ପ୍ରଗତିଶୀଳ ସମାଜର ମୁଖ୍ୟ କର୍ତ୍ତବ୍ୟ। ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉଭୟ ଗଣଶିକ୍ଷା ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ବ୍ୟକ୍ତିଗତ ହସ୍ତକ୍ଷେପ କରି ଦାମ୍ଭିକତାର ଅବସାନ ଘଟାଇ ସମସ୍ୟାର ସମ୍ମାନଜନକ ସମାଧାନ କରନ୍ତୁ। ଶିକ୍ଷକଙ୍କ ଆତ୍ମସମ୍ମାନ ଓ ସୁରକ୍ଷା ବିନା ଉନ୍ନତ ଓଡ଼ିଶା ଗଠନ କେବଳ ଏକ ଆକାଶ କୁସୁମ।

**ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ**
**ବିଏନ୍‌ଏମ୍ଏ କଲେଜ, ପାଳିଆବିନ୍ଧା, ଭଦ୍ରକ**
**ମୋ: ୬୩୭୧୪୩୦୫୬୩**

# ହିମାଳୟରେ ବର୍ଦ୍ଧିତ ବିପଦ

ନିକଟରେ ନେପାଳରେ ଘଟି ଯାଇଥିବା ଜଳ ପ୍ରବାହଜନିତ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ଏକ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ନେପାଳ ସରକାରଙ୍କ ସୂତ୍ରରୁ ପ୍ରକାଶ ପାଇଥିବା ବେଳେ ଭାରତରୁ ମଧ୍ୟ ନଦୀରେ ଭାସି ଆସିଥିବା କେତେକ ଶବ ମିଳିଛି। ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ ବୋଲି ମନେ ହେଉଥିଲେ ସୁଦ୍ଧା ମାନବ କ୍ରିୟାକଳାପ ଯେ ଅନେକାଂଶରେ ଏଥିପାଇଁ ଦାୟୀ, ଏହାକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ ବୋଲି କେତେକ ବିଶେଷଜ୍ଞଙ୍କ ମତ। ୨୦୨୩ରେ ସିକ୍କିମ୍‌ରେ ଘଟିଥିବା ଦକ୍ଷିଣ ଲୋହନକ୍ ହିମବାହ ବିପର୍ଯ୍ୟୟ ଭାରତକୁ ହିମାଳୟର ହିମ ମଣ୍ଡଳୀୟ ବିପଦଗୁଡ଼ିକ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା ନିମନ୍ତେ ଏକ ବିଧିବଦ୍ଧ ବ୍ୟବସ୍ଥା ନିର୍ମାଣ କରିବାକୁ ବାଧ୍ୟ କରିଥିଲା। ଛଅ ଗୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପିଥିବା ହାରାହାରି ୧୯୫ଟି ଉଚ୍ଚ ପାର୍ବତ୍ୟାଞ୍ଚଳ ହ୍ରଦକୁ ବର୍ତ୍ତମାନ ବିପଦପ୍ରବଣ ଭାବରେ ଚିହ୍ନଟ ଏବଂ ବର୍ଗୀକୃତ କରାଯାଇଛି, ଯେଉଁଥିରୁ କେତେକରେ କିଛି ସ୍ତରର ମାସିକ ନୀରିକ୍ଷଣ ବ୍ୟବସ୍ଥା କରାଯାଇଛି। ଏହି ନିରୀକ୍ଷଣ ବ୍ୟବସ୍ଥା ହିମରୂପ ହ୍ରଦଗୁଡ଼ିକ ଉପରେ କେନ୍ଦ୍ରୀଭୂତ ହୋଇଛି- ଉଚ୍ଚ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଜଳାଞ୍ଚଳ ସମୂହ, ଯେଉଁଗୁଡ଼ିକ ପଥରର ପ୍ରାକୃତିକ ଖାଇ ଏବଂ ପ୍ରତ୍ୟାବର୍ତ୍ତୀ ହିମବାହଗୁଡ଼ିକର ପ୍ରବାହ ଫଳରେ ବହି ଆସିଥିବା ପଙ୍କ କାଦୁଅ ଦ୍ୱାରା ବନ୍ଧ ପଡ଼ି ଡ୍ୟାମ୍ ଭଳି ଅବସ୍ଥାରେ ରହିଛି। ତେବେ ନେପାଳରେ ଅଗଷ୍ଟ ୨୬ ତାରିଖରେ ଘଟିଥିବା ଜଳ ପ୍ରଳୟ ଯାନ୍ତ୍ରିକ ଭାବରେ ଏକ ସମ୍ପୂର୍ଣ୍ଣ ଭିନ୍ନ ବିପଜ୍ଜନକ ଅବସ୍ଥା ସାମ୍ନାକୁ ଆଣିଛି: ଝୁଲି ରହିଥିବା ହିମନଦୀ ଢାଲୁ ଅଞ୍ଚଳରେ ବରଫର ଏକ ପାହାଡ଼ି-ପାର୍ଶ୍ୱରେ ଜମାଟ ବାନ୍ଧି ରହିଥିବା ଅବସ୍ଥା ହଠାତ୍ ଭୁଶୁଡ଼ି ପଡ଼ିବା ଏବଂ ଭୟଙ୍କର ବିପର୍ଯ୍ୟୟ ଘଟାଇବା ଭଳି ବନ୍ୟା ଜଳ ମାଡ଼ି ଆସିବା ଭଳି ଘଟଣା। ନେପାଳ ବନ୍ୟାର କିଛି ମାସ ପୂର୍ବରୁ ହୋଇଥିବା ଗବେଷଣା ଠିକ୍ ଏହି ଧରଣର ବିଫଳତା ଘଟିବା ଜାଣିବାକୁ ପାଇଥିଲା। ଏହା କେବଳ ଉତ୍ତରାଖଣ୍ଡର ଅଳକାନନ୍ଦା ଅଞ୍ଚଳରେ ୨୧୯ଟି ଝୁଲା ହିମବାହ ରହିଥିବା ନିରୂପଣ କରିଥିଲା; ଏହାର ସଂରଚନାଗୁଡ଼ିକ ବଦ୍ରନାଥ ଏବଂ ହନୁମାନ ଚଟ୍ଟିଠାରେ ୪୦ରୁ ୫୧ ମିଟର ଉଚ୍ଚତା ପ୍ରବାହର ଭବିଷ୍ୟବାଣୀ କରିଥିଲା। ଝୁଲା ହିମବାହଗୁଡ଼ିକର ସ୍ଖଳନଜନିତ ବିପଦ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ରାସୁଆଠାରେ, ଯେଉଁଠି ସାମ୍ପ୍ରତିକ ଦୁର୍ଘଟଣା ଘଟିଛି, ତା'ର ଠିକ୍ ଦକ୍ଷିଣକୁ ନେପାଳୀ ଧାରଣ କ୍ଷେତ୍ରରେ ହୋଇଥିବା ଏକ ଅଧ୍ୟୟନ ଜାଣିବାକୁ ପାଇଥିଲା ଯେ ୪ ହଜାର ମିଟରରୁ ଅଧିକ ଉଚ୍ଚରେ ଥିବା ହିମଖଣ୍ଡଗୁଡ଼ିକ କ୍ଷେତ୍ରରେ ତାପନ ହାର ବୈଶ୍ୱିକ ହାରାହାରିଠାରୁ ପାଞ୍ଚ ଗୁଣ ଅଧିକ ବୃଦ୍ଧି ପାଇଛି। ତେଣୁ ହିମାଳୟ ଅଞ୍ଚଳରେ ବିପଦର ମାତ୍ରା ଉଭୟ ସୀମାରେ ବୃଦ୍ଧି ପାଇ ଚାଲିଛି: ଅଧିକ ପରିମାଣର ତୁଷାର ତରଳିବାର ବିପଦାପନ୍ନ ଅବସ୍ଥାରେ ରହିଛି, ଏବଂ ଏହି ବିପଦ ବେଳକୁ ବେଳ ଅଧିକ ବଢ଼ି ଚାଲିଛି।

ନେପାଳରେ ସମ୍ପ୍ରତି ଘଟିଥିବା ବିପଦ ଚୀନ୍‌ର ତୁଷାର ନଦୀ ଭୁଶୁଡ଼ିବା, ଯାହାକୁ 'ଭୂତାତ୍ତ୍ୱିକ ବିପର୍ଯ୍ୟୟ ଡ୍ୟାମ୍' ବୋଲି କୁହାଯାଉଛି, ସେଥି ଯୋଗୁଁ ଘଟିଛି କି ନାହିଁ, ତାହା ସ୍ପଷ୍ଟ ହୋଇ ନଥିବା ବେଳେ ଉପଗ୍ରହ ପର୍ଯ୍ୟବେକ୍ଷଣରୁ ଏକଥା କିନ୍ତୁ ଜଣା ପଡ଼ିଛି ଯେ ତୁଷାର ନଦୀର ହଠାତ୍ ପ୍ରବାହ ଭୋଟେକୋଶି-ତ୍ରିଶୂଳୀ ନଦୀ ବ୍ୟବସ୍ଥାରେ ବହି ଆସି ଏହି ଭୟାନକ ବିପର୍ଯ୍ୟୟ ଘଟାଇଛି। ନେପାଳ ଗଣମାଧ୍ୟମର ଦାବି ଅନୁସାରେ ଚୀନ୍ ଏହି ଆସନ୍ନ ବିପର୍ଯ୍ୟୟ ସମ୍ବନ୍ଧରେ ହୁଏତ ଏକ ଆନ୍ତର୍ଜାତିକ ଚେତାବନୀ ଜଣାଇ ନାହିଁ। ଏପରି ଦାବି ପଛର କାରଣ ହେଉଛି- ହିମବାହ ତରଳିବାଜନିତ ବନ୍ୟା ସୃଷ୍ଟି ହେବା ବାବଦରେ ସତର୍କବାଣୀ ଶୁଣାଇବା ପାଇଁ ଚୀନ୍‌ର ଏକ ବଳିଷ୍ଠ ନିରୀକ୍ଷଣ ବ୍ୟବସ୍ଥା ରହିଛି। ତେଣୁ ଅଗଷ୍ଟ ୨୬ର ଘଟଣା ବାବଦରେ ସମ୍ଭବତଃ ଏହା ଆଗରୁ ଜାଣିଥାଇ ପାରେ, ଯାହା ନେପାଳକୁ ଜଣାଇ ଦେବାର ଥିଲା ବୋଲି କୁହାଯାଉଛି। ତୁଷାର ହ୍ରଦ ଏବଂ ହିମବାହଗୁଡ଼ିକର ଭରପୂର ଏକ ଅଞ୍ଚଳରେ ଆଗୁଆ ସୂଚନାର ଗୁରୁତ୍ୱକୁ କେବେ ବି ଅଣଦେଖା କରାଯାଇ ପାରିବ ନାହିଁ, ପରନ୍ତୁ ବାସ୍ତବ ସମୟରେ ସୂଚନାକୁ ଏକ ଦୁର୍ବଳ ଯୋଗାଯୋଗ ବ୍ୟବସ୍ଥା ଥିବା ଅଞ୍ଚଳରେ ପ୍ରସାରିତ କରିବାର ଅସୁବିଧାକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ। ଏହା ବାଦ୍ ରିମୋଟ୍ ସେନ୍ସିଂ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ହିମବାହଜନିତ ବିପଦ ଆପଦକୁ ପ୍ରସାରିତ କରିବା ପରେ ଲୋକମାନଙ୍କ ମଧ୍ୟରେ ଏକ ଆତଙ୍କିତ ଅବସ୍ଥା ଦେଖିବାକୁ ମିଳିବାର ଆଶଙ୍କା ରହିଥିବା ବେଳେ ଯଦି ତାହା ନ ଘଟେ, ତା'ହେଲେ ମଧ୍ୟ ଅବିଶ୍ୱାସର ଏକ ବାତାବରଣ ସୃଷ୍ଟି ହୋଇଥାଏ, ଯାହା ସ୍ପୃହଣୀୟ ନୁହେଁ।

ନେପାଳ-ଚୀନ୍ ସୀମାରେ ଜଳ ପ୍ରବାହିତ ହେବାକୁ ଅନେକ ସମୟ ଲାଗି ଯାଇଥାଏ ଏବଂ ଗୁରୁବାର ଦିନ ଏ ପ୍ରକାରର ସତର୍କ ସୂଚନା ଘରଦ୍ୱାର କି ଧନ ସମ୍ପତ୍ତି ହାନିକୁ ରୋକିବା ସମ୍ଭବପର ହୋଇ ନଥିଲେ ସୁଦ୍ଧା ବେଶ୍ କିଛି ସଂଖ୍ୟକ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥାନ୍ତା। ଏଥିରେ ଦ୍ୱିମତ ନାହିଁ ଯେ ବିପର୍ଯ୍ୟୟ ଚେତାବନୀଗୁଡ଼ିକ ଅର୍ଥପୂର୍ଣ୍ଣ ତଥା ଠିକ୍ ସମୟରେ ଦିଆଯିବାକୁ ହେଲେ ହିମାଳୟ ଅଞ୍ଚଳରେ ଅବସ୍ଥିତ ଦେଶମାନଙ୍କ ମଧ୍ୟରେ ଅଧିକ ସହଯୋଗିତାପୂର୍ଣ୍ଣ ସମ୍ପର୍କ ରହିବା ଅତ୍ୟାବଶ୍ୟକ। ଐତିହାସିକ ଭାବରେ ପ୍ରାଚୀନ ସଭ୍ୟତାଗୁଡ଼ିକ ନଦୀ ଭଳି ଜଳାଶୟଗୁଡ଼ିକର ତଟଦେଶରେ ଗଢ଼ି ଉଠିବା ସହିତ ସମୃଦ୍ଧ ହୋଇଥିଲା। ଆଧୁନିକ ସମୟରେ ନଦୀ ତଟରେ ବାସ କରିବାର ଅର୍ଥ ହେଉଛି ପାଣିପାଗଜନିତ ବିପର୍ଯ୍ୟୟକୁ ଅଧିକ ସଂଖ୍ୟାରେ ସମ୍ମୁଖୀନ ହେବା, ଯେଉଁଗୁଡ଼ିକ ମଧ୍ୟରୁ ହଠାତ୍ ନଦୀରେ ବନ୍ୟା ଆସିବା ହେଉଛି ଏକ ସାଧାରଣ ଘଟଣା। ବିପଦର ସୂଚନା ଆଗୁଆ ପାଇଲେ ସୁଦ୍ଧା ପାହାଡ଼ିଆ ଅଞ୍ଚଳରେ ନଦୀ ତଟରୁ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ଏବେ ମଧ୍ୟ ଏକ ଅସମ୍ଭବପ୍ରାୟ କାର୍ଯ୍ୟ। ତଥାପି ମୋବାଇଲ ଫୋନ୍ ଜରିଆରେ ଆଗୁଆ ସୂଚନା ପ୍ରଦାନ କରାଯିବା ସହଜରେ କରାଯାଇ ପାରିବ, ଯଦିଓ ଇଣ୍ଟରନେଟ୍ ସଂଯୋଗ ଦୁର୍ବଳ ଥିବା ଅଞ୍ଚଳଗୁଡ଼ିକରେ ତାହା ସମ୍ପୂର୍ଣ୍ଣ ରୂପେ ନିର୍ଭରଯୋଗ୍ୟ ହୋଇ ନପାରେ। ପୁନଶ୍ଚ, ପାହାଡ଼ିଆ ଅଞ୍ଚଳମାନଙ୍କରେ ବଡ଼ ବଡ଼ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ନିର୍ମାଣ କରିବା ଅତ୍ୟନ୍ତ ସମ୍ବେଦନଶୀଳ ଓ କ୍ଷଣଭଙ୍ଗୁର ପାରିବେଶିକ ବ୍ୟବସ୍ଥା ପାଇଁ ଢେର୍ ହାନିକାରକ ସାବ୍ୟସ୍ତ ହୋଇ ଆସୁଛି। ତେବେ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାର ମଧ୍ୟ ତାତ୍ପର୍ଯ୍ୟ ରହିଛି। ତେଣୁ ପ୍ରତ୍ୟେକ ପ୍ରକଳ୍ପ ନିର୍ମାଣ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ପରିବେଶକୁ ସୁହାଇବା ଭଳି କାର୍ଯ୍ୟ କରାଯିବା ବିଜ୍ଞତାର ପରିଚାୟକ ହେବ।

# ନେପାଳରେ ଜଳ ବିଭୀଷିକା



ଅବନୀ ଚନ୍ଦ୍ର ଦାସ

ନେପାଳ ଏକ ପାର୍ବତ୍ୟ ଅଞ୍ଚଳର ଦେଶ। ପ୍ରକୃତିର ରାଣୀ କୁହା ଯାଉଥିବା ଏହି ଦେଶ ଆଜି ବାରମ୍ବାର ବନ୍ୟା, ଭୂସ୍ଖଳନ ଓ ଜଳ ବିଭୀଷିକାର ସମ୍ମୁଖୀନ ହେଉଛି। ୨୦୨୪ ମସିହା ସେପ୍ଟେମ୍ବର ମାସରେ ପାଞ୍ଚ ଶହରୁ ଅଧିକ ଲୋକ ଜୀବନ ହରାଇ ଥିବା ସମସ୍ତେ ଜାଣନ୍ତି। ପ୍ରତି ବର୍ଷ ବର୍ଷା ଋତୁରେ ଏହି ବିଭୀଷିକା ନେପାଳ ସହ ଭାରତର କେତେକ ରାଜ୍ୟ ଯଥା: ବିହାର, ଉତ୍ତରପ୍ରଦେଶ ଓ ଆସାମକୁ ମଧ୍ୟ ପ୍ରଭାବିତ କରୁଛି। ଚଳିତ ବର୍ଷ ନେପାଳର ଜଳ ବିଭୀଷିକା ଯେଉଁ ଅଭୂତପୂର୍ବ କ୍ଷୟକ୍ଷତି ଘଟାଇଛି, ତାହା ସମଗ୍ର ବିଶ୍ୱକୁ ସ୍ତମ୍ଭୀଭୂତ କରି ଦେଇଛି।

ନେପାଳ ହିମାଳୟ କୋଳରେ ଅବସ୍ଥିତ। ଏଠାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସିଧା ପାହାଡ଼ରେ ଧକ୍କା ଖାଇ ପ୍ରବଳ ବର୍ଷା ସୃଷ୍ଟି କରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏବେ ଅଳ୍ପ ସମୟରେ ଅଧିକ ବାଦଲଫଟା ବର୍ଷା ହେଉଛି। ଗତ ୩୦ ବର୍ଷରେ ହିମାଳୟର ତାପମାତ୍ରା ପ୍ରାୟ ୧.୨ ଡିଗ୍ରୀ ବୃଦ୍ଧି ପାଇଛି। ଫଳରେ ହିମ ପ୍ରବାହ ଦ୍ରୁତ ତରଳୁଛି ଓ ହିମବାହ ହ୍ରଦ ଫାଟି ବନ୍ୟା ପ୍ରଳୟ ଆସୁଛି।

ଅନିୟନ୍ତ୍ରିତ ଜଙ୍ଗଲ କ୍ଷୟ ପ୍ରାୟତଃ ବନ୍ୟା ବିପ୍ରାତର ଏକ ପ୍ରମୁଖ କାରଣ ବୋଲି ଧରା ଯାଇପାରେ। ଏହି ପରିପ୍ରେକ୍ଷୀରେ ନେପାଳରେ ପ୍ରତି ବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ କଟା ଯାଉଛି। ଗଛ ନଥିଲେ ମାଟିକୁ ଧରି ରଖିବା କେମିତି ସମ୍ଭବ ହେବ? ମୃତ୍ତିକା ସଂରକ୍ଷଣ ଅଭାବରୁ ବର୍ଷାପାଣି ସିଧା ପାହାଡ଼ରୁ ଖସି ବନ୍ୟା ସୃଷ୍ଟି କରୁଛି। ଏହା ବ୍ୟତୀତ ଅପରିକଳ୍ପିତ ନଗରୀକରଣ ଯୋଗୁଁ ମଧ୍ୟ ବନ୍ୟା ବିଭୀଷିକା ଦେଖାଦେବା ସ୍ୱାଭାବିକ। କାଠମାଣ୍ଡୁ ଉପତ୍ୟକାରେ ନଦୀ ପଠାକୁ ପୋତି ଘର ନିର୍ମାଣ କରା ଯାଉଛି। ବାଗମତୀ, ବିଷ୍ଣୁମତୀ ଆଦି ନଦୀର ଜଳଧାରା ସଙ୍କୁଚିତ ହେବାରେ ଲାଗିଛି। ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ରାସ୍ତା ନିର୍ମାଣରେ ଡିନାମାଇଟ ବିସ୍ଫୋରକ ପ୍ରୟୋଗ ଦ୍ୱାରା ପାହାଡ଼ ଦୁର୍ବଳ ହେଉଛି, ଫଳରେ



ଭୂସ୍ଖଳନ ବଢୁଛି, ଯାହାକି ଏହି ପ୍ରକାର ଜଳ ବିଭୀଷିକାର ସୂତ୍ରପାତ କରୁଛି। ଏଥି ସହିତ ଅନ୍ୟ ଏକ ପ୍ରମୁଖ କାରଣ- ପ୍ରତି ବର୍ଷ ବନ୍ୟା ଜଳର ବିପର୍ଯ୍ୟୟ ପରିଚାଳନାରେ ସଚେତନତାର ଅଭାବ ରହିଥିବା ଅନୁମେୟ ହେଉଛି। ନେପାଳର କୋଶୀ, ଗଣ୍ଡକୀ, କର୍ଣ୍ଣାଳୀ ଭଳି ବଡ଼ ବଡ଼ ନଦୀଗୁଡ଼ିକରେ ଜଳର ସ୍ତର ମାପିବା ଓ ବିପଦ ସଂକେତର ପୂର୍ବ ସୂଚନା ଦେବା ବ୍ୟବସ୍ଥା ଦୁର୍ବଳ ଥିବା ପରି ମନେହୁଏ।

ହିମ ହ୍ରଦକୁ ଘେରି ରହିଥିବା ପ୍ରାକୃତିକ ବରଫ ବା ପଥର ବନ୍ଧ ଦୁର୍ବଳ ହୋଇ ଭାଙ୍ଗିଯାଏ। ହଠାତ୍ ବନ୍ୟା ହେବା ଦ୍ୱାରା ମାତ୍ର କେଇ ସେକେଣ୍ଡ କିମ୍ବା ମିନିଟ୍ ଭିତରେ ହଜାର ହଜାର ଗ୍ୟାଲନ୍ ପାଣି ନିର୍ଗତ ହୋଇ ନଦୀକୂଳିଆ ଅଞ୍ଚଳରେ ପ୍ରବଳ ଧ୍ୱଂସଲୀଳା ଘଟାଏ। ଜଳ ଭଣ୍ଡାର ଭାଙ୍ଗିଯିବା ସଂପ୍ରତି ସଂଘଟିତ ହିମ ହ୍ରଦ ବିସ୍ଫୋରଣ ବନ୍ୟାର ମୁଖ୍ୟ କାରଣ ହୋଇଥାଏ।

ଏହି ପ୍ରଳୟଙ୍କର ବନ୍ୟା ଦାଉରୁ ରକ୍ଷା ପାଇବାକୁ ହେଲେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥିତ କରିବାକୁ ପଡ଼ିବ। ଏଥି ନେଇ ସରକାରୀ ଯୋଜନା ମାଧ୍ୟମରେ କେବଳ କଂକ୍ରିଟ ବନ୍ଧ ନୁହେଁ, ପାହାଡ଼ର ମୁଣ୍ଡରେ ବ୍ୟାପକ ବୃକ୍ଷ ରୋପଣ କରିବା ଆବଶ୍ୟକ। ସ୍ଥାନୀୟ ଘାସ ଓ ଗଛ ଲଗାଇ ମାଟିକୁ ବାନ୍ଧି ରଖିବା ସହିତ ପାରମ୍ପରିକ ପୋଖରୀ ଓ ଜଳାଶୟମାନଙ୍କୁ ପୁନରୁଦ୍ଧାର କରିବା ମଧ୍ୟ ଜରୁରୀ।

ନେପାଳ-ଭାରତ ଉଭୟ ସରକାର ମିଳିତ ଭାବେ ନଦୀଗୁଡ଼ିକରେ ରିୟଲ-ଟାଇମ୍ ଫ୍ଲଡ୍ ଫୋରକାଷ୍ଟିଂ ସିଷ୍ଟମ୍ ଅର୍ଥାତ୍ ତତ୍‌କ୍ଷଣାତ୍ ବନ୍ୟା ପୂର୍ବାନୁମାନ ପ୍ରଣାଳୀ ମାଧ୍ୟମରେ ପୂର୍ବାନୁମାନ ଓ ସତର୍କତା ସୂଚନା ଦେବା ଏକାନ୍ତ ଆବଶ୍ୟକ। ହିମବାହ ହ୍ରଦ ଉପରେ ସ୍ୟାଟେଲାଇଟ୍ ନଜର ରଖି ହିମ ହ୍ରଦ ବିସ୍ଫୋରଣ ବନ୍ୟା (ଜିଏଲ୍ଓଏଫ୍)ର ଆଗୁଆ ଚେତାବନୀ ଦେବା ଏବଂ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅବା ମୋବାଇଲ ମାଧ୍ୟମରେ ଗାଁ ଗାଁରେ ସତର୍କ ସୂଚନା ପହଞ୍ଚାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ବାସ୍ତବରେ ଏହି ଜଳ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପାହାଡ଼ କାଟିବା ପୂର୍ବରୁ ପରିବେଶ ପ୍ରଭାବ ଆକଳନକୁ କଡ଼ାକଡ଼ି କରିବା, ନଦୀ ପଠାରୁ ଅନ୍ୟୂନ ୫୦୦ ମିଟର ମଧ୍ୟରେ ନିର୍ମାଣ ନିଷେଧ କରିବା ଏବଂ ଛୋଟ ଛୋଟ ଆଡ଼ିବନ୍ଧ ଓ ଜଳଛାୟା/ ଅବବାହିକା ପରିଚାଳନା କାର୍ଯ୍ୟକ୍ରମ ଜରିଆରେ ଜଳ ପ୍ରବାହକୁ ଧୀରେ ଧୀରେ ନିଷ୍କାସିତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ଉଚିତ୍ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

ସଚେତନତା କାର୍ଯ୍ୟକ୍ରମ ଜରିଆରେ ପାହାଡ଼ ଉପରେ ପ୍ଲାଷ୍ଟିକ୍ ଓ ଆବର୍ଜନା ପକାଇବା ନିଷେଧ କରିବା ଦରକାର। କାରଣ, ସେସବୁ ନିଷ୍କାସନ ନଳା ମୁହଁରେ ଜମା ହେବାଦ୍ୱାରା ବନ୍ୟା ବଢ଼ାଇ ଥାଏ। ପୁଣି, ସ୍ଥାନୀୟ ଲୋକଙ୍କୁ ଏହି ପ୍ରକାର ବନ୍ୟା ବିପର୍ଯ୍ୟୟ ପରିଚାଳନା ପାଇଁ ଉପଯୁକ୍ତ ତାଲିମ୍ ଦେବା ଜରୁରୀ। ଶେଷରେ ଏତିକି ମାତ୍ର କୁହାଯାଇପାରେ, ନେପାଳ ଜଳ ବିଭୀଷିକା କେବଳ ପ୍ରାକୃତିକ ନୁହେଁ, ଏହା ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକାରିତାର ପରିଣାମ। ପ୍ରକୃତି ସହ ଯୁଦ୍ଧ କରି ନୁହେଁ, ବରଂ ସନ୍ତୁଳନ ରଖି ପ୍ରକୃତି ସହ ମିଶି ଚାଲିଲେ ହିଁ ଏହାର ସ୍ଥାୟୀ ତଥା ସଠିକ୍ ସମାଧାନ ସମ୍ଭବ ହୋଇ ପାରିବ।

**ସାଇ ସଦନ, ପ୍ରଶାନ୍ତି ବିହାର**
**ଭୁବନେଶ୍ୱର, ମୋ: ୯୯୩୭୫୩୭୯୭୪**

# ପରମ ଶାସ୍ତ୍ର ଭାଗବତ

ମଣିଷଙ୍କୁ ସତ୍ ପଥରେ ଚଳିବାକୁ ପ୍ରତ୍ୟେକ ସମ୍ପ୍ରଦାୟରେ କିଛି କିଛି ଧର୍ମ ଗ୍ରନ୍ଥ ଅଛି। ସେମିତି ହିନ୍ଦୁମାନଙ୍କ ପାଇଁ ଭାଗବତକୁ 'ପରମ ଶାସ୍ତ୍ର' କୁହାଯାଏ। ଭାଗବତ ସୃଷ୍ଟି ହେବା ପଛରେ ଏକ ଉପାଖ୍ୟାନ ଅଛି। ପ୍ରଥମେ ସଂସ୍କୃତ ଭାଷାରେ ବ୍ୟାସଦେବ ଏହାକୁ ରଚନା କରିଥିଲେ। ପରେ ଆଞ୍ଚଳିକ ଓଡ଼ିଆ ଭାଷାରେ ଶ୍ରୀ ଜଗନ୍ନାଥ ଦାସ ଏହାକୁ ରଚନା କରିଥିଲେ। ଓଡ଼ିଆ ଜାତି ନିକଟରେ ଶ୍ରୀ ଜଗନ୍ନାଥ ଦାସକୃତ ଓଡ଼ିଆ ଭାଗବତ ଏତେ ଆଦୃତ ହୋଇଛି ଯେ ସମୀକ୍ଷକମାନେ ମତ ଦିଅନ୍ତି, ଏହା ଓଡ଼ିଆ ଭାଷାକୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେବେ ସନାତନ ଧର୍ମରେ ଦୁଇଟି ଗ୍ରନ୍ଥର ଜନ୍ମ ଦିବସ ପାଳନ କରାଯାଏ। ଗୋଟିଏ ହେଲା 'ଶ୍ରୀମଦ୍ ଭଗବତ୍ ଗୀତା' ଓ ଅନ୍ୟଟି 'ଶ୍ରୀମଦ୍ ଭାଗବତ ମହାପୁରାଣ'। ଶ୍ରୀମଦ୍ ଭାଗବତ ମହାପୁରାଣର ଜନ୍ମଦିନକୁ ଅନନ୍ତ ବ୍ରତ ରୂପେ ପାଳନ କରାଯାଇଥାଏ।

ବ୍ୟାସଦେବ ନିଜର ଦୂରଦୃଷ୍ଟି ବଳରେ ଦେଖିଲେ ଯେ କାଳର ପ୍ରଭାବରେ ଯୁଗ ଧର୍ମରେ ପରିବର୍ତ୍ତନ ଦେଖାଦେବ। ଲୋକମାନଙ୍କ ଭିତରେ ଶ୍ରଦ୍ଧା ଓ ଶକ୍ତି କମି ଆସିବ। ଲୋକମାନଙ୍କ ଶ୍ରଦ୍ଧା ଓ ଶକ୍ତି ବୃଦ୍ଧି କରିବା ପାଇଁ ଯଜ୍ଞକୁ ବିସ୍ତାର କରିବାକୁ ହେବ। ଏହି କାରଣରୁ ବ୍ୟାସଦେବ ବେଦକୁ ଚାରି ଭାଗରେ ବିଭକ୍ତ କଲେ। ତାଙ୍କର ପ୍ରିୟ ଶିଷ୍ୟ ପୈଲ, ଜୈମିନି, ବୈଶମ୍ପାୟନ ଓ ସୁମନ୍ତୁ ମୁନିଙ୍କୁ ଯଥାକ୍ରମେ ଋକ୍, ସାମ, ଯଜୁଃ ଓ ଅଥର୍ବ ବେଦ ଶିକ୍ଷା ଦେଲେ। ଅନ୍ୟ ସମସ୍ତ ଶାସ୍ତ୍ରକୁ ଏକତ୍ର କରି 'ପଞ୍ଚମ ବେଦ' ବୋଲି କହିଲେ। ରୋମହର୍ଷଣ ମୁନିଙ୍କୁ ଏହି ପଞ୍ଚମ ବେଦ ପ୍ରଦାନ କଲେ। କେହି କେହି ବେଦର ମର୍ମକୁ ଠିକ୍ ଭାବରେ ବୁଝି ପାରିଲେନି। ଋଷିମାନେ ନିଜ ନିଜ ଶାଖାକୁ ପୁଣି ବହୁ ଭାଗରେ ବିଭକ୍ତ କରିବାକୁ ଲାଗିଲେ। ବ୍ୟାସଦେବ ଏ ନେଇ ଅସନ୍ତୁଷ୍ଟ ହେଲେ। ମନ ଦୁଃଖରେ ସରସ୍ୱତୀ ନଦୀ ତଟରେ ବସିଥିଲେ। ପହଞ୍ଚିଲେ ଦେବର୍ଷି ନାରଦ। ବ୍ୟାସଦେବଙ୍କୁ ପଚାରିଲେ- 'ହେ ମହାଭାଗ! ଆପଣ ଅନେକ ଶାସ୍ତ୍ର ରଚନା କରିଛନ୍ତି। ସେଥି ମଧ୍ୟରୁ ମହାଭାରତ ଏକ ଅନନ୍ୟ କୃତୀ। ମଣିଷର ଧର୍ମ, କର୍ମ ଆଦି ସମସ୍ତ ପୁରୁଷାର୍ଥ ତ ଏଥିରେ ପୂର୍ଣ୍ଣ ହୋଇ ରହିଛି। ତଥାପି ଆପଣ କାହିଁକି ମନରେ ଅଶାନ୍ତ ଅଛନ୍ତି? କାହିଁକି ଶୋକଗ୍ରସ୍ତ ଦିଶୁଛନ୍ତି?' ବ୍ୟାସଦେବ ନାରଦଙ୍କୁ ବେଦ ବିଭାଜନ କଥା କହିଲେ ଏବଂ ପ୍ରଶ୍ନ କଲେ- 'ଦେବର୍ଷି! ମୁଁ ନିଜ ଦୁଃଖର କାରଣ ବୁଝିପାରୁ ନାହିଁ। ଆପଣଙ୍କର ତ ଅଗାଧ ଜ୍ଞାନ। ପୁଣି ଆପଣ ସ୍ୱୟଂ ବ୍ରହ୍ମାଙ୍କର ମାନସ ପୁତ୍ର। ମୋ ଶୋକ ନାଶର ଉପାୟ କୁହନ୍ତୁ।' ନାରଦ କହିଲେ- 'ହେ ବ୍ୟାସଦେବ! ଆପଣ ଯେତେସବୁ ଶାସ୍ତ୍ର ସୃଷ୍ଟି କରିଛନ୍ତି, ସେଥିରେ ଭଗବାନଙ୍କ ନିର୍ମଳ ଯଶ ଗାନ କରିପାରି ନାହାନ୍ତି। ମୋ ମତରେ, ଯେଉଁ ଶାସ୍ତ୍ରଦ୍ୱାରା ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ, ସେସବୁ ଅପୂର୍ଣ୍ଣ। ପୂର୍ବରୁ ଆପଣ ଯାହା ସୃଷ୍ଟି କରିଛନ୍ତି, ସେସବୁକୁ ଅନୁସରଣ କରି ମଣିଷମାନେ ପଥଭ୍ରଷ୍ଟ ହୋଇଛନ୍ତି। ଏଥର ଆପଣ ସମାଧିସ୍ଥ ହୋଇ ଭଗବାନଙ୍କ ଲୀଳା ସ୍ମରଣପୂର୍ବକ ତାଙ୍କର ଯଶ କୀର୍ତ୍ତନ କରନ୍ତୁ।' ନାରଦଙ୍କ ପରାମର୍ଶକ୍ରମେ ବେଦବ୍ୟାସ ସରସ୍ୱତୀ ନଦୀ ତଟସ୍ଥ ସମ୍ୟପ୍ରାସ ଆଶ୍ରମରେ ଶ୍ରୀମଦ୍ ଭାଗବତ ରଚନା ଆରମ୍ଭ କଲେ। ସେଦିନ ଥିଲା ଭାଦ୍ରବ ମାସ ପୂର୍ଣ୍ଣିମା ତିଥି।

**ସମ୍ପାଦକଙ୍କୁ ପତ୍ର**

## କର୍ମନିଯୁକ୍ତି ପ୍ରଦାନ ଆବଶ୍ୟକ

ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର। ଗତ ଦଶବର୍ଷ ମଧ୍ୟରେ ଏସିଆ ମହାଦେଶରେ ଭାରତ ଏକ ସମୃଦ୍ଧଶାଳୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଏହାର ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରଦର୍ଶନକୁ ଦେଖିଲେ ବର୍ତ୍ତମାନ ସେମାନଙ୍କର ଉନ୍ନତିର ମାନ କିଛି ମାତ୍ରାରେ ବୃଦ୍ଧି ପାଇଛି। ଭାରତୀୟ ରାଜ୍ୟ ପୁନର୍ଗଠନ ଆଇନ ବଳବତ୍ତର ରହିଲା ପରେ ଦେଶରେ ବହୁ ନୂତନ ରାଜ୍ୟର ସୃଷ୍ଟି ହେଲା। ସେଥି ମଧ୍ୟରୁ କେତେକ ରାଜ୍ୟ ବେଶ୍ ବିକଶିତ ହୋଇଥିବାବେଳେ କେତେକ ରାଜ୍ୟ ପଛରେ ରହିଗଲେ। ଅବଶ୍ୟ ବର୍ତ୍ତମାନ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଆସିଲାଣି। ଏବେ ପ୍ରତ୍ୟେକ ରାଜ୍ୟ ନିଜ ନିଜର ବିକାଶ ଦିଗରେ ଅଗ୍ରସର ହେଉଛନ୍ତି। କିନ୍ତୁ ବର୍ତ୍ତମାନ ମଧ୍ୟ ଭାରତରେ ପୃଥିବୀର ଏକ ତୃତୀୟାଂଶ ଦରିଦ୍ର ଲୋକ ବାସ କରୁଛନ୍ତି। ତେଣୁ ଭାରତକୁ ଦ୍ରୁତଗତିରେ ଆଗେଇବାକୁ ହେଲେ ଦୃଢ଼ କର୍ମ ନିଯୋଜନ ବ୍ୟବସ୍ଥା ସହ ସାମାଜିକ ସୁରକ୍ଷା, ଦାରିଦ୍ର୍ୟ ନିରାକରଣ, ଆୟବୃଦ୍ଧି ଇତ୍ୟାଦି ବିଷୟରେ ଉଚିତ୍ ପଦକ୍ଷେପ ନେବାକୁ ପଡିବ। ପ୍ରତ୍ୟେକ ରାଜ୍ୟ ନିଜର ଉନ୍ନତି ସହ ଦେଶର ସମୃଦ୍ଧି, ଶାନ୍ତି, ଆୟ ବୃଦ୍ଧି ଓ ଉନ୍ନତିମୂଳକ କାର୍ଯ୍ୟକଳାପଗୁଡ଼ିକୁ ଜାରି ରଖିବାକୁ ପଡିବ।

**- ପଲ୍ଲବୀ ହୋତା, ବୁଢ଼ାରାଜା, ସମ୍ବଲପୁର**

ନିତିଦିନ NITIDIN



## ବନ୍ୟା ଜଳରେ ବୁଡ଼ି ରହିଛି ଚାଷଜମି

# ପଚାସଢ଼ା ଧାନ ଗଛ ଧରି ତହସିଲ୍‌କୁ ଧାଇଁଲେ ଚାଷୀ

**ଆଳି,୧୧୯/ଏନ୍ଏନ୍ଏସ୍:** ଦେଢ଼ ମାସ ହେବ ଲଗାଣ ବର୍ଷା ଓ ବନ୍ୟାରେ ବୁଡି ରହିଛି ଆଳି ବ୍ଲକ୍‌ର ହଜାର ହଜାର ହେକ୍ଟର ଚାଷଜମି। ଚାଷ ଜମିରେ ଧାନ ଗଛଗୁଡିକ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ କ୍ଷୟକ୍ଷତି ଆକଳନ କରାଯାଉନି। ଚାଷ ଜମିର ସ୍ଥିତି ଓ ଚାଷୀଙ୍କ ଦୁଃଖ ଜଣାଇବା ନିମନ୍ତେ ଆଳି ବାଲକାଟି ଗ୍ରାମର ଶତାଧିକ ଚାଷୀ ପଚା ଧାନ ଗଛ ନେଇ ଆଳି ତହସିଲ ସମ୍ମୁଖରେ ସେମାନଙ୍କ ଦୁଃଖ ଶୁଣିବା ନିମନ୍ତେ ପ୍ରଶାସନ ନିକଟରେ ଗୁହାରି କରିଥିଲେ। ମଙ୍ଗଳବାର ଆଳି ବ୍ଲକ୍ ବାଲକାଟି ପଞ୍ଚାୟତର ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଚାଷୀମାନେ ନିଜ ଚାଷ ଜମିରୁ ପଚା ଧାନ ଗଛ ଧରି ଆଳି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଚାଷୀ ମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ଦାବି ଉଠାଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ବାଲକାଟି ପଞ୍ଚାୟତର ପାଞ୍ଚଶହରୁ ଉର୍ଦ୍ଧ୍ୱ ଚାଷୀ ଦୁଇ ହଜାର ଏକରରୁ ଉର୍ଦ୍ଧ୍ୱ ଧାନ ଚାଷ କରିଥିଲେ। ଅଢେଇ ମାସ ହେବ ତଳି ରୁଆ ଓ ପଡା କରିଥିଲେ। ଧାନ ରୁଆ ହେବା ପରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଦେଢ଼ ମାସ ହେବ ଚାଷ ଜମିରେ ଛାତିଏ




ଲେଖାଁ ପାଣି ଜମିରହିଛି। ପାଣି ଜମି ରହିଥିବାରୁ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରୁଆ ହୋଇଥିବା ଧାନ ଗଛଗୁଡିକ ପାଣିରେ ବୁଡି ପଚିସଢ଼ି ଗଲାଣି। ଦୁଇ ମାସ ହେବ ଚାଷ ଜମିଗୁଡିକ ପାଣିରେ ବୁଡି ରହିଥିବାବେଳେ ଆଜି ପର୍ଯ୍ୟନ୍ତ କୃଷି ବିଭାଗ ଓ ରାଜସ୍ୱ ବିଭାଗ କେହି ବି ଚାଷୀଙ୍କ କ୍ଷୟକ୍ଷତିର ତଦନ୍ତ କରିନଥିବା ଅଭିଯୋଗ କରିଛନ୍ତି। ଚାଷୀମାନେ ବିଭିନ୍ନ ସ୍ଥାନରୁ ହଜାର ହଜାର ଟଙ୍କା ଋଣ କରି ଚାଷରେ ଖର୍ଚ୍ଚ କରିଦେବା ପରେ ଏବେ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡିଯିବା ଦେଖି ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି। ଚାଷୀମାନେ ଚାଷ କରି ପରିବାର ପ୍ରତିପୋଷଣ ହେଉଥିବା ବେଳେ ଧାନ ନଷ୍ଟ ହୋଇଯିବା ପରେ ସେମାନେ ଚିନ୍ତାରେ ପଡିଯାଇଛନ୍ତି। ପରିବାର ପ୍ରତିପୋଷଣ, କରଜ ଶୁଝିବା ଚିନ୍ତା ଚାଷୀଙ୍କୁ ଘାରିଛି। ପ୍ରଶାସନ ପକ୍ଷରୁ ସାତ ଦିନ ମଧ୍ୟରେ ଚାଷ କ୍ଷୟକ୍ଷତିର ସରଜମିନ ତଦନ୍ତ କରି ଚାଷୀମାନଙ୍କ ଋଣ ଛାଡ଼ ସହିତ ଚାଷୀମାନଙ୍କ ନିମନ୍ତେ ସହାୟତା ଯୋଗାଇ ଦେବାକୁ ଦାବି କରି ପଞ୍ଚାୟତର ହରିଶ୍ଚନ୍ଦ୍ର ସାହୁ, ହେମନ୍ତ ବେହେରା, ଅଚ୍ୟୁତାନନ୍ଦ କର୍ବି, ନବକିଶୋର ମଲ୍ଲିକ, ପିତାମ୍ବର ବେହେରା, ଅର୍ଜୁନ ବେହେରାଙ୍କ ସମେତ ଶତାଧିକ ଚାଷୀ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ଆଳି ତହସିଲର ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଅବହେଳା କରାଗଲେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ଆତ୍ମହତ୍ୟା କରିବା ନିମନ୍ତେ ଚେତାବନୀ ଦେଇଛନ୍ତି। ଏ ନେଇ ଆଳିର ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ କହିଛନ୍ତି ଯେ ଚାଷୀମାନଙ୍କ ପକ୍ଷରୁ ହୋଇଥିବା ଦାବିପତ୍ର ସେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ। ବିଭାଗ ପକ୍ଷରୁ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନୂତନ ଅଧ୍ୟକ୍ଷଙ୍କୁ ଭାରତୀୟ ବନ୍ଦର ମଜଦୂର ସଂଘର ସ୍ୱାଗତ



**ପାରାଦୀପ,୧୧୯/ଏନ୍ଏନ୍ଏସ୍:** ପାରାଦୀପ ବନ୍ଦର ପ୍ରାଧିକରଣର ନୂତନ ଭାବେ ଯୋଗଦାନ କରିଥିବା ତଥା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତଙ୍କୁ ଭାରତୀୟ ବନ୍ଦର ମଜଦୂର ସଂଘ ପକ୍ଷରୁ ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସାଦର ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଛି। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ, ଉପସଭାପତି ଦେବୀ ପ୍ରସନ୍ନ ମାଝୀ ଓ ରଞ୍ଜିତ ମଲ୍ଲିକ, ସହସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଦାସଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ ମଲ୍ଲିକ, ଏସ୍ ବୁଲ୍ଲକ, ମୁରଲୀ ବେହେରା, ନୀଳକଣ୍ଠ ପଣ୍ଡା, ସନ୍ତୋଷ କୁମାର ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ପାଲ ରଞ୍ଜନ ମୂର୍ତ୍ତି, ପ୍ରେମ ରଞ୍ଜନ ଶତପଥୀ, ସବ୍ୟସାଚୀ ମହାପାତ୍ର ଓ ଦେବୀ ପ୍ରସାଦ ଦାଶ ଉପସ୍ଥିତ ଥିଲେ। ସାକ୍ଷାତ୍କାର ସମୟରେ ଅଧ୍ୟକ୍ଷ ଶ୍ରୀ ପୁରୋହିତ ପାରାଦୀପବାସୀଙ୍କ ସର୍ବାଙ୍ଗୀଣ ମଙ୍ଗଳ କାମନା କରିବା ସହ ପାରାଦୀପ ବନ୍ଦରର ପ୍ରଗତିଧାରାକୁ ଆହୁରି ଆଗେଇ ନେବା ଏବଂ ବନ୍ଦରର ଶ୍ରମିକମାନଙ୍କ ହିତ ଓ କଲ୍ୟାଣ ପ୍ରତି ମଧ୍ୟ ଯଥୋଚିତ ଧ୍ୟାନ ଦିଆଯିବ ବୋଲି କହିଥିଲେ।

## ୨୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ



**କେନ୍ଦ୍ରାପଡ଼ା,୧୧୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରାପଡା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି କ୍ରମରେ କଟେରିପଡ଼ା ଗ୍ରାମରେ କଙ୍ଗୋ ସିଗାରେଟ୍ ଖୋଳ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରାଯାଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। କେନ୍ଦ୍ରାପଡ଼ାର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାସୀ କରାଯାଇ ୨୫ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣା ସମ୍ପର୍କିତ ମାମଲାରେ କଟେରିପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ(୩୨) ଏବଂ ରଶ୍ମୀକାନ୍ତ ବାରିକ(୪୦)ଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ଯାଜପୁର,୧୧୯/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। କୋରେଇ ବ୍ଲକ୍ ଅଧୀନରେ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର ସ୍ଥାନ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ସ୍ଥିର ହୋଇଥିବା ସ୍ଥାନ କାହ୍ନୁ ଚରଣ ମହାବିଦ୍ୟାଳୟ, କୋରେଇ ପରିବର୍ତ୍ତେ ନୂତନ ସ୍ଥାନ, କୋରେଇ ବ୍ଲକ୍ ପରିସର ସ୍ଥିରୀକୃତ ହୋଇଛି। କାହ୍ନୁ ଚରଣ ମହାବିଦ୍ୟାଳୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ଚାଲୁଥିବାରୁ ଶିବିରର ସ୍ଥାନ ପରିବର୍ତ୍ତନ କରାଯାଇଛି।ସେହିପରି ବରୀ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର ସ୍ଥାନ ପରିବର୍ତ୍ତନ କରାଯାଇଛି।୯ ତାରିଖରେ ହେବାକୁ ଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ପୂର୍ବରୁ ସ୍ଥିର ହୋଇଥିବା ଜି.ସି. କଲେଜ,ବରୀ ପରିବର୍ତ୍ତେ ବରୀ ବ୍ଲକ ପରିସରରେ ଅନୁଷ୍ଠିତ ହେବ। କଲେଜ ପରିସରରେ ବନ୍ୟା ଯୋଗୁଁ ଜଳବନ୍ଦୀ ସମସ୍ୟା ହୋଇଥିବାରୁ ଶିବିରର ସ୍ଥାନ ବଦଳାଯାଇଛି।ସମ୍ପୃକ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଫିସର ଏବଂ ହିତାଧିକାରୀମାନଙ୍କୁ ନୂତନ ସ୍ଥାନ (ବାରୀ ବ୍ଲକ୍ ପରିସର) କୁ ଆସିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ସୂଚନା ପ୍ରଦାନ କରିଛନ୍ତି।

## ଗୋଚର ଜମିରେ ପକ୍କାଗୃହ ନିର୍ମାଣକୁ ବିରୋଧ

**କେନ୍ଦ୍ରାପଡ଼ା,୧୧୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ୍ ଅନ୍ତର୍ଗତ ପଲ୍ଲୀ ରଘୁନାଥପୁର ଗ୍ରାମରେ ଏକ ଗୋଚର ଜମି ଉପରେ ବ୍ଲକ ପ୍ରଶାସନ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ବୋର୍ଡ ଲଗାଇ ଏକ ନୂତନ ପକ୍କା ଗୃହ ନିର୍ମାଣ କରୁଥିବାରୁ ଗ୍ରାମର କେତେକ ବ୍ୟକ୍ତି ଜିଲ୍ଲାପାଳଙ୍କୁ ଭେଟି ଘଟଣାର ତଦନ୍ତ କରି ଗୋଚର ଜମିରେ ନିର୍ମାଣ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଗ୍ରାମର ଖତିଆନ୍ ନମ୍ବର -୭୧୫ ପ୍ଲଟ ନମ୍ବର- ୯୦୧ ଏ୦.୦୭୦ ଡିସିମିଲ୍ ଉପରେ ନିର୍ମାଣ ହେଉଥିବା ଏହି ଗୃହକୁ ବନ୍ଦ କରିବା ପାଇଁ ଡେରାବିଶ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମର ପ୍ରଭାତ ରଞ୍ଜନ ଜେନା, ରାଜକିଶୋର ମହାରଣା, ସର୍ବେଶ୍ୱର ମହାରଣା, ରବିନାରାୟଣ ଜେନା, ସୌମ୍ୟ ରଞ୍ଜନ ଦାସ, ମୁରଲୀଧର ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ବେଆଇନ୍ ଭାବେ ଗୋଚର ଜମିରେ ନିର୍ମାଣ ହେଉଥିବା ପକ୍କା ଗୃହକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

## ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସହାୟତା



**ଧର୍ମଶାଳା,୧୧୯/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନମଣ୍ଡଳୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଉଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମାଧ୍ୟମରେ ବହୁ ବର୍ଷ ଧରି ଅସହାୟ, ଦଳିତ ଓ ନିଷ୍ପେଶିତ ଲୋକମାନଙ୍କୁ ସହାୟତା ଯୋଗାଇ ଦିଆଯାଇ ଆସୁଅଛି। ଶ୍ରୀ ସାହୁ ବିଧାୟକ ନହେବା ପୁର୍ବରୁ ଯେଉଁଭଳି ଭାବେ ଗରିବଙ୍କ ପ୍ରତି ସେବା ଜାରିରଖିଥିଲେ ବିଧାୟକ ହେବାପରେ ଗରିବଙ୍କ ପ୍ରତି ଏହି ସାହାଯ୍ୟ ଆହୁରି ଅଧିକ ବୃଦ୍ଧିପାଇଛି। ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଝିଅ ବିବାହ ପାଇଁ ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମର ଅଜୟ କୁମାର ପଣ୍ଡା ଓ ଆର୍ଥିକ ଅନାଟନରେ ଥିବା ଓଡ଼ିଶୋ ପଞ୍ଚାୟତ ବାହାବଲପୁର ଗ୍ରାମର ଝରଣା ନାୟକଙ୍କୁ ଟ୍ରଷ୍ଟ ପକ୍ଷରୁ ଅର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

## ସମାଜସେବୀ ଶରତ ବାରିକଙ୍କ ପରଲୋକ

**ପରଜଙ୍ଗ,୧୧୯/ଏନ୍ଏନ୍ଏସ୍:** ସମାଜସେବୀ ଶରତଙ୍କ ପରଲୋକ । ପରଜଙ୍ଗ ବ୍ଲକ୍ ମୁଣ୍ଡେଇଲୋ ପଞ୍ଚାୟତର ଶରତ ବାରିକ ଆଜି ଅପରାହ୍ନ ୪ ଘଟିକା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ (୫୩ )ବର୍ଷ ହୋଇଥିଲା। ସେ ଆମ ଅଞ୍ଚଳରେ ଜଣାଶୁଣା କର୍ମଠ ବ୍ୟକ୍ତି ଥିଲେ। ଛୋଟ ପିଲାଙ୍କ ଠାରୁ ବୃଦ୍ଧ ପର୍ଯ୍ୟନ୍ତ, ଚପରାସୀଙ୍କ ଠାରୁ ଅଫିସର୍‌ଙ୍କ ପର୍ଯ୍ୟନ୍ତ ଯାହାର ଯାହା କାର୍ଯ୍ୟ ପଡ଼େ ସମସ୍ତଙ୍କର ଲୋଡ଼ା ଶରତ। କିନ୍ତୁ ଆଉ କାହାରି ପାଟିରୁ ଶୁଭିବ ନାହିଁ ଶରତ କୁଆଡ଼େ ଗଲୁ। ଗରିବ ପରିବାରରେ ଜନ୍ମ ଗ୍ରହଣ କରି ଛୋଟ ବେଳୁ ନିଜ ବେଉସାରେ ଚଳି ଆସୁଥିଲା। ପରେ ସେ ପରଜଙ୍ଗ ବସ୍‌ଷ୍ଟାଣ୍ଡରେ କିଛି ଦିନ ଗାଡ଼ି ମାଲିକମାନଙ୍କୁ ସାହାଯ୍ୟ କରୁଥିଲେ। ପରେ ପରେ ପରଜଙ୍ଗ ଡାକ୍ତରଖାନାରେ ଠିକା କର୍ମଚାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟ ନିର୍ବାହ କରୁଥିଲେ। ପରଜଙ୍ଗରେ ଅଣ ସଂଗଠନ କାର୍ଯ୍ୟ କରୁଥିବା



ଗୋଷ୍ଠୀମାନଙ୍କରେ ଶରତ ସବୁଥିରେ ଅନ୍ତର୍ଭୁକ୍ତ ଥିଲେ। ସମସ୍ତଙ୍କର ଲୋଡ଼ା ଶରତ। କିଏ କଣ କହିବା ପୂର୍ବରୁ କାର୍ଯ୍ୟଟିକୁ ସଠିକ ଭାବେ ତୁଲାଇ ଦେଇଥାଏ। ତେଣୁ ସମସ୍ତେ ଶରତଙ୍କୁ ଅପେକ୍ଷା କରିଥାନ୍ତି। ସେ ବହୁଦିନ ହେବ ମଧୁମେହ ଏବଂ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। କିଛି ସମୟ ପୂର୍ବରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଥିଲେ। ଆସନ୍ତାକାଲି ପୁନର୍ବାର ଚେକ୍‌ଅପ ପାଇଁ ଯିବାର ଥିବା ବେଳେ ଆଜି ଅପରାହ୍ନ ସାଢେ ତିନିଟା ବେଳକୁ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ପରଜଙ୍ଗ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରସାରିତ ହେବା ପରେ ତାଙ୍କ ମୁଣ୍ଡେଇଲୋ ସ୍ଥିତ ବାସ ଭବନରେ ଶେଷ ଦର୍ଶନ ପାଇଁ ନାହିଁ ନଥିବା ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଅଫିସରଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ତାଙ୍କ ବାସଭବନରେ ଆସି ତାଙ୍କ ଶେଷ ଦର୍ଶନ କରିଛନ୍ତି। ଶରତଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ଶେଷରେ ତାଙ୍କ ପାଖରେ ଦୁଇ ପୁଅ , ବୋହୂ, ସ୍ତ୍ରୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଠାରୁ ପାଇଲେ ୧ କୋଟିର ପୁରସ୍କାର ରାଶି




**ଆଠମଲ୍ଲିକ,୧୧୯/ଏନ୍ଏନ୍ଏସ୍:** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଏନ୍‌ଏସିକୁ ମିଳିଛି ବଡ଼ ସଫଳତା। ନିଜସ୍ୱ ଟିକସ ଆଦାୟ କରିବା କ୍ଷେତ୍ରରେ ରାଜ୍ୟରେ କୃତିତ୍ୱ ହାସଲ କରି ସ୍ୱାୟତ୍ତ ଶାସନ ଦିବସ ଅବସରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆଠମଲ୍ଲିକ ଏନ୍‌ଏସିର ଅଧ୍ୟକ୍ଷା ଆଶା କୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ପୁରସ୍କାର ରାଶି ଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ଶତକଡା ୮୦ ଭାଗରୁ ଉର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହରେ ସଫଳତା ପାଇଥିବା ଏନ୍‌ଏସିଗୁଡ଼ିକୁ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରିବା ନିଷ୍ପତି ନିଆଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଏକ ଉତ୍ସବ ଭୁବନେଶ୍ୱର ସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ରାଶି ଗ୍ରହଣ ପରେ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ନିଜ ପ୍ରତିକ୍ରିୟାରେ ଟିକସ ଆଦାୟ କରୁଥିବା କର୍ମଚାରୀ ଓ ସହଯୋଗର ହାତ ବଢ଼ାଇଥିବା ଜନସାଧାରଣଙ୍କୁ ଶ୍ରେୟ ଦେଇଥିଲେ ।

## କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା

**ଯାଜପୁର,୧୧୯/ଏନ୍ଏନ୍ଏସ୍:** କଂଗ୍ରେସ ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଜିଙ୍କ ବିରୋଧରେ ହୋଇଥିବା ମିଥ୍ୟା ଏଫ୍‌ଆଇଆର୍ ପ୍ରତିବାଦରେ ଆଜି ଅପରାହ୍ନରେ ଯାଜପୁର କଂଗ୍ରେସ ପକ୍ଷରୁ ଏକ ବିରାଟ ପ୍ରତିବାଦ ସଭା ଯାଜପୁର ସହରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମାଗୁଣି ଚରଣ ଜେନାଙ୍କ ଭବନରୁ ଶୋଭାଯାତ୍ରାରେ ବାହାରି ମେଡିକାଲ ଛକ, ଗାନ୍ଧୀ ଛକରେ ପ୍ରତିବାଦ ସଭା କରି ବିଜେପିକୁ କଟୁ ସମାଲୋଚନା କରିଥିଲେ। ଏଫ୍‌ଆଇଆର୍‌କୁ ତୁରନ୍ତ ପ୍ରତ୍ୟାହାର କରା ନଗଲେ ଦେଶସାରା ଭୟଙ୍କର ଆନ୍ଦୋଳନ ଜାରି ରହିବ। ସତ୍ୟ ନ୍ୟାୟ ପାଇଁ କଂଗ୍ରେସ ଲଢେଇ ଜାରିରଖିବ ବୋଲି ନେତାମାନେ




ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ୍ କଂଗ୍ରେସ, ନଗର କଂଗ୍ରେସ, ଯୁବଛାତ୍ର, ମହିଳା, କୃଷକ, ଦଳିତ ନେତାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ପ୍ରଥମେ ବାବା ସାହେବ ଆମ୍ବେଦକରଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଗୌତମବୁଦ୍ଧ ସଂସ୍କୃତି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ସନତ କୁମାର ଜେନା,ସନ୍ତୋଷ କୁମାର ନନ୍ଦ,ସଂଗ୍ରାମ ସାହାଣୀ, ଗଦା ଧର ଦାସ, ସୁଶାନ୍ତ ମିଶ୍ର, ନିରଞ୍ଜନ ସାମଲ, ଦେବ ପ୍ରସାଦ ସଥପତି, ଉମେଶ ମଲିକ, ରବି ମଲିକ, ବିଜୟ ଦାସ, ଜୟ ଦେବ ଧଳ, ପ୍ରମୁଖ ସାମିଲ ଥିଲେ।

## ବାପାଙ୍କୁ ଉଦ୍ଧାର ପାଇଁ ଝିଅର ନିବେଦନ



**କେନ୍ଦ୍ରାପଡ଼ା,୧୧୯/ଏନ୍ଏନ୍ଏସ୍:** ଜଣେ ଭିନ୍ନକ୍ଷମ ବାପାଙ୍କୁ ଖୋଜିବା ପାଇଁ ନାବାଳିକା ଝିଅ ଜିଲ୍ଲାପାଳଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଘଟଣାରୁ ପ୍ରକାଶ, କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ କନ୍ତିଆ ବିଲବଲରାମପୁର ଗ୍ରାମର ବିପିନ୍ ବିହାରୀ ରାଉତଙ୍କର ଏକ ଟ୍ରକ ଧକ୍କାରେ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଥିଲା। ଗୋଡ ଲଗାଇବା ପାଇଁ ଶ୍ରୀ ରାଉତ ରାଜସ୍ଥାନର ଜୟପୁର ୪ରୁ ୫ଥର ଯାଇ ଗୋଡ ଲଗାଇ ଫେରିଥିଲେ। କିନ୍ତୁ ଗତ ଏକମାସରୁ ଉର୍ଦ୍ଧ୍ୱ ହେବ ସେ ରାଜସ୍ଥାନ ଯାଇ ଦିଲ୍ଲୀରେ ପହଞ୍ଚି ଅନ୍ୟ ଏକ ମୋବାଇଲ୍‌ରୁ ଘରକୁ ଜୁଲାଇ ୨୪ ତାରିଖରେ ଘରକୁ ଫୋନ୍ କରିଥିଲେ। ଦୀର୍ଘ ଏକମାସ ବିତିଯାଇଥିଲେ ମଧ୍ୟ ତାଙ୍କର ଆଉ କୌଣସି ଫୋନ୍ କଲ୍ କିମ୍ବା ଖୋଜ୍ ଖବର ନଥିବାରୁ ପରିବାରର ଅବସ୍ଥା ଦୟନୀୟ ହୋଇପଡିଛି। ନାବାଳିକା ତାଙ୍କ ପରିବାର ସହିତ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଭିନ୍ନକ୍ଷମ ବାପାଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି।

## ଚାଷଜମିରୁ ଜଳ ନିଷ୍କାସନ ସମ୍ପର୍କରେ ଆଲୋଚନା

**ଚାନ୍ଦୋଳ,୧୧୯/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଅଞ୍ଚଳରେ ରେଳ ବିଭାଗର ବିକାଶ ଓ ରେଳ ଲାଇନ୍ ଯୋଗୁ ବ୍ଲକ୍ ଅଞ୍ଚଳର ବିଭିନ୍ନ ଚାଷଜମିରୁ ଜଳ ନିଷ୍କାସନରେ ସମସ୍ୟାର ସୁଧାର ନିମନ୍ତେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଆଜି ପୂର୍ବାହ୍ନରେ ରେଳ ବିଭାଗ ପକ୍ଷରୁ ହରିଦାସପୁର-ପାରାଦୀପ ରେଲୱେ କମ୍ପାନୀ ଲିମିଟେଡ୍‌ର କମ୍ପାନୀ ସେକ୍ରେଟେରୀ ସୁଶାନ୍ତ କୁମାର ଶତପଥି, ରେଳବିକାଶ ନିଗମ ଲିମିଟେଡ୍‌ର ମ୍ୟାନେଜର ମାଇକେଲ ଟେଟେଙ୍କ ସହିତ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଜଳନିଷ୍କାସନ କେନ୍ଦ୍ରାପଡ଼ା ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶେଖର, ଉପଖଣ୍ଡ ଅଧିକାରୀ ଇଂ ଲିପକ କୁମାର ସ୍ୱାଇଁ,, ସହକାରୀ ଯନ୍ତ୍ରୀ ଇଂ ରାଜେନ୍ଦ୍ର କୁମାର ବରିହା, କନିଷ୍ଠ ଯନ୍ତ୍ରୀ ଇଂ ଦିପ୍ତିମୟୀ ସାହୁ, ଇଂ ସୁରଜ କୁମାର ମଲିକ ମିଳିତ ଭାବେ ଆଜି ଡେରାବିଶ ବ୍ଲକ୍ ଅଞ୍ଚଳକୁ



ପରିଦର୍ଶନରେ ଆସିଥିଲେ। ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ପ୍ରଥମେ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ଠାରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକ୍‌ର ନୂଆହାଟ ପାଟ ସହିତ ରେଳ ଲାଇନ୍ ପାର୍ଶ୍ୱରେ ଜଳନିଷ୍କାସନ ପଥ ନିର୍ମାଣ ଓ ନିଷ୍କାସନ ପଥର ମରାମତି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀପଡ଼ା ଠାରେ ହରିଦାସପୁର-ପାରାଦୀପ ରେଳପଥର ୬୪ ନଂ ପୋଲ ତଳେ ଅତିକ୍ରମ କରିଥିବା ୧୬ ନଂ ପାଟନାଳୀ ବନ୍ଧ ରେଳପଥ ନିର୍ମାଣ ସମୟରେ ନଷ୍ଟ ହୋଇଥିବା ଯୋଗୁ ଉଦ୍‌ବୃତ ବର୍ଷାଜଳ ପଶି ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ିରହିଥିବା ବୁଲି ଦେଖିଥିଲେ। ରେଳ ବିଭାଗ ପକ୍ଷରୁ ଏଠାରେ କଂକ୍ରିଟ ଗାର୍ଡ଼ୱାଲ ନିର୍ମାଣ ପାଇଁ ଦିଆଯାଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ବାଜିପଡ଼ା ରେଲଷ୍ଟେସନ୍ ନିକଟରେ ରେଳଲାଇନ୍ ତଳେ ଜଳନିଷ୍କାସନ ପାଇଁ ସାଇଫନ୍ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ବାଜିପଡ଼ା ଷ୍ଟେସନ୍‌ରେ ଯାତ୍ରୀବାହୀ ଟ୍ରେନ ପ୍ଲାଟଫର୍ମ-୨ରେ ଲାଗୁଥିବାରୁ ସେଠାରେ ପ୍ଲାଟଫର୍ମ ସେଡ୍, ଅଧିକ ବେଞ୍ଚ ଓ ପ୍ଲାଟଫର୍ମ, ୨ ଓ ୩ର ଉନ୍ନତିକରଣ, ଗାଡ଼ି ପାର୍କିଂ ସ୍ଥଳ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଲିଫ୍ଟ ଓ ର୍‍ୟାମ୍ପ ନିର୍ମାଣ, ଷ୍ଟେସନ୍ ଠାରୁ ହଳଦିଆ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍, ଷ୍ଟେସନ୍‌ରେ ଟି-ଷ୍ଟଲ ନିର୍ମାଣ ପାଇଁ ଶ୍ରୀ ପରିଡ଼ା ଦାବି କରିଥିଲେ। ଏହାଛଡ଼ା ରେଳଲାଇନ୍‌କୁ ଲାଗିଥିବା ଠାକୁରପାଟଣା ପଞ୍ଚାୟତ ଉଚ୍ଚବାଳିକ ବିଦ୍ୟାଳୟ ପାର୍ଶ୍ୱରେ ରେଳ ବିଭାଗର ପକ୍ଷରୁ ବାଉଣ୍ଡରୀ ୱାଲ ନିର୍ମାଣ ପାଇଁ ଶ୍ରୀ ପରିଡ଼ା ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ।

## ଜମଧର ମୁସଲିମ୍ ବସ୍ତି ରାସ୍ତା ଶୋଚନୀୟ

**କେନ୍ଦ୍ରାପଡ଼ା,୧୧୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର ମୁସଲିମ୍ ବସ୍ତିର ରାସ୍ତା ଅତି ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ମୁସଲିମ୍ ବସ୍ତିକୁ ଯାତାୟତ କରିବା ରାସ୍ତାଟି ପ୍ରାୟ ଦୁଇମାସରୁ ଉର୍ଦ୍ଧ୍ୱ ହେବ କାଦୁଅ ଏବଂ ପାଣିରେ ଘେରି ରହୁଥିବାରୁ ବରିଷ୍ଠ ନାଗରିକ ମହିଳା, ଶିଶୁ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପ୍ରବଳ କାଦୁଅ ଥିବାରୁ ସ୍କୁଲ୍ ଛାତ୍ରଛାତ୍ରୀମାନେ ସ୍କୁଲ୍ ଯିବାକୁ ଅସୁବିଧାର ସମ୍ମୁଖୀନ ହେବାସହ ସାଇକେଲ୍ ସହ ତଳେ ପଡୁଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ବ୍ୟବସ୍ଥା ନ କରିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବି କରିଛନ୍ତି।

# ପ୍ରବଳ ବର୍ଷାରେ ମୟୂରଭଞ୍ଜ ବେହାଲ୍

## ବାଙ୍ଗିରିପୋଷିରେ ସର୍ବାଧିକ ୩୦୯.୨ ମିମି



**ବାରିପଦା,୧୧୯/ଏନ୍‌ଏନ୍‌ଏସ୍:** ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ସମେତ ଶିମିଳିପାଳ ଅଭୟାରଣ୍ୟ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାର ବିଭିନ୍ନ ବ୍ଲକ୍ ମଧ୍ୟରୁ ବାଙ୍ଗିରିପୋଷିରେ ସର୍ବାଧିକ ୩୦୯.୨ ମିମି ବର୍ଷା ହୋଇଥିବାବେଳେ ସାରସକଣାରେ ୨୧୭ ମିମି, ବିଶୋଇରେ ୧୯୭ ମିମି, ରାଇରଙ୍ଗପୁରରେ ୧୬୩ ମିମି, ବିଜାତଳାରେ ୧୪୦ ମିମି, ବହଳଦାରେ ୧୨୫ ମିମି, ଜାମଦାରେ ୧୧୩ ମିମି, କୁସୁମୀରେ ୧୦୪ ମିମି, କୁଳିଆଣାରେ ୯୪ ମିମି, ବାରିପଦାରେ ୮୩.୮ ମିମି, ସାମାଖୁଣ୍ଟାରେ ୫୬.୪ ମିମି, ବେତନଟୀରେ ୫୦ ମିମି, ଯଶୀପୁରରେ ୪୯ ମିମି, କରଞ୍ଜିଆରେ ୪୪.୩ ମିମି, ଟିରିଂରେ ୪୨.୨ ମିମି, ବଡ଼ସାହିରେ ୪୨ ମିମି, ମୋରଡ଼ାରେ ୩୧.୪ ମିମି, ଠାକୁରମୁଣ୍ଡାରେ ୨୯ ମିମି, ଶୁକ୍ରୁଳିରେ ୧୪.୭ ମିମି, ଶୁଳିଆପଦାରେ ୧୪ ମିମି, ଖୁଣ୍ଟାରେ ୧୩ ମିମି, କପ୍ତିପଦାରେ ୧୩ ମିମି, ଜବି ନଗରରେ ୧୧.୫ ମିମି, ରାରୁଆଁରେ ୧୧ ମିମି, ଉଦଳାରେ ୮.୨ ମିମି ଓ ରାସଗୋବିନ୍ଦପୁରରେ ସର୍ବନିମ୍ନ ୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଶିମିଳିପାଳ ଅଭୟାରଣ୍ୟ ଓ ସଂଲଗ୍ନ ଅଞ୍ଚଳଗୁଡ଼ିକ ମଧ୍ୟରେ ବଡ଼ଗାଁରେ ସର୍ବାଧିକ ୧୭୨.୭୨ ମିମି, କବାଟଘାଇରେ ୧୩୮.୯୩୮ ମିମି, ବରେହିପାଣିରେ ୧୩୭.୪୧୪ ମିମି, ପିଠାବଟାରେ ୧୨୯.୩୮ ମିମି, ଚହଲାରେ ୧୦୨.୬ ମିମି, ନଆଣାରେ ୯୯.୮ ମିମି, ଜାରିପଦା ରେଞ୍ଜରେ ୯୧.୧୨୬ ମିମି, ଗାମଚାର୍ଡାରେ ୭୦.୮୬୬ ମିମି, ଜେନାବିଲରେ ୩୯.୬୨୪ ମିମି, କୁଳିପାଳରେ ୩୮.୬୦୮ ମିମି, ଦୁଲୁରାରେ ୨୯.୭୭୨ ମିମି, ବୁଢ଼ାବଳଙ୍ଗରେ ୨୯.୨ ମିମି, ଯୁବିକେରେ ୨୪.୬ ମିମି, କେନ୍ଦୁମୁଣ୍ଡିରେ ୨୪.୧୩ ମିମି, ଭଞ୍ଜବସାରେ ୧୬.୫୧ ମିମି, ପୋଡ଼ାଡ଼ିହାରେ ୧୩.୭୬ ମିମି, ସାତକୋଶିଆରେ ୧୧.୪୩ ମିମି ଓ ଠାକୁରମୁଣ୍ଡାରେ ୭.୩୫ ମିମି ବୃଷ୍ଟିପାତ ହୋଇଛି। ଏହି ଲଗାଣ ବର୍ଷା ପ୍ରଭାବରେ ପଲପଲା ଏବଂ ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ବିଭିନ୍ନ ତଳିଆ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

**AFFIDAVIT**

By virtue of an affidavit sworn before the Notary, Balliguda dated 22.08.2026 I Sanatan Kudei, C/O- Trinath Kudei, Address- Village- Ghodabali, P.O- Sarkipada, P.S- Balliguda, Dist- Kandhamal, PIN- 762110, ODISHA, declare that I have changed my name from Bibascha Kudei to Sanatan Kudei. Hence forth, I shall be known as **Sanatan Kudei** for all purpose.

Sanatan Kudei

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dtd. 28.08.2026. I, Jitendra Kumar Singhsamanta, aged about 49 years, resident of village - Nuasahi, Jail Road, Amruta Bihar, Po- Keonjhargarh, Ps-Town, Dist- Keonjhar, Pin-758001, Odisha declare that I have changed my minor Son's name Lalita Singh Samanta (Old Name) to Lalit Singhsamanta (New Name). Henceforth, she shall be known as **Lalit Singhsamanta** all purposes.

**Jitendra Kumar Singhsamanta**

**AFFIDAVIT**

By virtue of an affidavit sworn before the Notary Public, Berhampur, Ganjam vide no. A-375 dtd.29.8.2026, I, Godabari Sethi, S/o- Late Kashi Sethi, resident of Dhoba street, Khodasingi, Po.- Engineering school, Berhampur, Ps.- B.N. Pur, Dist- Ganjam, Odisha, Pin- 760010 state that, in my Passport vide no. P0456568 issued by Passport Authority, Bhubaneswar, my father's name has been mentioned as Kasi Sethi. That both the names **Kashi Sethi** & **Kasi Sethi** belongs to one and same person.

19001/232/2627

**PANCHAYAT SAMITI OFFICE, LEPHRIPARA, DIST: SUNDARGARH**

Letter No. 2498 Date : 28.08.2026

**e-Procurement Notice Bid Identification No. 03/2026-2027**

The Block Development Officer, Lephripada on behalf of Governor of Odisha invites Percentage rate bids in Online made for construction of the work detailed below.

1. Name of the work : Construction of Kalyan Mandap infront of Thana at Lephripara
2. Total No. of work : 1 (One) Nos.
3. Class of Contractor : B Class
4. Period of completion : "9" Nine Calendar Months

The Bidders have to participate in online bidding only. The details will be available in the website www.tendersodisha.gov.in from 11.00 AM of 31.08.2026 to 5.00 PM of 17.09.2026.

**Sd/- Block Development Officer, Lephripara**

OIPR-19001/19486/1/26-27/0002

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: e-Tender-Elect-G-37-26

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ CAMPTECH ମାର୍ଗଦର୍ଶିକା ଅନୁଯାୟୀ ଭୁବନେଶ୍ୱର (BBSR) କୋଚିଙ୍ଗ୍ ଡିପୋ ଠାରେ LHB ଟାଇପ୍ କୋଚ୍‌ଗୁଡ଼ିକର D2/D3/SS1 ରକ୍ଷଣାବେକ୍ଷଣ ଅନୁସୂଚୀ ସହିତ ଗ୍ରହ୍ଣମିଲ, ପିଟର ଜଙ୍କସନ ବାକ୍ସ, WRA, REBC, ବ୍ୟାଟେରୀ ବାକ୍ସ, ଅଣ୍ଡରସ୍ଲଙ୍ଗ୍ ବିଦ୍ୟୁତ୍ ପ୍ୟାନେଲ, IV କପଲର ଏବଂ ଅଣ୍ଡରଫ୍ରେମ୍ କେବୁଲର ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,20,57,936.12, EMD (ଟଙ୍କାରେ): 2,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : 5,900.00। ଶେଷ ହେବା ଅବଧି : 36 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2026 ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍

PR-410/R/26-27

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ETCECONIVBBS 2026030, ତା.25.08.2026ରିଖ

**କାର୍ଯ୍ୟର ନାମ :** ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଭୁବନେଶ୍ୱର ଅଧୀନସ୍ଥ ବିଭିନ୍ନ ସିଭିଲ କାର୍ଯ୍ୟାଳୟ/ମୁଖ୍ୟ କାର୍ଯ୍ୟାଳୟ ଏବଂ ତାଲୁ ପ୍ରକଳ୍ପଗୁଡ଼ିକ ନିମନ୍ତେ ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ ଅନ୍ତର୍ଗତ ନିର୍ମାଣ ସଙ୍ଗଠନରେ ନୂଆ ଲାଇନ୍, ଦୋହରୀକରଣ, ମଲ୍ଟିଟ୍ରାକିଙ୍ଗ୍ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକ ନିମନ୍ତେ ପ୍ରକଳ୍ପ ସାଧାରଣ ପ୍ରବନ୍ଧକ ସେବା ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 49137.00 ଲକ୍ଷ, EMD (ଟଙ୍କାରେ): 9,82,74,000.00, କାର୍ଯ୍ୟ ଶେଷ ହେବା ଅବଧି : 60(ଷାଠିଏ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.10.2026 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-182/CJ/26-27

## ଅଧପନ୍ତରିଆ ଡ୍ରେନ୍ କାମ

# ଠିକାଦାରଙ୍କ ଖାମଖିଆଲି ନୀତି ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**ସୋର,୧୧୯/ଏନ୍‌ଏନ୍‌ଏସ୍:** ଗତ ମାସକ ତଳେ ଉପୁଜିଥିବା ବନ୍ୟା କାରଣରୁ ସୋର ବ୍ଲକ୍ ଅନନ୍ତପୁର ବଜାରରେ ବନ୍ୟାଜଳ ନିଷ୍କାସନ ନହୋଇ ଜମି ରହିଥିଲା। ଫଳରେ ଲୋକଙ୍କ ଘରେ ଓ ଦୋକାନରେ ପାଣି ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିଲା। ଏନେଇ ସ୍ଥାନୀୟ ବାସିନ୍ଦା ବଜାରରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରିବାକୁ ଦାବି କରିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଡ୍ରେନ୍ କାମ ଆରମ୍ଭ କରାଯାଇଥିଲା। ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ୍ କାମ କରାଯାଇଥିବାବେଳେ ଅନ୍ୟ ପାର୍ଶ୍ୱରେ ଏବେ ବି କେବଳ ଗାତ ଖୋଳାଯାଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ରଖାଯାଇଛି। ଫଳରେ କିଛି ଦୋକାନ ଘର ଫାଟ ସୃଷ୍ଟି ହେବାସହ ଲୋକେ ଅସୁରକ୍ଷିତ ଭାବେ ଯାତାୟତ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ଲୋକଙ୍କ ଘରେ ଓ ଦୋକାନରେ ପାଣି ପଶିବା ସହିତ ଏଠାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପରେ ୧୧ କେଭିର ତା'ର ଅସୁରକ୍ଷିତ ଭାବେ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି। ଏପରି ସ୍ଥିତିରେ ଠିକାଦାରଙ୍କ ଖାମଖିଆଲି ନୀତି ପାଇଁ ସାଧାରଣ ଲୋକେ ନାହିଁନଥିବା ଅସୁବିଧାକୁ ସମ୍ମୁଖୀନ ହେଉଥିବାରୁ ମଙ୍ଗଳବାର ନିତ୍ୟାନନ୍ଦ କରଙ୍କ ସମେତ ଅନେକ ସ୍ଥାନୀୟ ବାସିନ୍ଦା ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ବିଦ୍ୟୁତ୍ ଖୁଣ୍ଟ ଉଠାଯାଇ ଏହି ଅଧାପନ୍ତରିଆ କାମକୁ ଶେଷ କରିବାକୁ ଦାବି ହୋଇଛି।

# ଯୋଡ଼ାରେ ସ୍ୱାୟତ୍ତ ଶାସନ ଦିବସ



**ଯୋଡ଼ା,୧୧୯/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ଯୋଡ଼ା ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳ ୪ଟା ୩୦ରେ ପ୍ରଭାତ ଫେରି, ୭ଟାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୮ଟାରେ ନଗରପାଳଙ୍କ ଦ୍ୱାରା ପୌରପାଳିକାରେ ପତାକା ଉତ୍ତୋଳନ, ୯ଟାରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ୧୦ଟାରେ ସ୍ମୃତି ବନରେ ବୃକ୍ଷରୋପଣ, ୧୧ଟାରେ ମାନ୍ୟଗଣ ବ୍ୟକ୍ତିଙ୍କୁ ସମ୍ମାନ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ସାଧାରଣ ସଭା ଓ ସନ୍ଧ୍ୟା ୭ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୧୧ଟାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଡକ୍ଟର. ଜଗଦୀଶ ପ୍ରସାଦ ସାହୁ କହିଥିଲେ ଯେ ଯୋଡ଼ା ପୌରପାଳିକାସ୍ଥିତ ୧୪ଟି ୱାର୍ଡରେ କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେନେଇ ପୌରପରିଷଦ ସର୍ବଦା ଚେଷ୍ଟିତ। ସ୍ୱାୟତ୍ତ ଶାସନ ଅର୍ଥାତ୍ ନିଜ ଆୟତ୍ତ ମଧ୍ୟରେ ଶାସନ ପଦ୍ଧତିକୁ ରଖି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସର୍ବାଙ୍ଗୀନ ଉନ୍ନତି ସହ ଯୋଡ଼ା ସହରର ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତାଘାଟର ଉନ୍ନତିକରଣ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଯୋଡ଼ା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଜୋଡ଼ା ଟାଟା ଚିଫ୍ ଗେଡେଲା ଭି.ସତ୍ୟନାରାୟଣ, ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ବଡ଼ବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଫେସର୍ ଡକ୍ଟର ଅସିତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଯୋଡ଼ା ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାରେ ଶତାଧିକ ସଫେଇ କର୍ମଚାରୀଙ୍କ ମୁଖ୍ୟ ଭୂମିକା ରହିଛି। ତେଣୁ ସମସ୍ତେ ମିଶିକି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ା ପୌରପାଳିକାର ଉପନଗରପାଳ ସନ୍ଧ୍ୟା ପାତ୍ର, ୧୪ଟି ୱାର୍ଡର ୱାର୍ଡସଭ୍ୟ ଓ ପୌରପାଳିକାର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।

# ବ୍ରାଉନ୍‌ସୁଗର୍ ଜବତ, ୨ ଗିରଫ

**ସୋର,୧୧୯/ଏନ୍‌ଏନ୍‌ଏସ୍:** ସୋର ଅବକାରୀ ବିଭାଗ ପାଖର ଛକରେ ଚଢ଼ଉ କରି ବାଇକ୍ ସହ ବ୍ରାଉନ୍‌ସୁଗର୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲପୁର ଗ୍ରାମର ସେକ୍ ଜାଫିରୁଦ୍ଦିନ ଏବଂ ସେକ୍ ନୁରିସଲାମ। ବାଲେଶ୍ୱର ଅବକାରୀ ଅଧୀକ୍ଷକ ସେକ୍ ଅଶ୍ରଫ୍ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ଅନିତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ପାଖର ଛକରେ ପାଟ୍ରୋଲିଙ୍ଗ କରୁଥିଲେ। ଏହି ସମୟରେ ଜାଫିରୁଦ୍ଦିନ ଏବଂ ନୁରିସଲାମ୍ ଏକ ବଜାଜ୍ ବକ୍ସର୍ ବାଇକ୍‌ରେ ବେଲପୁର ଗ୍ରାମରୁ ପାଖର ଛକକୁ ଆସୁଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ୨୨୦ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡିକାଲ୍‌ରେ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସ୍‌ଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ସୁନାରାମ ସୋରେନ୍, ମିନତୀ ପରିଡ଼ା ଓ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ. 4661-GRC-CE-C-SO-34-2026 ତାରିଖ:- ୩୧.୦୮.୨୦୨୬, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Chief Engineer (Con)/S/ଗାର୍ଡେନ୍‌ରିଚ୍, କୋଲକାତା-୭୦୦୦୪୩, ଦକ୍ଷିଣପୂର୍ବ ରେଳପଥ, ନିମ୍ନରେ ପ୍ରଦତ୍ତ ଟେଣ୍ଡର କାର୍ଯ୍ୟ ପାଇଁ ଇ-ଟେଣ୍ଡର ଅହ୍ୱାନ କରୁଛନ୍ତି। ଏହି ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ ୱେବସାଇଟ୍ www.ireps.gov.inରେ ଅପଲୋଡ୍ କରିଦିଆଯାଇଛି। ଟେଣ୍ଡର ପ୍ରକ୍ରିୟା ଧାର୍ଯ୍ୟ ତାରିଖରେ ୧୨.୦୦ ଘଟିକା ସମୟରେ ବନ୍ଦ ହେବ। **କାର୍ଯ୍ୟ ବିବରଣୀ:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ମଣ୍ଡଳ ଅନ୍ତର୍ଗତ ଉପ-ମୁଖ୍ୟ ଇଞ୍ଜିନିୟର/କନ୍‌ଷ୍ଟ୍ରକ୍ସନ୍, ରାଉରକେଲାଙ୍କ ଅଧିକାର କ୍ଷେତ୍ର ଅଧୀନରେ ଆସୁଥିବା ଝାରସୁଗୁଡ଼ାରୁ ସରଡେଗା ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ଲାଇନରେ ଥିବା ଧୂତୁରା ଷ୍ଟେସନରେ ଓଏଚ୍‌ଇ (OHE) ଡିପୋ, ଟାୱାର ୱାଗନ୍ ସେଡ୍ ନିର୍ମାଣ, ନାଳ/ଡ୍ରେନ୍ କାର୍ଯ୍ୟ, ରିଟେଣ୍ଡିଂ ୱାଲ୍/ଟୋ ୱାଲ୍ ଆଦିର ନିର୍ମାଣ କାର୍ଯ୍ୟ, ପୁରୁଣା ପାଦଚଲା ପୋଲ ଭାଙ୍ଗିବା ସହ ନୂତନ ପାଦଚଲା ପୋଲ ନିର୍ମାଣ ସହିତ ଅତ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ। **ଆନୁମାନିକ ଟେଣ୍ଡର ମୂଲ୍ୟ:** ୩୫.୧୨ କୋଟି ଟଙ୍କା, **ବିଡ୍ ସିକ୍ୟୁରିଟି :** ୭୦,୨୪,୭୦୦/-, **କାର୍ଯ୍ୟ ଶେଷ କରିବାର ଅବଧି :** ୨୪ ମାସ, **ଟେଣ୍ଡର ବନ୍ଦ ତାରିଖ:** ୨୫.୦୯.୨୦୨୬, ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ/ ସୂଚନା/ବିବରଣୀ ସମ୍ପର୍କରେ ଜାଣିବା ପାଇଁ ଇଚ୍ଛୁକ ଟେଣ୍ଡର ଆବେଦନକାରୀ ୱେବସାଇଟ୍ www.ireps.gov.in ଯାଞ୍ଚ କରିପାରିବେ ଏବଂ ନିଜ ନିଜ ବିଡ୍‌କୁ ମଧ୍ୟ ଅନଲାଇନ୍ କରିଆରେ ଦାଖଲ କରିପାରିବେ। ଏହି ଟେଣ୍ଡର ପ୍ରକ୍ରିୟା ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ମୋଡ୍ ଆବେଦନ ଗ୍ରହଣୀୟ ନୁହେଁ। **ବି.ଦ୍ର:** ଅନ୍ୟ ସମସ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ଟେଣ୍ଡରର୍ସ/ବିଡର୍ସମାନେ ନିୟମିତ ଭାବେ ୱେବସାଇଟ୍ www.ireps.gov.in ଯାଞ୍ଚ କରିପାରିବେ। (PR-701)

## Arcil ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍

ସିଆଇଏନ୍ - CIN - U65999MH2002PLC134884, Website : www.arcil.co.in

ପଞ୍ଜିକୃତ କାର୍ଯ୍ୟାଳୟ: ଦି ରୁବି, ୧୦ମ ମହଲା, ୨୯ ସେନାପତି ବାପଟ୍ ମାର୍ଗ, ଦାଦର (ପଶ୍ଚିମ) ମୁମ୍ବାଇ-୪୦୦ ୦୨୮. ଦୂରଭାଷ: ୦୨୨ ୬୬୫୮୧୩୦୦

### ଦଖଲ ନୋଟିସ୍

ଯେହେତୁ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍ (ନିମ୍ନରେ ଉଲ୍ଲେଖିତ ଟ୍ରଷ୍ଟଗୁଡ଼ିକ ପାଇଁ ଟ୍ରଷ୍ଟି ଭାବରେ କାର୍ଯ୍ୟରତ) (ଯାହାକୁ ଏହା ପରେ 'ARCIL' ବୋଲି କୁହାଯାଇଛି)ର ଅଧିକୃତ ଅଧିକାରୀ, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ନିଗମିତ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଯାହାକୁ ଏହା ପରେ 'SARFAESI ଆକ୍ଟ' ବୋଲି କୁହାଯାଇଛି) ଅଧୀନରେ ଏକ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଭାବରେ ପଞ୍ଜୀକୃତ। ଏବଂ ଯେହେତୁ ନିମ୍ନ ସାରଣୀର ସ୍ତମ୍ଭ ନଂ. ୨ରେ ଉଲ୍ଲେଖିତ ଋଣଗ୍ରହିତା (ମାନେ) / ସହ-ଋଣଗ୍ରହୀତା (ମାନେ) / ଗ୍ୟାରେଣ୍ଟରମାନେ ମୂଳ ଋଣଦାତାଙ୍କଠାରୁ ଋଣ ଗ୍ରହଣ କରିଥିଲେ ଏବଂ ଯେହେତୁ ARCIL ଏଠାରେ ନିମ୍ନରେ ଉଲ୍ଲେଖିତ ଋଣ ଖାତା ସମ୍ବନ୍ଧୀୟ ଆର୍ଥିକ ସମ୍ପତ୍ତି ଅଧିଗ୍ରହଣ କରିଛି ଏବଂ ଯେହେତୁ SARFAESI ଆକ୍ଟ ଅଧୀନରେ ARCIL ସୁରକ୍ଷିତ ଧାରଣକାରୀ ଅଟେ। ଏବଂ ଉକ୍ତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆଇନ୍ - ୨୦୦୨ ର ନିୟମ ୨ ଅଧୀନରେ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, ନିମ୍ନରେ ଉଲ୍ଲେଖିତ ଋଣଗ୍ରହିତା (ମାନେ) / ସହ-ଋଣଗ୍ରହିତା (ମାନେ) / ଗ୍ୟାରେଣ୍ଟର(ମାନଙ୍କୁ) ନୋଟିସ୍ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସ୍‌ରେ ଉଲ୍ଲେଖିତ ପରିମାଣ ସହିତ ପରବର୍ତ୍ତୀ ସୁଧ ପରିଶୋଧ କରିବାକୁ ଆହ୍ୱାନ କରି ଦାବି ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ବିଭିନ୍ନ କାରଣରୁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ନୋଟିସ୍ ହସ୍ତାନ୍ତର କରାଯାଇପାରିନାହିଁ।

| କ୍ର. ନଂ | ଲୋନ୍ ଆକାଉଣ୍ଟ ନଂ (ଏଲ୍‌ଏଏନ୍) / ପ୍ରକୃତ ଋଣଦାତାଙ୍କ ନାମ/ଡିମାଣ୍ଡ ନୋଟିସ୍ ତାରିଖ/ ଟ୍ରଷ୍ଟର ନାମ | ଋଣଗ୍ରହୀତା/ସହଋଣଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ସୁଦ୍ଧା ମୋଟ୍ ବକେୟା ଅର୍ଥ (ଟଙ୍କାରେ) |
|---|---|---|---|
| ୧. | **LAN:** SBPLANGL000005266026 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ରଥ ପରିଡା, କାହ୍ନୁ ପରିଡା, କାମିନୀ ପରିଡ଼ା, ଏମାନେ ସମସ୍ତେ ଗୋଦାରମୁଣ୍ଡା, ପଲ୍ଲାହାର, ଅନୁଗୁଳ ୭୫୯୧୦୦ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୫,୮୧,୨୧୨/- |
| | **ବନ୍ଧକ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିର ବିବରଣୀ:** ସମ୍ପତ୍ତିଟି ଜିଲ୍ଲା: ଅନୁଗୋଳ, ତହସିଲ: ପାଲଲହଡ଼ା, ଥାନା: ଖମାର, ମୌଜା: ଗୋଦରମୁଣ୍ଡାରେ ଅବସ୍ଥିତ। ଏହାର ମ୍ୟୁଟେସନ୍ ଖାତା ନଂ ୬୫/୩୭, ପ୍ଲଟ୍ ନଂ ୨୦୩/୮୭୧, କ୍ଷେତ୍ରଫଳ: ୦.୦୪୦ ଡିସିମିଲ୍। ଏହାର ସ୍ଥିତି 'ରୟାତି' ଏବଂ କିସମ 'ଘରବାଡ଼ି'। ଏହା ଉକ୍ତ ବନ୍ଧକଦାତା କାହ୍ନୁ ଚରଣ ପରିଡ଼ା, ପିତା: ଅଭିମନ୍ୟୁ ପରିଡ଼ାଙ୍କ ନାମରେ ରହିଛି, ଯିଏକି ଏହି ଜମିର ଏକମାତ୍ର ମାଲିକ ଏବଂ ଦଖଲକାରୀ। ସୀମା: **ଉତ୍ତର:** ମଦନ ସୁନ୍ଦର ସାହୁ, **ଦକ୍ଷିଣ:** ଗୌରାଙ୍ଗ ସାହୁ **ପୂର୍ବ:** ଭାଗୀରଥି ପରିଡ଼ା **ପଶ୍ଚିମ:** ରାସ୍ତା ଅବସ୍ଥିତ। | | |
| ୨. | **LAN:** SBPLANGL000005180119 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ଲିପୁନ୍ କୁମାର ସାହୁ, କୁନି ସାହୁ, ଏମାନେ ସମସ୍ତେ ବରବକାପାଳ, ପଲ୍ଲାହାର, ଅନୁଗୁଳ ୭୫୯୧୦୦ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୭,୬୫,୨୪୮/- |
| | **ବନ୍ଧକ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିର ବିବରଣୀ:** ମୌଜା: ବରକାଳପାଳ, ତହସିଲ: ପାଲଲହଡ଼ା, ଜିଲ୍ଲା: ଅନୁଗୋଳ, ଥାନା: ଖମାର, ଥାନା କେସ୍ ନଂ ୯୪। ଖାତା ନଂ ୬୧/୫୧ ର ମୂଳ ବନ୍ଦୋବସ୍ତ (ଆର ଓ ଆର୍), ପ୍ଲଟ୍ ନଂ ୧୭୦/୬୯୬, କ୍ଷେତ୍ରଫଳ ୦.୦୪୫ ଡିସିମିଲ୍, କିସମ: ଘରବାଡ଼ି, ସ୍ଥିତି: ରୟାତି (ଭୌତିକ ସ୍ଥିତାବସ୍ଥା)। ସୀମା: **ଉତ୍ତର:** ମଦନ ସୁନ୍ଦର ସାହୁ **ଦକ୍ଷିଣ:** ଅଜୟ କୁମାର ସାହୁ **ପୂର୍ବ:** ହରିଆ ଦାସ **ପଶ୍ଚିମ:** ରାସ୍ତା ଅବସ୍ଥିତ। | | |
| ୩. | **LAN:** SBPLJHAS000007652919 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ରାଜା ଠକ୍କର, ପୂଜା ଠକ୍କର, ଏମାନେ ସମସ୍ତେ ମନ୍ଦିରଗଳି, ଲୁହୁରାପଦା, ପୋଷ୍ଟ-କାଳି ମନ୍ଦିର, ଝାରସୁଗୁଡ଼ା-ୟୁନିଟ୍-୫, ଝାରସୁଗୁଡ଼ା-୭୬୮୨୦୧ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୬,୯୮,୧୪୩/- |
| | **ବନ୍ଧକ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିର ବିବରଣୀ:** ମାଲିକ: ରାଜ ଠକ୍କର, ପିତା- ମୁକୁନ୍ଦଲାଲ ଠକ୍କର, ଜାତି- ସୁଦ୍ରପାତି, ଲୁହୁରାପଡ଼ା, ପୋ- କାଳୀ ମନ୍ଦିର, ଥାନା- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ା - ୭୬୮୨୦୧। ସମ୍ପତ୍ତିର ଅବସ୍ଥାନ: ଜିଲ୍ଲା- ଝାରସୁଗୁଡ଼ା, ତହସିଲ- ଝାରସୁଗୁଡ଼ା-୨୧୨, ଥାନା- ଝାରସୁଗୁଡ଼ା-୧୫, ମୌଜା- ଝାରସୁଗୁଡ଼ା-ୟୁନିଟ୍-୫ ଝାରସୁଗୁଡ଼ା। ଚିହ୍ନଟ: ମ୍ୟୁଟେସନ୍ ଖାତା ନଂ- ୧୨୧୨/୫୫୨୫, ପ୍ଲଟ୍ ନଂ- ୧୭୮/୯୬୮୨, କ୍ଷେତ୍ରଫଳ- ୦.୦୨୦ ଡିସିମିଲ, କିସମ- ଘରବାଡ଼ି। ସମ୍ପତ୍ତିର ପ୍ରକାର: ଆବାସିକ। ସୀମା: **ଉତ୍ତର:** କ୍ରେତାଙ୍କ ଜମି-୧୭୮(ପି) **ଦକ୍ଷିଣ:** ପ୍ଲଟ୍ ନଂ-୧୭୮(ପି) **ପୂର୍ବ:** ରାସ୍ତା **ପଶ୍ଚିମ:** ପ୍ଲଟ୍ ନଂ-୧୭୭ ଅବସ୍ଥିତ। | | |
| ୪. | **LAN:** SBPLPADA000005825497 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ସଞ୍ଜୟ ନାଗ, ବସୀମା ନାଗ, ଏମାନେ ସମସ୍ତେ ପ୍ଲଟ୍ ନଂ ୬୩୬/୨୭୨୪, ବାଡିକେଲ, ପଦ୍ମପୁର, ବରଗଡ଼-୮୨୨୧୨୫ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୫,୧୫,୪୮୫/- |
| | **ବନ୍ଧକ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିର ବିବରଣୀ:** ଜିଲ୍ଲା- ବରଗଡ଼, ତହସିଲ- ପଦ୍ମପୁର, ଥାନା- ପଦ୍ମପୁର, ଏସ୍‌ଆରଓ-ପଦ୍ମପୁର, ମୌଜା- ବାଡିକେଲ, ମ୍ୟୁଟେସନ୍ ଖାତା ନଂ ୨୫୩/୪୪୬, ପ୍ଲଟ୍ ନଂ ୬୩୬/୨୭୨୪, କିସମ- ଘରବାଡ଼ି(ବାସପୋଯୋଗୀ), କ୍ଷେତ୍ର ଫଳ- ୦.୦୨୫ ଡିସିମିଲ୍। ସୀମା:**ଉତ୍ତର:** ୦ **ଦକ୍ଷିଣ:** ୦ **ପୂର୍ବ:** ୦ **ପଶ୍ଚିମ:** ୦ | | |
| ୫. | **LAN:** SBPLPADA000007863982 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ଗଙ୍ଗାଧର ସାହୁ, ଅଯୋଧ୍ୟା ସାହୁ, ଏମାନେ ସମସ୍ତେ ପ୍ଲଟ୍ ନଂ ୨୧୮୮/୨୬୩୯, ଫଟାମୁଣ୍ଡା, କୋଇସିଙ୍ଗା, ଆଗଲପୁର, ବଲାଙ୍ଗୀର-୭୬୭୦୦୧ ଠାରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୫,୫୨,୪୬୨/- |
| | **ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ ସୁରକ୍ଷିତ ସମ୍ପତ୍ତି:** ଗଙ୍ଗାଧର ସାହୁ, ପିତା- ମୁରଲୀଧର ସାହୁଙ୍କ ସମ୍ପତ୍ତି, ଜିଲ୍ଲା- ବଲାଙ୍ଗୀର, ତହସିଲ- ଅଗଲପୁର-୫୬, ଥାନା- ଲୋଇସିଂହା-୫୬, ମୌଜା- ଫଟାମୁଣ୍ଡାରେ ଅବସ୍ଥିତ। ମ୍ୟୁଟେସନ୍ ଖାତା ନଂ- ୨୦୦/୨୧୩, ପ୍ଲଟ୍ ନଂ- ୨୧୮୮/୨୬୩୯, କ୍ଷେତ୍ରଫଳ- ୦.୦୪୦ ଡିସିମିଲି। ଜମିର ପ୍ରକାର: କିସମ- ଆଟ ମାମୁଲି (ଅଣ-ଘରବାଡ଼ି) ଏବଂ ଅଣବାସପୋଯୋଗୀ। ସୀମା: **ଉତ୍ତର:** ରାସ୍ତା, **ଦକ୍ଷିଣ:** ଦୀନନାଥ ସାହୁ **ପୂର୍ବ:** ବାସୁଦେବ ସାହୁ **ପଶ୍ଚିମ:** ଗଣେଶ୍ୱର ସାହୁଙ୍କ ଜମି ରହିଛି। | | |
| ୬. | **LAN:** SBPLPADA000007483128 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ଗଣେଶ ମହାନନ୍ଦ, ଅନୁପମା ମହାନନ୍ଦ, କୁନୁ ମହାନନ୍ଦ, ଏମାନେ ସମସ୍ତେ ପ୍ଲଟ୍ ନଂ ୨୩୧/୧୧୭୮, ପ୍ଲଟ୍ ନଂ ୨୩୩/୧୧୭୯, ଡୁଙ୍ଗୁରୀ ପାଲି, ପଦମପୁର, ପଦମପୁର, ବରଗଡ଼-୭୬୮୦୪୯ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୪,୬୦,୪୮୪ /- |
| | **ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ ସୁରକ୍ଷିତ ସମ୍ପତ୍ତି:** ଜିଲ୍ଲା- ବରଗଡ଼, ତହସିଲ- ପଦମ୍ପୁର-୨୮, ଥାନା- ପଦମ୍ପୁର, ନଂ-୭୭, ମୌଜା- ଡୁଙ୍ଗୁରୀ ପାଲି। ମ୍ୟୁଟେସନ୍ ଖାତା ନଂ- ୭୫/୧୪୧, ପ୍ଲଟ୍ ନଂ- ୨୩୧/୧୧୭୮, କ୍ଷେତ୍ରଫଳ- ୦.୦୬୦ଡିସିମିଲ, କିସମ- ଆଟ ସାଧାରଣ; ପ୍ଲଟ୍ ନଂ- ୨୩୩/୧୧୭୯, କ୍ଷେତ୍ରଫଳ- ୦.୦୪୦ ଡିସିମିଲ, କିସମ- ଆଟ ସାଧାରଣ (ଅଣ-ଘରବାଡ଼ି)। ସୀମା: **ଉତ୍ତର:** ନିଜେ, **ଦକ୍ଷିଣ:** ନିଜେ, **ପୂର୍ବ:** ନିଜେ ଏବଂ **ପଶ୍ଚିମ:** ବିନନ୍ଦ ମହାନନ୍ଦଙ୍କ ଜମି ରହିଛି। | | |
| ୭. | **LAN:** SBPLPADA000006405475 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ପରମେଶ୍ୱର ପଟେଲ୍, ସଂଯୁକ୍ତା ପଟେଲ୍, ଏମାନେ ସମସ୍ତେ ପ୍ଲଟ୍ ନଂ ୩୬୪/୧୦୭୨, ସତୀଭାଟ, ପଦମପୁର, ପଦମପୁର, ବରଗଡ଼ - ୭୬୮୦୨୮ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୫,୯୬,୮୦୬/- |
| | **ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ ସୁରକ୍ଷିତ ସମ୍ପତ୍ତି:** ଜିଲ୍ଲା- ବରଗଡ଼, ତହସିଲ- ପଦମ୍ପୁର ନଂ-୨୨୬, ଥାନା- ପଦମ୍ପୁର ପିଏସ୍. ନଂ-୨, ମୌଜା- ସତୀଭାଟ। ମ୍ୟୁଟେସନ୍ ଖାତା ନଂ- ୧୦୩/୧୯୦, ପ୍ଲଟ୍ ନଂ- ୩୪୬/୧୦୭୨, କ୍ଷେତ୍ରଫଳ- ୦.୦୧୦ ଡିସିମିଲି, କିସମ- ଘରବାଡ଼ି, ସୀମା: **ଉତ୍ତର:** ଗୋବିନ୍ଦ ଧାମା **ଦକ୍ଷିଣ:** ବିକ୍ରେତା, **ପୂର୍ବ:** ରାସ୍ତା **ପଶ୍ଚିମ:** ରମେଶ ସିରଦାରଙ୍କ ଜମି ରହିଛି। | | |
| ୮. | **LAN:** SBPLPADA000005353841 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ଜଗଦୀଶ କଲ୍, ସନ୍ତୋଷିନୀ କଲ, ଏମାନେ ସମସ୍ତେ ପ୍ଲଟ୍ ନଂ ୧୫୯/୪୪୪, ପ୍ଲଟ ନଂ ୧୫୯/୪୪୫, ବେଣ୍ଟକାରପୁର, ପଦମପୁର ବରଗଡ଼ -୮୨୨୧୨୫ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୬,୦୩,୩୩୯.୫୬/- |
| | **ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ ସୁରକ୍ଷିତ ସମ୍ପତ୍ତି:** ଜିଲ୍ଲା- ବରଗଡ଼, ତହସିଲ- ପଦମ୍ପୁର, ଥାନା- ପଦମ୍ପୁର, ଏସ୍‌ଆରଓ ପଦମ୍ପୁର, ମୌଜା- ବେଣ୍ଟକାରପୁର, ମ୍ୟୁଟେସନ୍ ଖାତା ନଂ ୬୯/୧୪୪, ପ୍ଲଟ୍ ନଂ ୧୫୯/୪୪୪, କ୍ଷେତ୍ରଫଳ- ୦.୦୪୦ ଡିସିମିଲ୍, ପ୍ଲଟ୍ ନଂ ୧୫୯/୪୪୫, କ୍ଷେତ୍ରଫଳ- ୦.୦୪୦ ଡିସିମିଲ୍, ମୋଟ କ୍ଷେତ୍ରଫଳ- ୦.୦୮୦ ଡିସିମିଲ୍, କିସମ- ଘରବାଡ଼ି। ସୀମା: **ଉତ୍ତରରେ** : କାଞ୍ଚନ ମାଡାରୀ, **ଦକ୍ଷିଣରେ:** ଅନାଦି ଦୁଦୁକା, **ପୂର୍ବରେ** ରାସ୍ତା ଏବଂ **ପଶ୍ଚିମରେ** ଗିରିଧାରୀ ମହଲଙ୍କ ଜମି ରହିଛି। | | |
| ୯. | **LAN:** SBPLSAML000006634176 **ପ୍ରକୃତ ଋଣଦାତା:** ମେସର୍ସ ଚୋଳାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ **ଡିମାଣ୍ଡ ନୋଟିସ ତାରିଖ:** ୦୩-୦୬-୨୦୨୬ **ଟ୍ରଷ୍ଟ ନାମ:** ARCIL-TRUST-2026-029 | ପ୍ରେମଲତା ସାହୁ, ମୁରଲୀ ଧର ସାହୁ, ଏମାନେ ସମସ୍ତେ ପ୍ଲଟ୍ ନଂ ୨୭୯୦, ଦନାଇପଡ଼ା, ଗୋଲେବାଜାର, ପିଏସ୍ ଟାଉନ୍, ପୋଷ୍ଟ ଅଫିସ- ସମ୍ବଲପୁର, ତହସିଲ୍-ସମ୍ବଲପୁର, ଜିଲ୍ଲା ସମ୍ବଲପୁର-୭୬୮୦୦୧ରେ ଅବସ୍ଥାନ କରୁଛନ୍ତି। | ୦୩-୦୬-୨୦୨୬ ସୁଦ୍ଧା ୪,୧୯,୨୮୯/- |
| | **ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ ସୁରକ୍ଷିତ ସମ୍ପତ୍ତି:** ଜିଲ୍ଲା- ସମ୍ବଲପୁର, ତହସିଲ- ସମ୍ବଲପୁର, ଏସ୍‌ଆରଓ- ସମ୍ବଲପୁର, ଥାନା- ସମ୍ବଲପୁର, ମୌଜା- ସମ୍ବଲପୁର ଟାଉନ୍ ୟୁନିଟ୍ ନଂ ୦୬, ଗୋଲେବଜାର, ମେଜର ସେଟେଲ୍‌ମେଣ୍ଟ ଖାତା ନଂ ୧୦୮୮/୧୬୧, ପ୍ଲଟ୍ ନଂ ୨୭୯୦, କ୍ଷେତ୍ରଫଳ ୦.୦୧୦ ଡିସିମିଲ୍, କିସମ- ଘରବାରୀ-୧। ସୀମା: **ଉତ୍ତର:** ପ୍ଲଟ୍ ନଂ ୨୦୮୦ ଏବଂ ୨୭୮୯, **ଦକ୍ଷିଣ:** ପ୍ଲଟ୍ ନଂ ୨୭୮୭ ଏବଂ ୨୭୮୮, **ପୂର୍ବ:** ପ୍ଲଟ୍ ନଂ ୨୭୯୧ ଏବଂ ୨୭୯୩, **ପଶ୍ଚିମ:** ପ୍ଲଟ୍ ନଂ ୨୭୮୯ ରହିଛି। | | |


ଏଣୁ, ଏହି ନୋଟିସ୍ ମାଧ୍ୟମରେ ଉପରୋକ୍ତ ଋଣଗ୍ରହୀତା (ମାନେ) / ସହ-ଋଣଗ୍ରହିତା (ମାନେ) / ଗ୍ୟାରେଣ୍ଟର(ମାନଙ୍କୁ) ଜଣାଇ ଦିଆଯାଉଛି ଯେ, ଏହି ନୋଟିସ୍ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ସେମାନଙ୍କ ସମ୍ପୃକ୍ତ ଏଲ୍‌ଏଏନ୍ ଆଗରେ ଦର୍ଶାଯାଇଥିବା ମୋଟ ବାକି ଟଙ୍କା ପରିଶୋଧ କରନ୍ତୁ। ସମ୍ପୃକ୍ତ ଋଣଗ୍ରହିତା (ମାନେ) / ସହ-ଋଣଗ୍ରହିତା (ମାନେ) / ଗ୍ୟାରେଣ୍ଟରମାନେ ସୁଧ ସହିତ ସମ୍ପୂର୍ଣ୍ଣ ବାକି ଅର୍ଥ ପରିଶୋଧ କରିବାରେ ବିଫଳ ହେଲେ, ARCIL, SARFAESI ଆକ୍ଟର ଧାରା ୧୩(୪) ଅଧୀନରେ ଉପରୋକ୍ତ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିଜ ଦଖଲକୁ ନେବାକୁ ବାଧ୍ୟ ହେବ। ଏହାବ୍ୟତୀତ, ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଅନ୍ୟାନ୍ୟ ଉପାୟରେ ନୋଟିସ୍ ପ୍ରଦାନ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, SARFAESI ଆକ୍ଟର ଧାରା ୧୩(୮) ରେ ବିସ୍ତୃତ ବିବରଣୀ ଅନୁଯାୟୀ, ବିକ୍ରୟ ମାଧ୍ୟମରେ ହସ୍ତାନ୍ତର ପାଇଁ ସାର୍ବଜନୀନ ଖୋଲା ନିଲାମ କିମ୍ବା ବ୍ୟକ୍ତିଗତ ଚୁକ୍ତିପତ୍ର ପାଇଁ ନୋଟିସ୍ ପ୍ରକାଶ ପାଇବା ତାରିଖ ପୂର୍ବରୁ ଯେକୌଣସି ସମୟରେ ARCIL ଦ୍ୱାରା ବହନ କରାଯାଇଥିବା ସମସ୍ତ ଖର୍ଚ୍ଚ ଏବଂ ଫି' ସହିତ ସମ୍ପୂର୍ଣ୍ଣ ବାକି ଅର୍ଥ ପରିଶୋଧ କରି ଉକ୍ତ ବନ୍ଧକ ସମ୍ପତ୍ତିକୁ ମୁକ୍ତ କରାଯାଇପାରିବ।

ଧ୍ୟାନ ଦିଅନ୍ତୁ ଯେ, SARFAESI ଆକ୍ଟର ଧାରା ୧୩(୧୩) ଅନୁଯାୟୀ, ଆପଣଙ୍କୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ହସ୍ତାନ୍ତର କରିବା କିମ୍ବା ସେଥିରେ କୌଣସି କାରବାର କରିବାରୁ ଏତଦ୍ୱାରା ବାରଣ କରାଯାଉଛି।

ସ୍ଥାନ: ଓଡ଼ିଶା
ତାରିଖ :୦୨.୦୯.୨୦୨୬

ସ୍ୱାକ୍ଷର/-କ୍ଷମତାପ୍ରାପ୍ତ ଅଧିକାରୀ
ଅସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍, (ଟ୍ରଷ୍ଟି ଭାବେ)

# ବରିଷ୍ଠ ଡାକ୍ତର ଉମେଶ ଚନ୍ଦ୍ର ସାହୁଙ୍କୁ 'ଡାକ୍ତର ପିସି ଦାସ ସେବା ସମ୍ମାନ'



**କେନ୍ଦୁଝର,୧୧୯/ଏନ୍‌ଏନ୍‌ଏସ୍:** କେନ୍ଦୁଝରଗଡ଼ ନଗରପାଳିକା ପକ୍ଷରୁ ୭୬ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀ ଓ ପ୍ରତିଭାଙ୍କୁ ନଗରପାଳିକା ପକ୍ଷରୁ ପୁରସ୍କୃତ କରାଯାଇଛି। ତେବେ ପ୍ରଥମଥର ଲାଗି କେନ୍ଦୁଝରଗଡ଼ ନଗରପାଳିକା ପକ୍ଷରୁ ମୌଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ପାପର ଉଦ୍ୟମ ଲାଗି 'ଡାକ୍ତର ପିସି ଦାସ ସେବା ସମ୍ମାନ' ପ୍ରଦାନ କରାଯାଇଛି। ଚଳିତ ବର୍ଷ ପ୍ରଥମେ ଏହି ସମ୍ମାନ ଜିଲ୍ଲାର ବରିଷ୍ଠ ଡାକ୍ତର ଉମେଶ ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଡାକ୍ତର ସାହୁ ଭେଷଜ ବିଶେଷଜ୍ଞ ଭାବେ ଜିଲ୍ଲାରେ ଅନେକ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ରୋଗୀ ସେବା କରି ଲୋକପ୍ରିୟ ହୋଇପାରିଛନ୍ତି। ଏହି ସମ୍ମାନ ମିଳିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମଞ୍ଚରେ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଅଧ୍ୟାପକ ସୁଧା ଦାଶ,ପୌର ଅଧ୍ୟକ୍ଷା ନିକୁ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସାଂସଦ ଓ ବିଧାୟକଙ୍କ ପ୍ରତିନିଧିଙ୍କ ସହ ସମସ୍ତ ପୌର ପରିଷଦ ପାରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ।

OFFICE OF THE SUPERINTENDING ENGINEER 25001/1064/2627
RURAL WORKS DIVISION-II, GANJAM, BERHAMPUR
************

Government of Odisha e-Procurement Notice
Bid Identification No. Online Tender/12/SERWD-II/2026-27

Memo No. 8413/RWD-IIGB Phone-0680-2404096 E-Mail: eerwgmt@yahoo.co.in Date : 22.08.2026

| | | | |
|---|---|---|---|
| 1 | Name of the Work | :: | BuildingWorks |
| 2 | Estimated Cost | :: | Rs.50.11 to 53.86Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | 07.09.2026 at 10.00 AM to 18.09.2026 upto 5.00 P.M |
| 5 | Last Date/ Time for receipt of Bids in the Portal | :: | 17.09.2026upto 5.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/-Executive Engineer,
R.W. Division-II, Ganjam, Berhampur

OIPR-25001/25073/1/26-27/0013

GOVERNMENT OF ODISHA 32001/779/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, BOUDH
At / Po - Malisahi, District - Boudh, Odisha, PIN - 762014
E-mail ID: bmidbdh@gmail.com

**e-PROCUREMENT NOTICE No. SEMIDB-02/2026-27**

| | | | |
|---|---|---|---|
| 01 | Name of work | : | Construction of New Check Dams under MATY Scheme for 2026-27 in Kantamal Block of Boudh District. |
| 02 | Total No. of Works | : | 03 (Three) |
| 03 | Estimated Cost | : | Varies from Rs. 58.47 Lakh to 72.18 Lakh |
| 04 | Period of Completion | : | 06 (Six) Calendar Months |
| 05 | Class of Contractor | : | "B" |
| 06 | Cost of Bid Document / Mode of Payment | : | Rs. 10,000/- (Non-Refundable) Online through Electronic Payment Mode (Internet Banking / NEFT / RTGS of Designated Banks and their Aggregator Banks) |
| 07 | EMD / Bid Security Amount / Mode of Payment | : | Online through Electronic Payment Mode (Internet Banking / NEFT / RTGS of Designated Banks and their Aggregator Banks) |
| 08 | Other Details : | | |
| | (i) Procurement Officer | : | Superintending Engineer, Minor Irrigation Division, Boudh |
| | (ii) Availability of Bid Documents for Online Bidding | : | **03.09.2026 from 10.00 Hours to 19.09.2026 up to 17.00 Hours** |
| | (iii) Date, Time & Venue of Technical Bid Opening (Online) | : | **21.09.2026 at 11.00 Hours** in the O/o the Superintending Engineer, MI Division, Boudh (through online) |
| | (iv) Date, Time & Venue of Financial Bid Opening (Online) | : | **25.09.2026 at 11.00 Hours** in the O/o the Superintending Engineer, MI Division, Boudh (through online) |
| | (v) Date, Time & Venue of Transparent Lottery for Finalization of Bids, if required | | **30.09.2026 at 11.00 Hours (Tentative Date)** in the O/o the Superintending Engineer, MI Division, Boudh |

**Further details can be seen from the Government of Odisha WebSite:-www.tendersorissa.gov.in**

**Sd/-Superintending Engineer**
**M.I. Division, Boudh**

OIPR-32001/32279/1/26-27/0002

## ପ୍ରଥମ ପୃଷ୍ଠାରୁ

### ସ୍ୱଦେଶୀ ଏବଂ ଆତ୍ମନିର୍ଭର ...

ପ୍ରଭାବିତ ହୋଇଛି। ଏହା ସତ୍ତ୍ୱେ ଭାରତର ଅର୍ଥନୀତି ଆଗକୁ ବଢୁଛି ଯାହା ଏପ୍ରିଲ-ଜୁନ୍ ଜିଡିପି ଅଭିବୃଦ୍ଧିରୁ ପ୍ରତୀୟମାନ ହୋଇଛି। କିନ୍ତୁ ଏବେ ବି ପାଦେ ପାଦେ ବିପଦ ରହିଛି । ଯୁଦ୍ଧ ଲାଗି ରହିଛି, ପାଣିପାଗରେ ପରିବର୍ତ୍ତନ ହେଉଛି, ମୁଦ୍ରାସ୍ଫୀତିରେ ବି ସନ୍ତୁଳନ ରକ୍ଷା କରାଯାଇପାରୁନାହିଁ। ତେଣୁ ସତର୍କ ନ ହେଲେ କୌଣସି ବି ସମୟରେ ଦେଶ ଆର୍ଥିକ ସଂକଟ ଭିତରକୁ ଚାଲିଯାଇପାରେ। ଏହାକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶବାସୀଙ୍କୁ ଏପରି ଅହ୍ୱାନ ଦେଇଥାଇପାରନ୍ତି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକଟ କରିଛନ୍ତି।

### ମହାନଦୀକୁ ଡେଇଁ ...

ମହାନଦୀର ପାଣିକୁ ଚାହିଁ ରହିଥିଲେ। ତେବେ କେହି କିଛି ବୁଝିବା ପୂର୍ବରୁ ହିଁ ସେ ତଳକୁ ଡେଇଁ ପଡ଼ିଥିଲେ। ତେବେ ଖବର ପାଇବା ପରେ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଡଙ୍ଗା ଓ ଅନ୍ୟାନ୍ୟ ଉଦ୍ଧାର ସରଞ୍ଜାମ ସହ ଘଟଣାସ୍ଥଳରେ ପହଞ୍ଚି ନଦୀରେ ସନ୍ଧାନ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ନିଖୋଜ ଯୁବକଙ୍କ ମା'ଙ୍କ କହିବା ଅନୁଯାୟୀ, ଜଣେ ଝିଅ ତାଙ୍କ ପୁଅକୁ ଭଲ ପାଉଥିଲେ ଏବଂ ତାଙ୍କ ଘରକୁ ଆସୁଥିଲେ। କିଛି ଦିନ ହେବ ଝିଅଟି ତାଙ୍କ ପୁଅ ସହ କଥା ହେଉ ନ ଥିବାରୁ ପୁଅଟି ମାନସିକ ଅଶାନ୍ତିରେ ଥିଲା। ଏହି କାରଣରୁ ହୁଏତ ତାଙ୍କ ପୁଅ ଏପରି କରିଥାଇପାରେ ବୋଲି ସେ ସନ୍ଦେହ କରୁଥିବା ନିଖୋଜ ଯୁବକଙ୍କ ମା'କହିଛନ୍ତି।ତେବେ ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି ଏବଂ ଅଗ୍ନିଶମ ବାହିନୀ ଦ୍ୱାରା ଖୋଜାଖୋଜି ଜାରି ରହିଛି।

### ଖାରଜ ହେଲା ଛାତ୍ର ...

ଅନୁମତି ଦେଇଛନ୍ତି। ଆଜିର ଶୁଣାଣି ସମୟରେ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ ସିଜେପି (କକ୍‌ରୋଚ୍ ଜନତା ପାର୍ଟି)ର କର୍ମକର୍ତ୍ତାମାନଙ୍କୁ ଦିଆଯାଇଥିବା ସମସ୍ତ ୩ଟି ଯାକ ପ୍ରତିଶ୍ରୁତି ପୂରଣ କରିବାକୁ ସରକାର ବଦ୍ଧପରିକର। ଯେପରିକି ଜୁଲାଇ ୨୦ରୁ ଜୁଲାଇ ୨୫ ମଧ୍ୟରେ ରୁଜୁ ଏଫ୍‌ଆଇଆର୍ କାର୍ଯ୍ୟକାରୀ କରାଯିବ ନାହିଁ। ଏହି ମାମଲାରେ କୌଣସି ନୂଆ ଏଫ୍‌ଆଇଆର୍ ରୁଜୁ ହେବ ନାହିଁ। ଏତଦ୍‌ବ୍ୟତୀତ ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ପରୀକ୍ଷା ବାତିଲ୍ ଜନିତ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ। ତେବେ ଏଥିପାଇଁନିୟମାବଳୀ ନିର୍ଦ୍ଧାରଣ ପାଇଁ ୩ ମାସ ସମୟ ଆବଶ୍ୟକତା ଥିବା ସରକାର ସୁପ୍ରିମକୋର୍ଟଙ୍କ ସମ୍ମୁଖରେ କହିଛନ୍ତି।ଅନ୍ୟପକ୍ଷେ ସୁପ୍ରିମକୋର୍ଟଙ୍କ ଏହି ରାୟ ତଥା ନିର୍ଦ୍ଦେଶ ଆଜି ଆସିବା ମାତ୍ରେ ସିଜେପି ପକ୍ଷରୁ ଆସନ୍ତା ୫ ତାରିଖରେ ଦିଲ୍ଲୀରେ ଏକ ବଡ଼ ଧରଣର ପ୍ରତିବାଦ ରାଲି ପାଇଁ ଯେଉଁ ଡାକରା ଦିଆଯାଇଥିଲା ତାହାକୁ ପ୍ରତ୍ୟାହାର କରିନିଆଯାଇଛି। କୋର୍ଟଙ୍କ ଏହି ନିର୍ଦ୍ଦେଶ ଏବଂ ସରକାରଙ୍କ ସକାରାତ୍ମକ ଆଶ୍ୱାସନା ପରେ ସିଜେପି ସେପ୍ଟେମ୍ବର ୫ ରେ ହେବାକୁ ଥିବା ପଦଯାତ୍ରା/ଆନ୍ଦୋଳନକୁ ବାତିଲ କରିଛି।ସିଜେପିର ସହ-ଆହ୍ୱାନକାରୀ ସୌରଭ ଦାସ କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ଦାବିକୁ ପୁନର୍ବାର ସରକାରଙ୍କ ସମ୍ମୁଖରେ ରଖିବା ପାଇଁ ସିଜେପି ଏହି ପ୍ରତିବାଦ ରାଲି ପାଇଁ ଆହ୍ୱାନ ଦେଇଥିଲା, ତାହା ଆଉ ଆବଶ୍ୟକ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସହ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ମିଳିସାରିଛି। ତେବେ ଏସବୁ ସହ ସେ ଦିଲ୍ଲୀ ପୁଲିସ୍‌ର ଦାବି ଉପରେ କିନ୍ତୁ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଯଦି ସେହି ୨,୮୦୦ ଜଣ ପ୍ରକୃତରେ 'ଦୁର୍ଦ୍ଧାନ୍ତ ଅପରାଧୀ' ଥିଲେ, ତେବେ ସେମାନେ ପ୍ରଥମରୁ ସମାଜରେ ଖୋଲାରେ କିପରି ବୁଲୁଥିଲେ ? ଯଦି ସେମାନେ ଆନ୍ଦୋଳନ ସ୍ଥଳରେ କୌଣସି ଜଘନ୍ୟ ଅପରାଧ କରିଛନ୍ତି, ତେବେ ସେମାନଙ୍କ ବିରୋଧରେ ନିଶ୍ଚିତ ଭାବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍।

### ପ୍ରତି ଜିଲ୍ଲାରେ ନିଯୁକ୍ତ ...

ଜିଲ୍ଲାର ଆବଶ୍ୟକତା ଓ ଭୌଗୋଳିକ ସ୍ଥିତିକୁ ବିଚାରକୁ ନେଇ ଜିଲ୍ଲାପାଳ ଚାହିଁଲେ ଏହି ସଂଖ୍ୟାକୁ ସର୍ବାଧିକ ୧୦ ପର୍ଯ୍ୟନ୍ତ ବଢ଼ାଇ ପାରିବେ। ମନୋନୀତ ଶକ୍ତି ଅପାମାନେ ପ୍ରତି ତିନି ମାସରେ ଅତିକମରେ ଥରେ ଲେଖାଏଁ ନିଜ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଗସ୍ତ କରି ଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ବୁଝିବେ। ଏହି ଗସ୍ତ ପାଇଁ ଆବଶ୍ୟକ ଯାତାୟାତ ଖର୍ଚ୍ଚ ଓ ଦୈନିକ ଭତ୍ତା ସମ୍ପୃକ୍ତ କଲେଜ ପକ୍ଷରୁ ସେମାନଙ୍କୁ ସମ୍ମାନଜନକ ଭାବେ ପ୍ରଦାନ କରାଯିବ। ଗସ୍ତ ଶେଷରେ ସେମାନେ ଜିଲ୍ଲା ନୋଡାଲ କଲେଜକୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ, ଯାହା କ୍ୟାମ୍ପସରେ ଥିବା 'ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍‌କୁ ଅଧିକ ସକ୍ରିୟ କରିବାରେ ବେଶ୍ ସହାୟକ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ କେବଳ ଉଚ୍ଚ ଅଭିଜ୍ଞତାସମ୍ପନ୍ନ ମହିଳାମାନଙ୍କୁ ହିଁ ଚୟନ କରାଯିବ, ଯେଉଁମାନଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମରେ ୧୫ ବର୍ଷର ବୃତ୍ତିଗତ ଅଭିଜ୍ଞତା ରହିଥିବ। ମହିଳା ସୁରକ୍ଷା ଓ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ମହିଳା ସମାଜସେବୀ, ପୁଲିସ ଓ ସଶସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ମହିଳା କର୍ମଚାରୀ, ଆଇନ ଓ ସାଇବର ସୁରକ୍ଷା ବିଶେଷଜ୍ଞ, ମାନସିକ ପରାମର୍ଶଦାତା, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ବରିଷ୍ଠ ଶିକ୍ଷାବିତ୍ ତଥା ସଫଳ ମହିଳା ଉଦ୍ୟୋଗୀମାନଙ୍କୁ ଏହି ଚୟନ ପ୍ରକ୍ରିୟାରେ ପ୍ରାଥମିକତା ଦିଆଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଦେବଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କେନ୍ଦୁଝର ଓ ରାୟଗଡ଼ା ଜିଲ୍ଲାରେ ଏହି ମନୋନୟନ ପ୍ରକ୍ରିୟା ଶେଷ ହୋଇସାରିଛି। ଅବଶିଷ୍ଟ ଜିଲ୍ଲାଗୁଡ଼ିକର ନୋଡାଲ ଡିଗ୍ରୀ କଲେଜଗୁଡ଼ିକୁ ଚଳିତମାସ ୨୧ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଗୁଗୁଲ ଫର୍ମ ଓ ଇମେଲ ଯୋଗେ ମନୋନୀତ 'ଶକ୍ତି ଅପାମାନଙ୍କ' ସମ୍ପୂର୍ଣ୍ଣ ବିବରଣୀ ବିଭାଗ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଏହି ପ୍ରୟାସ କ୍ୟାମ୍ପସରେ ସୁରକ୍ଷା ବଳୟକୁ ସୁଦୃଢ଼ କରିବା ସହ ଛାତ୍ରୀମାନଙ୍କୁ ନିର୍ଭୀକ ଓ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ ବୋଲି କୁହାଯାଉଛି।

### ଜେଲ୍‌ରୁ ମୁକୁଳିଲେ ...

କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ବ୍ରହ୍ମପୁର ମହାନଗର ନିଗମର ସମସ୍ତ ବିଜେଡି କର୍ପୋରେଟର, ଛାତ୍ର, ଯୁବ, ମହିଳା ବିଜେଡି ନେତା ଓ କର୍ମୀ ଜେଲ୍ ସମ୍ମୁଖରେ ଉପସ୍ଥିତ ଥିଲେ। ଏକ ବିରାଟ ଶୋଭାଯାତ୍ରାରେ ବିକ୍ରମଙ୍କୁ ଗଞ୍ଜାମ ନଗର ସ୍ଥିତ ତାଙ୍କ ସରକାରୀ ବାସଭବନକୁ ନିଆଯାଇଥିଲା। ଅନ୍ୟପକ୍ଷେ ଜେଲ୍‌ରୁ ବାହାରିବା ପରେ ବିକ୍ରମ ପଣ୍ଡା ଘଟଣାକୁ ନେଇ ଏକ ଚାଞ୍ଚଲ୍ୟକର ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ସେ ନିର୍ଦ୍ଦୋଷ, ତାଙ୍କୁ ଫସେଇ ଦିଆଯାଇଛି। ତେବେ ସତ୍ୟର ସର୍ବଦା ଜୟ ହୁଏ। ଏସବୁ ଗଞ୍ଜାମ ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଜଣାଇ ସେ କହିଛନ୍ତି ଯେ, ଗଞ୍ଜାମ ଜନସାଧାରଣଙ୍କ ଭଲପାଇବା ଓ ଆଶୀର୍ବାଦ ସବୁବେଳେ ତାଙ୍କ ସହିତ ରହିଛି। ସେମାନଙ୍କ ସ୍ନେହ ଏବଂ ବିଶ୍ୱାସ ହିଁ ତାଙ୍କର ସବୁଠାରୁ ବଡ଼ ବଳ। ସୂଚନାଯୋଗ୍ୟ, ୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ବରିଷ୍ଠ ଆଇନଜୀବୀ ପିତାବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ବିକ୍ରମଙ୍କୁ ଗତ ୧୨ ଜାନୁ ଗିରଫ କରିଥିଲା ପୁଲିସ। ବିକ୍ରମ ପଣ୍ଡା ଜେଲରୁ ବାହାରିବା ସମୟରେ କାରାଗାର ବାହାରେ ତାଙ୍କର ଶହ ଶହ ସମର୍ଥକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଜେଲ୍ ଗେଟ୍‌ରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ୩ ଜିଲ୍ଲାକୁ ଅରେଞ୍ଜ ...

ଜାରି ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ସୋନପୁରରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମି ଝଟକା ପବନ ୬୦ କି.ମି ବହିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଓଡ଼ିଶା ଉପକୂଳରେ ୪୦ରୁ ୫୦ ସର୍ବାଧିକ ୬୦ କି.ମି ବେଗରେ ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୪ ଘଣ୍ଟା ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି। ସେପଟେ ବଢ଼ର ସତର୍କତା ମଧ୍ୟ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି। ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ହୋଇଛି ୟେଲୋ ଆଲର୍ଟ। ସେହିପରି ସ୍ଥାନେ ସ୍ଥାନେ ହାଲୁକା ମଧ୍ୟମ ଧରଣର ବର୍ଷା ସମ୍ଭାବନା ମଧ୍ୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ୪ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା, ୭ଟି ସ୍ଥାନରେ ଅତି ପ୍ରବଳ ବର୍ଷା, ୯ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଠାରେ ୩୦୯.୨ ରିକର୍ଡ କରାଯାଇଛି। ସେପଟେ ଜୁନ ୧ରୁ ଏଯାବତ ୧୧୭୦.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବର୍ଷା ଠାରୁ ୨୭ ପ୍ରତିଶତ ଅଧିକ। କେବଳ ଜଗତସିଂହପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

### ଏକାଠି ହେଲେ ୨୨ ରାଜ୍ୟ ...

ଉଲ୍ଲେଖଯୋଗ୍ୟ ମାଧ୍ୟମରେ ହିଁ ପ୍ରତ୍ୟେକ ମହିଳାଙ୍କୁ ସୁରକ୍ଷା, ସମ୍ମାନ ଓ ଅଗ୍ରଗତିର ସୁଯୋଗ ଦିଆଯାଇପାରିବ। ଏହି ସମ୍ମିଳନୀରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହାଟକର, ସଦସ୍ୟ ସଚିବ ସୁଦୀପ ଜୈନ, ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ସହ-ସଚିବ ଡ. ମୃଣାଳିନୀ ଦର୍ଶୱାଲ ଏବଂ ମିଶନ ଶକ୍ତି ସଚିବ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜାମ୍ମୁ-କାଶ୍ମୀର ଓ ତେଲେଙ୍ଗାନା ଆଦି ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବ, କମିଶନର, ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପଦବୀର ୨୯ ଜଣ ବରିଷ୍ଠ ଅଧିକାରୀ ଏଥିରେ ଭାଗ ନେଇଥିଲେ।

## ଚାରିବର୍ଷ ହେଲା ଅପେକ୍ଷାରେ ଅଞ୍ଚଳବାସୀ

# କୋଟି କୋଟି ଟଙ୍କାର ପାଣି ଟାଙ୍କି ଅଚଳ

**ମ.ରାମପୁର,୧୯/ଏନ୍‌ଏନ୍‌ଏସ୍:** ନଳ ଅଛି, ପାଣିଟାଙ୍କି ଅଛି, ପାଇପ ଅଛି, ସରକାରୀ ଯୋଜନା ମଧ୍ୟ ଅଛି। ନାହିଁ କେବଳ ପାଣି। ଦିନେ ଦିନେ ଲୋକଙ୍କ ଘରେ ନଳ ଖୋଲୁଛି, କିନ୍ତୁ ବାହାରୁନାହିଁ ପାଣିର ଧାର। ଆଜି ନୁହେଁ,

### କୁମ୍ଭକର୍ଣ୍ଣ ନିଦ୍ରାରେ ଜଳଯୋଗାଣ ବିଭାଗ

ମାସେ ନୁହେଁ, ଦୀର୍ଘ ଚାରି ବର୍ଷ ଧରି ଏହି ଅବସ୍ଥା। କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ମୁଡିଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘୋଡାପଖର ମହାବନ୍ଧ ଛକରେ ଥିବା ପାଣିଟାଙ୍କି ଏବେ ଲୋକଙ୍କ ତୃଷ୍ଣା ମେଣ୍ଟାଇବା ବଦଳରେ ବିଭାଗୀୟ ଅବହେଳାର ନିରବ ପ୍ରତୀକ ପାଲଟିଛି। ସୂଚନା ଅନୁଯାୟୀ, ୨୦୧୦ ମସିହାରୁ ଚାଲୁଥିବା ଏହି ଜଳଯୋଗାଣ ବ୍ୟବସ୍ଥା ଉପରେ ଘୋଡାପଖର ସମେତ ପିପଲପଡା, ଦୁର୍ଲାଦୁନି ଓ ମାଡେଦୁନି ଅଞ୍ଚଳର ପ୍ରାୟ ୭ ହଜାର ଲୋକ ନିର୍ଭର କରୁଥିଲେ। ଦିନେ ଏହି ଟାଙ୍କିର ପାଣି ଅନେକ ପରିବାରର ଜୀବନର ଭରସା ଥିଲା। କିନ୍ତୁ ଏବେ ସେହି ଭରସା ଭାଙ୍ଗିଯାଇଛି। ପାଣି ପାଇଁ ଲୋକଙ୍କୁ ଅନ୍ୟ ଉତ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଘରର



ଦୈନନ୍ଦିନ କାମଠାରୁ ଆରମ୍ଭ କରି ପାନୀୟଜଳ ପର୍ଯ୍ୟନ୍ତ ସବୁଥିରେ ଦେଖାଦେଉଛି ସମସ୍ୟା। ପାଣି ଭଳି ମୌଳିକ ଆବଶ୍ୟକତା ପାଇଁ ଏତେ ବର୍ଷ ଧରି ଲୋକେ ଅପେକ୍ଷା କରିବାକୁ ବାଧ୍ୟ ହେବା କେତେ ଯୁକ୍ତିସଙ୍ଗତ ? ଏହି ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ। ଗ୍ରାମବାସୀଙ୍କ ଅଭିଯୋଗ, ଟାଙ୍କି ଅଚଳ ହେବା ପରଠାରୁ ସମସ୍ୟାର ସମାଧାନ ପାଇଁ ବହୁଥର ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି କରାଯାଇଛି। ହେଲେ ଅଭିଯୋଗର ପାହାଡ଼ ଉପରେ ମଧ୍ୟ ବିଭାଗୀୟ ନିରବତା ଭାଙ୍ଗିନାହିଁ। ଗଣମାଧ୍ୟମରେ ଖବର ପ୍ରଚାର ପରେ କିଛିଦିନ ପୂର୍ବରୁ ପାଇପ କାମ ଆରମ୍ଭ ହୋଇଥିଲା। ଏହାକୁ ଦେଖି ଲୋକଙ୍କ ମନରେ ପୁଣି ଆଶା ଜାଗିଥିଲା। ଏଥର ବୋଧହୁଏ ଘରକୁ ପାଣି ଆସିବ। କିନ୍ତୁ ସେହି ଆଶା ମଧ୍ୟ ଅଧା ରାସ୍ତାରେ ଅଟକିଗଲା। କିଛିଦିନ ପରେ କାମ ବନ୍ଦ ହୋଇଯିବାରୁ ଲୋକଙ୍କ ମନରେ ପୁଣି ନିରାଶା ଘୋଟି ଆସିଛି। ବିଦ୍ୟୁତ୍ କାମ ସମ୍ପୂର୍ଣ୍ଣ ହୋଇନଥିବାରୁ ଜଳଯୋଗାଣ ବ୍ୟବସ୍ଥା ସଚଳ ହୋଇପାରୁନଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ବିନୋଦ ବିହାରୀ ସିଂଙ୍କ ଭୂମିକାକୁ ନେଇ ମଧ୍ୟ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏନେଇ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ପ୍ରତିକ୍ରିୟା ମିଳିନାହିଁ। ଯେଉଁ ପାଣି ଟାଙ୍କି କେବେ ହଜାର ହଜାର ଲୋକଙ୍କ ତୃଷ୍ଣା ମେଣ୍ଟାଉଥିଲା, ଆଜି ସେହି ଟାଙ୍କି ନିଜେ ଶୁଖିଲା ଭରସାର ପ୍ରତୀକ। ଚାରି ବର୍ଷ ଧରି ଲୋକଙ୍କ ଅପେକ୍ଷାର ଅନ୍ତ କେବେ ହେବ ? କେବେ ଘରର ଶୁଖିଲା ନଳରୁ ପୁଣି ପାଣିର ଧାର ବାହାରିବ ? ଏବେ ଅଞ୍ଚଳବାସୀଙ୍କ ଗୋଟିଏ ଦାବି ପ୍ରତିଶ୍ରୁତି ନୁହେଁ, ତୁରନ୍ତ ପାଣି ଦରକାର। ଦୀର୍ଘ ଚାରି ବର୍ଷର ଏହି ଜଳ ଯନ୍ତ୍ରଣାର ଅନ୍ତ କରି ଜଳଯୋଗାଣ ବ୍ୟବସ୍ଥାକୁ ଶୀଘ୍ର ସଚଳ କରାଯାଉ।

# ନର୍ଲାରେ ସିରିଜ୍ ଡକାୟତ ଘଟଣା, ୫ ଅଟକ

**ଭବାନୀପାଟଣା,୧୯/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳରେ ଗତ ୪ ମାସ ମଧ୍ୟରେ ୧୫ ରୁ ଊର୍ଦ୍ଧ୍ୱ ଚୋରି, ଡକାୟତି ଓ ଦୋକାନରୁ ଲୁଟ ଭଳି ସଙ୍ଗୀନ ଘଟଣା ଘଟି ଆସୁଥିଲା। ଏନେଇ ନର୍ଲା ଥାନାରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଦୀର୍ଘ ୪ ମାସ ଧରି ପୁଲିସର ହାତ ଖାଲି ପଡିଥିଲା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ନର୍ଲା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିଲା ଏବଂ ଗୋଟିଏ ପରେ ଗୋଟିଏ ଚୋରି ଘଟଣା ପୁଲିସ ଓ ସାଧାରଣ ଲୋକଙ୍କ ଚିନ୍ତା ବଢାଇଦେଇଥିଲା। ରୁପ୍ରାରୋଡ ଅଳଙ୍କାର ଦୋକାନ ଲୁଟ ଘଟଣା, ତୁଳାପଡା ସତ୍ୟବ୍ରତ ଦାସ ଘର ଚୋରି ଘଟଣା, ନର୍ଲା ଥାନା ସମ୍ମୁଖରେ ରହିଥିବା ଜିନମାତା ଦୋକାନ ଚୋରି ଘଟଣା ରୁପ୍ରାରୋଡ଼ର ତିନିଜଣ ବ୍ୟବସାୟୀଙ୍କ ଠାରୁ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଛୁରୀ ଓ ପିସ୍ତଲ ଦେଖାଇ ଲୁଟ କରାଯାଇଥିଲେ ମଧ୍ୟ ଡକାୟତଙ୍କ ପତ୍ତା ପାଇ ପାରୁନଥିଲା ନର୍ଲା ପୁଲିସ। ଇତି ମଧ୍ୟରେ ନର୍ଲା ଆଇଆଇସି ବିଜୟରାଜ ମାଝୀଙ୍କୁ ଜିଲ୍ଲା ହେଡ କ୍ୱାର୍ଟର ଏସପି ଅଫିସକୁ ସ୍ଥାନାନ୍ତର କରାଯାଇଥିବା ବେଳେ ନର୍ଲାର ନୂତନ ଆଇଆଇସି କୈବଲ୍ୟ ସେଠ ଦାଇତ୍ୱ ନେଉ ନେଉ ଆକ୍ସନ ମୋଡ୍‌ରେ ଆସିଛନ୍ତି। ଏବଂ ନର୍ଲାରେ ଗତ ୪ ମାସ ଧରି ଚାଲିଆସିଥିବା ଚୋରି ଓ ଡକାୟତି ଘଟଣାର ପର୍ଦ୍ଦା ଉଠାଇଛନ୍ତି। ବିଭିନ୍ନ ଚୋରି ଓ ଡକାୟତି ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ନର୍ଲା ବ୍ଲକ ରୁପ୍ରାରୋଡ ଗ୍ରାମ ପଞ୍ଚାୟତର ବଲବସପୁର ଗ୍ରାମର ତିନିଜଣ ବ୍ୟକ୍ତି ଓ ଲାଞ୍ଜିଗଡ ବ୍ଲକ୍‌ର ସିକେରକୁପା ଗାଁ ର ବିଜେପି ଯୁବ ମୋର୍ଚ୍ଚାର ଜଣେ ଯୁବକ ଓ ଜଣେ ବିଜେଡି ନେତାଙ୍କ ଭଣଜା ଏହି ଚୋରି ଓ ଡକାୟତି କେସ୍‌ରେ ସାମିଲଥିବା ଜଣାପଡିଛି। ତେବେ ଗତ ରାତି ପାହାନ୍ତିଆରେ ନର୍ଲା ପୁଲିସ ଉକ୍ତ ଅଭିଯୁକ୍ତଙ୍କୁ ନର୍ଲା ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡିଛି। ତେବେ ଏହି ଖବର ପ୍ରସାରିତ ହେବା ପରେ ନର୍ଲା ଥାନାରେ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଭିଡ ଜମିଥିଲା। ତେବେ ଏହି ଘଟଣାକୁ ନେଇ ନର୍ଲା ଥାନାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ମୁକୁଳେଇବା ପାଇଁ ଅଭିଯୁକ୍ତମାନଙ୍କ ସମ୍ପର୍କୀୟମାନେ ରାଜନୈତିକ ବଳ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଏନେଇ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ସମସ୍ତ ତଥ୍ୟ ଗଣମାଧ୍ୟମ ଆଗରେ ସୂଚନା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# କଙ୍ଗାରୁ କୋର୍ଟରେ ଦଣ୍ଡିତ ହେବା ପରେ ଯୁବକଙ୍କ ଆତ୍ମହତ୍ୟା

**ମାଲକାନଗିରି,୧୯/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାରେ ଏକ କଙ୍ଗାରୁ କୋର୍ଟ ଗ୍ରାମ କମିଟି ଦ୍ୱାରା ବୈଠକ କରି ଜଣେ ଯୁବକଙ୍କୁ ମାଡ ମାରିବା ସହ ୪୫ ହଜାର ଟଙ୍କା ଜୋରିମାନା କରିବା ପରେ ସେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।ମୃତକଙ୍କ ଘର ସେରପାଲି ପଞ୍ଚାୟତ ଅନ୍ତର୍ଗତ ଏମଭି-୯୨ ଗାଁର ବାସିନ୍ଦା ସାଗର ସାରକାର ବୋଲି ଜଣାପଡିଛି। ପରିବାରର କହିବାନୁସାରେ, ଉକ୍ତ ଯୁବକ ତାମିଲନାଡୁର ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଫାର୍ମରେ କାମ କରୁଥିଲା। ଯେଉଁଠାରେ ସେ କୋଲକାତାର ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଦୁହେଁ ମାଲକାନଗିରି ଆସି କାଳିମେଳା ଠାରେ ଏକ ଭଡା ଘରେ ରହୁଥିଲେ। ପରେ ମହିଳାଙ୍କ ସ୍ୱାମୀ ଗ୍ରାମ କମିଟି ନିକଟରେ ଏକ ଲିଖିତ ଅଭିଯୋଗ ଦାଖଲ କରି ଅଭିଯୋଗ କରିଛନ୍ତି ଯେ ସାଗର ସରକାର ନାମକ ଯୁବକ ତାଙ୍କ ପତ୍ନୀଙ୍କୁ ମାଲକାନଗିରି ଆଣିଛନ୍ତି। ଅଭିଯୋଗକୁ ଭିତ୍ତି କରି ସୋମବାର ଗ୍ରାମ କମିଟିର ଏକ ବୈଠକ



ଡକାଯାଇଥିବା ଜଣାପଡିଛି। ଏହି ବୈଠକରେ ସାଗରଙ୍କୁ ନିର୍ଦ୍ଧୁମ ମାଡ ଦିଆଯିବା ସହ ୪୫ ହଜାର ଟଙ୍କା ଜୋରିମାନା ଦେବାକୁ ବାଧ୍ୟ କରିଥିଲା। ସେମାନେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଏହି ଘଟଣା ପରେ ସାଗର ଗଭୀର ଭାବରେ ବିବ୍ରତ ହୋଇ ମାନସିକସ୍ତରରେ ଭାଙ୍ଗି ପଡିଥିଲା ଏବଂ ଅପମାନ ସହି ନ ପାରି ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଥିଲା ବୋଲି ଅଭିଯୋଗ ହୋଇଛି। ତେବେ ସାର୍କଙ୍କୁ ମାଡ଼ ଦିଆଯିବା କିମ୍ବା ତାଙ୍କଠାରୁ ୪୫ ଟଙ୍କା ଜରିମାନା ଆଦାୟ ହୋଇଥିବା ଅଭିଯୋଗକୁ ଗ୍ରାମ ସଭାପତି ଅସ୍ୱୀକାର କରିଛନ୍ତି। ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆତ୍ମହତ୍ୟା କାରଣ ଏବଂ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଛି।

# ନାବାଳିକାକୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ, ୬ ଗିରଫ

**ରେଢ଼ାଖୋଲ,ନାକଟିଦେଉଳ,୧୯/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ପୁଲିସ ଜଣେ ନାବାଳିକାକୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଅପହରଣ ଉଦ୍ୟମ କରିବା ଅଭିଯୋଗରେ ମଙ୍ଗଳବାର ୨ ଜଣ ନାବାଳକ ସହ ମୋଟ୍ ୬ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ବଲାସିଙ୍ଗା ଗ୍ରାମର ମାନସିଂ କିସାନ ଓରଫ ମାନସ (୧୭), ବଳମ ଗ୍ରାମର ଲିଙ୍କନ ଭୁତିଆ (୧୭), କଞ୍ଚନପୁର ଗ୍ରାମର ଅରୁଣ କିସାନ (୧୮) , ବାଦଲ କିସାନ (୧୮), ବଳମ ଗ୍ରାମର ଗୁରୁଦେବ ବସନ୍ତରା ଓରଫ ରାହୁଲ (୧୮) ଓ ଟିକେଶ୍ୱର ସାହୁ ଓରଫ ଟିଟୁ (୧୮) ବୋଲି ଜଣାପଡ଼ିଛି । ଅଭିଯୋଗ ପରେ ନାକଟିଦେଉଳ ଥାନା କେସ ନମ୍ବର ୧୩୧/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ବୋଲି ରେଢ଼ାଖୋଲ ଏସ୍‌ଡିପିଓ ରଜନୀକାନ୍ତ ମିଶ୍ର ପ୍ରକାଶ କରିଛନ୍ତି। ଏଥି ସହିତ ନାକଟିଦେଉଳ ଥାନା ପୁଲିସ ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଛୁରୀ,ଗୋଟିଏ ମୋବାଇଲ ଓ ୨ଟି ବାଇକ ଜବତ କରିଥିବା ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରକାଶ, ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ବଲାସିଙ୍ଗା ଗ୍ରାମର ମାନସ କିସାନ ନାକଟିଦେଉଳ ଥାନା ଅନ୍ତର୍ଗତ ଡୁମାମହୁଲ ଗ୍ରାମର ଜଣେ ୧୨ ବର୍ଷୀୟା ନାବାଳିକାର ଘର ମୋବାଇଲରେ ବାରମ୍ବାର ଫୋନ କରି ହଇରାଣ ହରକତ କରି ଆସୁଥିଲା। ଗତ ୩୦ ତାରିଖ ଅପରାହ୍ନରେ ମଧ୍ୟ ମାନସ ନାବାଳିକାର ଘର ମୋବାଇଲରେ ଫୋନ କରିବାରୁ ସମ୍ପୃକ୍ତ ନାବାଳିକାର ମାଆ ମାନସକୁ ତୁ କିଏ ତୋ ଘର କେଉଁଠି ବୋଲି ପଚାରିବାରୁ ସେ ଅଶାଳୀନ ଭାଷାରେ କଥା ବାର୍ତ୍ତା କରିଥିଲା। ଏହି ସମୟରେ ନାବାଳିକାର ପଡ଼ୋଶୀ ଘରର ଜଣେ ଯୁବକ ନାବାଳିକାର ମୋବାଇଲରୁ ଫୋନରେ ହଇରାଣ କରୁଥିବା



ଯୁବକ ମାନସର ପରିଚୟ ମାଗିବାରୁ ଉଭୟଙ୍କ ମଧ୍ୟରେ ଫୋନରେ ଯୁକ୍ତିତର୍କ ହୋଇଥିଲା। ତେବେ ରବିବାର ରାତି ପ୍ରାୟ ୮ ଟା ସମୟରେ ମାନସ ୫ଜଣ ସହଯୋଗୀଙ୍କୁ ସାଙ୍ଗରେ ଧରି ୨ ବାଇକରେ ଡୁମାମହୁଲ ଗ୍ରାମକୁ ଆସିଥିଲେ। ନାବାଳିକାର ବାପା ସୋନପୁରରେ ରହି କାମ କରୁଥିବାରୁ ସେ ଘରେ ଅନୁପସ୍ଥିତ ଥିବା ବେଳେ ମାନସ ଓ ତାର ଅନ୍ୟ ୫ ସହଯୋଗୀ ନାବାଳିକାର ଘରେ ପଶି ସମ୍ପୃକ୍ତ ନାବାଳିକାର ଚୁଟି ଟାଣି ଘର ଭିତରୁ ରାସ୍ତା ଉପରକୁ ଘୋଷାଡ଼ି ଘୋଷାଡ଼ି ଆଣି ମାଡ଼ ମାରିବା ସହ ଛୁରୀ ଦେଖାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ହେଲେ ନାବାଳିକା ଓ ମାଆ ଏବଂ ଭଉଣୀ ପାଟି କରିବାରୁ ଗାଁ ଲୋକେ ସେଠାକୁ ପଳାଇ ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ପୀଡ଼ିତା ନାବାଳିକା ଜଣଙ୍କ ନିଜ ମାଆଙ୍କ ସହିତ ସୋମବାର ସକାଳୁ ନାକଟିଦେଉଳ ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସ୍ୱଚ୍ଛ ହେବ ମା' ମଝିଘରିଆଣୀ ମନ୍ଦିର ପରିସର

# ପୁରୁଣା ଡମ୍ପସାଇଟ୍‌ରେ ବାୟୋ-ମାଇନିଂ ଆରମ୍ଭ



**ରାୟଗଡା,୧୯/ଏନ୍‌ଏନ୍‌ଏସ୍:** ରାୟଗଡ଼ ସହରକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବା ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନେଇଛି ରାୟଗଡ଼ ପୌରପରିଷଦ। ମା' ମଝିଘରିଆଣୀ ମନ୍ଦିର ନିକଟରେ ଥିବା ପୁରୁଣା ଡମ୍ପସାଇଟ୍‌ରେ ବର୍ଷ ବର୍ଷ ଧରି ଜମା ହୋଇ ରହିଥିବା ଲିଗାସି ବର୍ଜ୍ୟବସ୍ତୁର ବାୟୋ-ମାଇନିଂ କାର୍ଯ୍ୟର ଆଜି ଶୁଭାରମ୍ଭ ହୋଇଛି। ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାୟୋ-ମାଇନିଂ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ବାୟୋ-ମାଇନିଂ ମାଧ୍ୟମରେ ପୁରୁଣା ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ପୃଥକୀକରଣ, ପୁନଃଚକ୍ରଣ ଓ ବର୍ଜ୍ୟ ପରିଚାଳନା କରାଯିବ। ଏହି ପ୍ରକ୍ରିୟାରେ ପାଖାପାଖି ୬୦ ହଜାର ମେଟ୍ରିକ୍ ଟନ୍ ଲିଗାସି ବର୍ଜ୍ୟ ପରିଚାଳନା କରାଯିବ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକୁ ୪ରୁ ୬ ମାସ ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ବାୟୋ-ମାଇନିଂ ସମୟରେ ବାହାରୁଥିବା ଆର୍‌ଡିଏଫ୍ ବର୍ଜ୍ୟକୁ ସିମେଣ୍ଟ କାରଖାନାକୁ ପଠାଯିବା ସହ ଓଦା ବର୍ଜ୍ୟକୁ ଲ୍ୟାଣ୍ଡଫିଲିଂ ପାଇଁ ବ୍ୟବହାର କରାଯିବ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପୁରୁଣା ଡମ୍ପସାଇଟ୍‌କୁ ପୁନଃ ବ୍ୟବହାର ଉପଯୋଗୀ କରାଯିବ। ଆଗାମୀ ଦିନରେ ଏଠାରେ ପୁନର୍ବାର ଡମ୍ପିଂ ୟାର୍ଡ ସୃଷ୍ଟି ନକରି ସହରର ସମସ୍ତ ବର୍ଜ୍ୟକୁ ସମ୍ପଦ କେନ୍ଦ୍ରରେ ବୈଜ୍ଞାନିକ ଭାବେ ପ୍ରକ୍ରିୟାକରଣ କରାଯିବ। ପୁରୁଣା ଡମ୍ପସାଇଟ୍‌କୁ ମା' ମଝିଘରିଆଣୀ ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ସମ୍ପର୍କିତ ପ୍ରକଳ୍ପରେ ବ୍ୟବହାର କରାଯିବ ବୋଲି ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର କହିଛନ୍ତି। କାର୍ଯ୍ୟକ୍ରମରେ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ , ରାୟଗଡ଼ ପୌରପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ,ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, କୁଳଦୀପ କୁମାର, ସମସ୍ତ ୱାର୍ଡର ପାରିଷଦ ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ମନ୍ଦିର ନିକଟସ୍ଥ ଅଞ୍ଚଳ ଆବର୍ଜନାମୁକ୍ତ ହେବା ସହ ରାୟଗଡ଼ ସହରବାସୀଙ୍କୁ ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ପରିବେଶ ମିଳିବ ବୋଲି ଆଶା କରାଯାଉଛି।

# ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ମେସେଜ୍ ମାମଲା, ଜଣେ ଗିରଫ

**ପାଟଣାଗଡ଼,୧୯/ଏନ୍‌ଏନ୍‌ଏସ୍:** ଖପ୍ରାଖୋଲ ଥାନା ଗମ୍ଭାରୀ ଗାଁ ରେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ମେସେଜ୍ ପଠାଇବାକୁ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଜଣକୁ ଖପ୍ରାଖୋଲ ପୁଲିସ୍ ଗିରଫ୍ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗମ୍ଭାରୀ ଜିପି ହାଲଚାଲ' ନାମରେ ଏକ ହ୍ୱାଟ୍ସଆପ୍ ଗଣମାଧ୍ୟମ ଗ୍ରୁପ୍‌ରେ ଗାଁ ର ନୀଳ ପାଣିଗ୍ରାହୀଙ୍କ ନାମରେ ଉମାକାନ୍ତ ଗାଡତ୍ୟା(୪୦) ଅଶ୍ଳୀଳ ବାର୍ତ୍ତା ପଠାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଯୋଗକାରୀ ଉମାକାନ୍ତଙ୍କୁ ପଚାରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ କରିବାକୁ ଉଦ୍ୟମ କରିଥିବା ଏବଂ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଖପ୍ରାଖୋଲ ଥାନାରେ କେସ୍ ନଂ ୧୭୯/୨୬



ଧାରାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଉମାକାନ୍ତ ଗାଡ଼ତ୍ୟାଙ୍କୁ ଗିରଫ କରାଯାଇ କୋର୍ଟ ପଠାଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

### ଦେଶର ପ୍ରଥମ ଆଇଜିବିସି ...

ଯଦି ଆମେ ଏହି ଶକ୍ତିର ଉପଯୋଗ ନକରିବା, ତେବେ ଏହା ଏକ ଅପରାଧ ହେବ। ଏହାର ସବୁଜ ରୂପାନ୍ତରଣର ଅଂଶ ଭାବରେ, ଓଡ଼ିଶା ଲୋକ ଭବନ ମଧ୍ୟ ଏକ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ କାରକେଡ୍ ଗ୍ରହଣ କରିଛି, ଯାହା ଏହାକୁ ଦେଶର ପ୍ରଥମ ଲୋକ ଭବନ କରିଛି ଯେଉଁଥିରେ ରାଜ୍ୟପାଳଙ୍କ କାରକେଡ୍କୁ ସମ୍ପୂର୍ଣ୍ଣ ଭାବରେ ବୈଦ୍ୟୁତିକ ଯାନରେ ପରିବର୍ତ୍ତନ କରାଯାଇଛି। ଅକ୍ଷୟ ଶକ୍ତି ବ୍ୟବହାରକୁ ଆହୁରି ବଢ଼ାଇବା ପାଇଁ ଲୋକ ଭବନ ପରିସରରେ ଛୋଟ ଉଇଣ୍ଡ ମିଲ (ପବନ ଚକି) ସ୍ଥାପନ କରିବାକୁ ମଧ୍ୟ ଯୋଜନା ରହିଛି। ଅକ୍ଷୟ ଶକ୍ତିର ବ୍ୟବହାର ବଢ଼ିଲେ ପରିସରକୁ ସ୍ୱଚ୍ଛ ଶକ୍ତି ଆଡ଼କୁ ଆହୁରି ଦୃଢ଼ତାର ସହ ନେବା ସମ୍ଭବ ହେବ ବୋଲି ରାଜ୍ୟପାଳ କହିଥିଲେ। ପୁରୀସ୍ଥିତ ଲୋକ ଭବନକୁ ମଧ୍ୟ ସବୁଜ ପ୍ରମାଣପତ୍ର ହାସଲ କରାଇବା ପାଇଁ ପଦକ୍ଷେପ ନିଆଯିବ। ଏହାର ପ୍ରଥମ ପଦକ୍ଷେପ ଭାବେ ସେଠାରେ ୧୦୦ କିଲୋୱାଟ୍‌ର ସୌର ଶକ୍ତି ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ଓଡ଼ିଶା ଓ ସମଗ୍ର ଦେଶରେ ସ୍ୱଚ୍ଛ ଶକ୍ତି ଆଡ଼କୁ ଏକ ବ୍ୟାପକ ପରିବର୍ତ୍ତନ ଆସୁଥିବା କଥା ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏଥିରେ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ସର ଗୁରୁତ୍ୱ ଦିନକୁ ଦିନ ବଢୁଛି ବୋଲି ସେ କହିଥିଲେ। ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ପରିବେଶ ସୁରକ୍ଷା ପ୍ରତି ରାଜ୍ୟପାଳଙ୍କ ପ୍ରତିବଦ୍ଧତା ଲୋକ ଭବନର ସବୁଜ ରୂପାନ୍ତରଣ ମାଧ୍ୟମରେ ବାସ୍ତବ ରୂପ ନେଇଛି। ଏହି ସ୍ୱୀକୃତି ଓଡ଼ିଶା ପାଇଁ ଗର୍ବର ବିଷୟ ଏବଂ ଭବିଷ୍ୟତରେ ସରକାରୀ କୋଠା ଯୋଜନା କରିବା ସମୟରେ ସବୁଜ ପଦକ୍ଷେପକୁ ସାମିଲ କରିବା ପାଇଁ ବିଭିନ୍ନ ବିଭାଗକୁ ଏହା ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆଇଜିବିସିର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ୮ ଘଣ୍ଟା ୨୩ ମିନିଟ୍ ...

କରାଯିବ। ଗଣତି ଓ ୧୯୭୮ ମସିହାର ତାଲିକା ସହ ମେଳକ ହେଉଥିବା ସମସ୍ତ ଅଳଙ୍କାରର ଫଟୋଗ୍ରାଫି, ଭିଡିଓଗ୍ରାଫି, ୩ଡି ମ୍ୟାପିଂ ସହ ଇ-କ୍ୟାଟାଲଗ୍ ପ୍ରସ୍ତୁତ କରାଯାଇଛି। ତେବେ ଭିତର ରତ୍ନଭଣ୍ଡାରରେ ଏଯାବତ୍ ଗଣତି ହୋଇନଥିବା ୩ଟି କାସ୍କେଟ୍‌କୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ଏହି କାସ୍କେଟ୍‌ଗୁଡ଼ିକରେ ଅନେକ ଦୁର୍ମୂଲ୍ୟ ଓ ବୃହତ୍ ରତ୍ନ ଅଳଙ୍କାର ରହିଥିବା ନେଇ ବିଭିନ୍ନ ଅନୁମାନ ଓ ଆକଳନ କରାଯାଉଥିବାରୁ ଏଗୁଡ଼ିକର ଗଣତି ପରେ ପ୍ରକୃତ ଚିତ୍ର ସାମ୍ନାକୁ ଆସିବ।

## ଚାକିରି ଦେବା ନାଁରେ ଠକେଇ

# ୱେବ୍ ସାମ୍ବାଦିକଙ୍କ ନାଁରେ ଅଭିଯୋଗ

**ରାୟଗଡ଼ା,୧୯/ଏନ୍‌ଏନ୍‌ଏସ୍:** ସରକାରୀ ଚାକିରି କରାଇଦେବା ନାଁରେ ଯୁବତୀଙ୍କ ଠାରୁ ୧ ଲକ୍ଷ ଟଙ୍କା ଠକେଇ ନେଇଥିବା ରାୟଗଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାୟଗଡାର ଜଣେ ୱେବ୍ ସାମ୍ବାଦିକ ଅନୁବ୍ରତ ବାରାଙ୍କ ନାମରେ ଏହି ଅଭିଯୋଗ ହୋଇଛି। ରାୟଗଡ଼ା ଜିଲ୍ଲା ଥେରୁବାଲି ଅଞ୍ଚଳର ଯୁବତୀ ଯୁବନ୍ତି ହିକକା ରାୟଗଡା ସହରରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ତେବେ ଏହି ସାମ୍ବାଦିକ ଜଣକ ଉକ୍ତ ଯୁବତୀଙ୍କ ସଂସ୍ପର୍ଶରେ ଆସି ତାଙ୍କୁ ସରକାରୀ ଚାକିରି କରାଇଦେବି କହି ୧ଲକ୍ଷ ଟଙ୍କା ଠକି ନେଇଯାଇଛନ୍ତି। ଗତ ୬ମାସ ହେବ ତାଙ୍କୁ ଚାକିରିର ପ୍ରଲୋଭନ ଦେଉଥିବା ବେଳେ ଏକ ଲକ୍ଷ ଟଙ୍କାର ଗୋଟିଏ ମିଥ୍ୟା ଚେକ୍ ଦେଇଛନ୍ତି। ତେବେ ଯୁବତୀ ଜଣକ ବ୍ୟାଙ୍କରେ ଜମା କରିବାରୁ ଚେକ୍‌ଟି ବାଉଁଶ ହୋଇଯାଇଛି। ତେବେ ଦୀର୍ଘଦିନ ହେବ ୱେବ୍ ସାମ୍ବାଦିକ ଅନୁବ୍ରତ ବାରା ତାଙ୍କୁ ମିଥ୍ୟା ପ୍ରତାରଣା ଦେଉଥିବା ବେଳେ ଆଜି ଯୁବତୀ ନିଜ ସମ୍ପର୍କୀୟଙ୍କ ସାଥିରେ ଥାନାକୁ ଯାଇ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ଦେବା ସହ ସଂପୃକ୍ତ ସାମ୍ବାଦିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଯୁବତୀ ପ୍ରକାଶ କରିଛନ୍ତି।

## ଡ. ଭବାନୀ ଶଙ୍କର ନିଆଳଙ୍କ କବିତା

# ଗ୍ରୀକ୍, ସ୍ପାନିସ୍ ଓ ଫରାସୀ ଭାଷାରେ ଅନୁବାଦିତ

**ଭବାନୀପାଟଣା,୧୯/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡକ୍ଟର ଭବାନୀ ଶଙ୍କର ନିଆଳ ପୁଣି ଥରେ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଚର୍ଚ୍ଚିତ କବିତା ପ୍ରେମରେ ବର୍ତ୍ତମାନ ୩ଟି ଆନ୍ତର୍ଜାତୀୟ ଭାଷା - ଗ୍ରୀକ୍, ସ୍ପାନିସ୍ ଓ ଫରାସୀ ଭାଷାରେ ଅନୁଦିତ ହୋଇଥିବା ବେଳେ ଅନୁବାଦ କରିଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଫେସର ଆଇରିନ୍ ଡୁରା-କାଭାଡିଆ। ସେ ଏକାଡେମୀ ଲାଙ୍ଗୁଏଜ୍ ସେଣ୍ଟରର ପ୍ରିନ୍ସିପାଲ୍/ସିଇଓ, ରାଇଟର୍ସ କ୍ୟାପିଟାଲ୍ ଇଣ୍ଟରନ୍ୟାସନାଲ୍ ଫାଉଣ୍ଡେସନର ମହାସଚିବ ଏବଂ ରାଇଟର୍ସ ଇଣ୍ଟରନ୍ୟାସନାଲ୍ ଏଡିସନର ମୁଖ୍ୟ ସମ୍ପାଦିକା ଅଟନ୍ତି। ସୂଚନାଯୋଗ୍ୟ, ଶ୍ରୀ ନିଆଳଙ୍କ କବିତାଗୁଡ଼ିକ ଏ ପର୍ଯ୍ୟନ୍ତ ବିଶ୍ୱର ୨୬ଟି ଭାଷାରେ ଅନୁଦିତ ହୋଇସାରିଛି। ଯାହା ଓଡ଼ିଆ ସାହିତ୍ୟ ପାଇଁ ଏକ ବଡ଼ ସଫଳତା ହୋଇପାରିଛି।

## ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେଲେ ୧୫ ଏଏସ୍‌ପି

**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ସୁପରିଟେଣ୍ଡେଣ୍ଟ ଅଫ୍ ପୁଲିସ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି ପନ୍ଦର ଅତିରିକ୍ତ ଅତିରିକ୍ତ ସୁପରିଟେଣ୍ଡେଣ୍ଟ ଅଫ୍ ପୁଲିସ୍ (ଏଏସ୍‌ପି)। ମଙ୍ଗଳବାର ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ସମ୍ବଲପୁର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, କଟକ ସିଆଇଡି ସିବିର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସ ବିଭାଗରେ ଅତିରିକ୍ତ ଏସ୍‌ପି ଥିବା ଅରୁଣ କୁମାର ନାୟକ, କଟକରେ ସିବି ସିଆଇଡିରେ ଅତିରିକ୍ତ ଏସ୍‌ପି ଥିବା ଶିଶିର କୁମାର ମିଶ୍ର, ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କଟକ ସିବି ସିଆଇଡିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ଏସପି ପାହ୍ୟାକୁ ପଦୋନ୍ନତି ହୋଇଛି। ପଦୋନ୍ନତି ପାଇଥିବା ଅନ୍ୟ ପୁଲିସ୍ ଅଫିସର୍‌ମାନେ ହେଉଛନ୍ତି ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ପୁରୀ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ଅମରେନ୍ଦ୍ର ପଣ୍ଡା, ଜୟପୁରରେ କାର୍ଯ୍ୟରତ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ, ଆଇୟୁସିଏଡବ୍ଲ୍ୟୁ ନୟାଗଡ଼ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା। ସେହିପରି ରାଜ୍ୟ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଏସ୍‌ଟିଏଫ୍ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀ ଓ ଭୁବନେଶ୍ୱର ଓଏଚ୍‌ଆର୍‌ସିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସତ୍ୟ ନାରାୟଣ ପ୍ରଧାନ ମଧ୍ୟ ବଦଳି ହୋଇଛନ୍ତି।


# ନବଗୁଞ୍ଜରର ନିକଟରେ ସ୍ଥାପନ ହେଉ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି

## ରାଜ୍ୟ ସରକାରଙ୍କୁ ଆଦିକବି ସାରଳା ଦାସ ବିକାଶ ପରିଷଦର ଅନୁରୋଧ

**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା ଓ ସାହିତ୍ୟର ମୂଳଦୁଆ ପକାଇଥିବା ପଞ୍ଚଦଶ ଶତାବ୍ଦୀର ମହାନ୍ ସ୍ରଷ୍ଟା ତଥା ଶୂଦ୍ରମୁନି ଆଦିକବି ସାରଳା ଦାସଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଏକ ଯୁଗୋପଯୋଗୀ ପଦକ୍ଷେପ ଦାବି ହୋଇଛି। କଟକ-ପୁରୀ ବାଇପାସ୍ ନିକଟରେ ପ୍ରତିଷ୍ଠିତ ବିଶାଳ 'ନବଗୁଞ୍ଜର' ପ୍ରତିମୂର୍ତ୍ତି ପାର୍ଶ୍ୱରେ ଏହାର ମୁଖ୍ୟ ପରିକଳ୍ପକ ଆଦିକବି ଶାରଳା ଦାସଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଆଦିକବି ସାରଳା ଦାସ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି।

ପରିଷଦର ସଭାପତି ତଥା ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ମାଟିର ମହାକବି ନିଜ ତାଳପତ୍ର ଲେଖନୀ ମୁନରେ ପ୍ରାଚୀନ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲେ, ଦୁର୍ଭାଗ୍ୟବଶତଃ ରାଜ୍ୟର ରାଜଧାନୀ କିମ୍ବା ପ୍ରମୁଖ ସ୍ଥାନମାନଙ୍କରେ ତାଙ୍କର ଉପଯୁକ୍ତ ପ୍ରତିମୂର୍ତ୍ତିଟିଏ ଦେଖିବାକୁ ମିଳୁନାହିଁ। ସାରଳା ମହାଭାରତର 'ମଧ ପର୍ବ'ରେ ଶ୍ରୀକୃଷ୍ଣଙ୍କର ନବଗୁଞ୍ଜର ରୂପ ବର୍ଣ୍ଣିତ। ଏହି ରୂପର ବର୍ଣ୍ଣନା ଭାରତବର୍ଷର ଅନ୍ୟ କୌଣସି ପ୍ରାନ୍ତୀୟ ଭାଷାର ମହାଭାରତ କିମ୍ବା ବ୍ୟାସଦେବଙ୍କ ସଂସ୍କୃତ ମହାଭାରତରେ ଦେଖିବାକୁ ମିଳେନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ଆଦିକବିଙ୍କ ମୌଳିକ କଳ୍ପନା ଓ ଆଧ୍ୟାତ୍ମିକ ଦର୍ଶନର ପ୍ରତୀକ। ନବଗୁଞ୍ଜର ନଅଟି ପ୍ରାଣୀଙ୍କ ସମନ୍ୱୟ ଯଥା, କୁକୁଡ଼ାର ମୁଣ୍ଡ, ମୟୂରର ବେକ, ଷଣ୍ଢର କୁଜ, ସିଂହର ଅଣ୍ଟା, ସର୍ପର ଲାଞ୍ଜ ଏବଂ ଚାରି ପାଦରେ ହାତୀ, ବାଘ, ଘୋଡ଼ା ସହ ପଦ୍ମ ଧାରଣ କରିଥିବା ମନୁଷ୍ୟ ହାତ। ବିଶ୍ୱରୂପ ଦର୍ଶନ ପୂର୍ବରୁ ଅର୍ଜୁନଙ୍କୁ ନିର୍ଗୁଣ ଓ ସର୍ବବ୍ୟାପୀ ଭଗବତ୍ ସତ୍ତାର ଉପଲବ୍ଧି କରାଇବା ଥିଲା ଏହି ରୂପର ଉଦ୍ଦେଶ୍ୟ। ସାରଳା ଦାସ କେବଳ ମହାଭାରତ ନୁହେଁ, 'ବିଳଙ୍କା ରାମାୟଣ' ଏବଂ 'ଚଣ୍ଡୀ ପୁରାଣ' ଭଳି ଅମୂଲ୍ୟ ଗ୍ରନ୍ଥ ରଚନା କରି ଓଡ଼ିଆ ଜାତିକୁ ଏକ ସମୃଦ୍ଧ ସାହିତ୍ୟିକ ଭିତ୍ତିଭୂମି ପ୍ରଦାନ କରିଥିଲେ। ଦାଣ୍ଡିବୃତ୍ତରେ ରଚିତ ତାଙ୍କର କାବ୍ୟ ଓଡ଼ିଶାର ତୃଣମୂଳ ସ୍ତରର ମଣିଷ, ସଂସ୍କୃତି ଓ ପରମ୍ପରାକୁ ନିଚ୍ଛକ ଭାବେ ପ୍ରତିଫଳିତ କରେ। କଟକ-ପୁରୀ ବାଇପାସ୍‌ରେ ପ୍ରତିଷ୍ଠିତ ନବଗୁଞ୍ଜର ମୂର୍ତ୍ତି ନିକଟରେ ଯଦି କବିଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଏ, ତେବେ ତାହା କେବଳ ତାଙ୍କ ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ଏକ ଅପୂର୍ବ ସଂଯୋଗ ସ୍ଥାପନ କରିବ ନାହିଁ, ବରଂ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକ ଓ ନୂତନ ପିଢ଼ିଙ୍କୁ ଓଡ଼ିଆ ସାହିତ୍ୟର ଗୌରବମୟ ଇତିହାସ ସମ୍ପର୍କରେ ଅବଗତ କରାଇବ। ଏହି ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଓଡ଼ିଆ ଭାଷାପ୍ରେମୀ ଓ ବୁଦ୍ଧିଜୀବୀ ମହଲରୁ ଦୃଢ଼ ଦାବି ପ୍ରକାଶ ପାଇଛି।

# ବିଜୟ କୁମାର ମିଶ୍ର ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ



**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ଭାରତୀୟ ରେଳ ହିସାବ ସେବା (ଆଇଆରଏଏସ୍)ର ୧୯୯୧ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ଶ୍ରୀ ବିଜୟ କୁମାର ମିଶ୍ର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଇଛନ୍ତି। ରେଳ ଆର୍ଥିକ ପରିଚାଳନା, ପ୍ରକଳ୍ପ ପରିଚାଳନା, ଟ୍ରେନ୍ ପରିଚାଳନା ଓ ପ୍ରଶାସନ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ଶ୍ରୀ ମିଶ୍ର ଭାରତୀୟ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି।

ବର୍ତ୍ତମାନ ସେ ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା (ପିଏଫ୍‌ଏ) ଭାବେ ମଧ ଦାୟିତ୍ୱ ତୁଲାଉଛନ୍ତି। ଏହି ପଦରେ ସେ ହିସାବ, ଅର୍ଥ, ବଜେଟ୍ ପରିଚାଳନା ଏବଂ ଆଭ୍ୟନ୍ତରୀଣ ନିରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନେତୃତ୍ୱ ନେଉଛନ୍ତି। ପୂର୍ବତଟ ରେଳପଥ ଭାରତୀୟ ରେଳବାଇର ସର୍ବାଧିକ ଆୟକାରୀ ମଣ୍ଡଳମାନଙ୍କ ମଧ୍ୟରୁ ଅନ୍ୟତମ। ଏହାପୂର୍ବରୁ ଶ୍ରୀ ମିଶ୍ର ଉତ୍ତର-ପୂର୍ବାଞ୍ଚଳ ସୀମାନ୍ତ ରେଳବାଇର ତିନସୁକିଆ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇର ଅନ୍ୟତମ ଆହ୍ୱାନପୂର୍ଣ୍ଣ ମଣ୍ଡଳରେ ସେ ସଫଳତାର ସହ ପ୍ରଶାସନିକ ଓ ପରିଚାଳନାଗତ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟେସନ୍ ସମୟରେ ସେ ଇରକନ୍ ଇଣ୍ଟରନ୍ୟାସନାଲ ଲିମିଟେଡର କୁଆଲାଲାମ୍ପୁର (ମାଲେସିଆ) ପ୍ରକଳ୍ପରେ ପ୍ରକଳ୍ପ ଅର୍ଥ ମୁଖ୍ୟ ଭାବେ କାର୍ଯ୍ୟ କରି ଆନ୍ତର୍ଜାତୀୟ ସ୍ତରର ବୃହତ୍ ରେଳ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନାରେ ନେତୃତ୍ୱ ପ୍ରଦାନ କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ଶ୍ରୀ ମିଶ୍ର ଭାରତୀୟ ଖଣି ସଂସ୍ଥାନ (ଆଇଆଇଟି-ଆଇଏସଏମ୍), ଧନବାଦରୁ ବ୍ୟବହାରିକ ଭୂବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଲି କୁଆନ୍ ୟୁ ସ୍କୁଲ୍ ଅଫ୍ ପବ୍ଲିକ ପଲିସିରୁ ଜନନୀତିରେ ମାଷ୍ଟର୍ସ (ଏମ୍‌ପିପି) ହାସଲ କରିଛନ୍ତି। ଏହା ସହିତ ସେ ଲଣ୍ଡନ ଓ ପ୍ୟାରିସର ୟୁରୋପୀୟ ସ୍କୁଲ୍ ଅଫ୍ ବିଜନେସରେ ଆର୍ଥିକ ପରିଚାଳନା ଏବଂ ଚୀନର ବେଜିଂ ଜିଆଓଟୋଙ୍ଗ ବିଶ୍ୱବିଦ୍ୟାଳୟରେ ହେଭି ହଲ୍ ରେଳ ପ୍ରଯୁକ୍ତିବିଦ୍ୟା ଉପରେ ଉନ୍ନତ ବୃତ୍ତିଗତ ପ୍ରଶିକ୍ଷଣ ମଧ ଗ୍ରହଣ କରିଛନ୍ତି। ଆର୍ଥିକ ପରିଚାଳନା, ରେଳ ପ୍ରଶାସନ, ପ୍ରମୁଖ ରେଳ ପ୍ରକଳ୍ପ ଏବଂ ପରିଚାଳନା କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ପୂର୍ବତଟ ରେଳପଥର କାର୍ଯ୍ୟକ୍ଷମତା, ଆର୍ଥିକ ପରିଚାଳନା ଏବଂ ପ୍ରଶାସନିକ ଦକ୍ଷତାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

## 'ଶେଷ ଶ୍ରାବଣର ଅଫେରା ମାଝୀ'ରେ ଝଙ୍କୃତ ହେଲା କିମ୍ବଦନ୍ତୀ କଣ୍ଠଶିଳ୍ପୀଙ୍କ ଅମର ସ୍ୱର

# ଶ୍ୟାମାମଣି ଦେବୀଙ୍କୁ 'ପ୍ରଣବ ପଟ୍ଟନାୟକ ସ୍ମାରକୀ ସ୍ମୃତି ସମ୍ମାନ'



**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ଓଡ଼ିଆ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତର କିମ୍ବଦନ୍ତୀ କଣ୍ଠଶିଳ୍ପୀ ସ୍ୱର୍ଗତ ପ୍ରଣବ କିଶୋର ପଟ୍ଟନାୟକଙ୍କ ସ୍ମୃତିରେ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ 'ଶେଷ ଶ୍ରାବଣର ଅଫେରା ମାଝୀ' ଶୀର୍ଷକ ଏକ ବୃହତ୍ ସାର୍ବଜନୀନ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର-ଭୁବନେଶ୍ୱରର ମାନ୍ୟବର ବିଧାୟକ ବାବୁ ସିଂଙ୍କ ଆୟୋଜନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସନ୍ଧ୍ୟାକୁ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଳା, ସାହିତ୍ୟ ଓ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ, କଳାକାର ଓ ସଙ୍ଗୀତପ୍ରେମୀ ଉପସ୍ଥିତ ରହି ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କୁ ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

୧୯୩୮ ଜାନୁଆରୀ ୨୦ରେ କଟକରେ ଜନ୍ମଗ୍ରହଣ କରିଥିବା ଏହି ମହାନ କଣ୍ଠଶିଳ୍ପୀ ୨୦୨୬ ଅଗଷ୍ଟ ୨୧ରେ ୮୮ ବର୍ଷ ବୟସରେ ଭୁବନେଶ୍ୱରରେ ପରଲୋକ ଗମନ କରିଥିଲେ। ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସଙ୍ଗୀତ ସାଧନା କରି ସେ ୨୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିବା ସହ ଓଡ଼ିଶୀ, ଭଜନ, ଲୋକଗୀତ, ଅର୍ଦ୍ଧ-ଶାସ୍ତ୍ରୀୟ ଓ ଗଜଲ ବିଭିନ୍ନ ସଙ୍ଗୀତ ଧାରାରେ ଆପଣାର ଅନନ୍ୟ କଣ୍ଠସ୍ୱର ଯୋଗୁଁ ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ସେ ଓଡ଼ିଶାର ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ 'ଜୟଦେବ ସମ୍ମାନ' ସହିତ ଏକାଧିକ ଥର ଶ୍ରେଷ୍ଠ ପୁରୁଷ ପ୍ରଚ୍ଛଦପଟ ଗାୟକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ।

ଏହି ଅବସରରେ ବିଧାୟକ ବାବୁ ସିଂ ପ୍ରଣବ ପଟ୍ଟନାୟକଙ୍କୁ ଓଡ଼ିଆ ଜାତିର ସଙ୍ଗୀତ ଐତିହ୍ୟର ଅମୂଲ୍ୟ ସମ୍ପଦ ଭାବେ ଅଭିହିତ କରିଥିଲେ। ରାଜନୀତିରେ ପୂର୍ଣ୍ଣକାଳୀନ ଭାବେ ପ୍ରବେଶ କରିବା ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜନା ସହ ଜଡ଼ିତ ଥିବା ଦର୍ଶାଇ ସେ କହିଥିଲେ ଯେ, ଏକାମ୍ର-ଭୁବନେଶ୍ୱରର ବାସିନ୍ଦା ଥିବା ପ୍ରଣବ ବାବୁଙ୍କ ସଙ୍ଗୀତ ସାଧନାର ମୂଲ୍ୟବୋଧକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉତ୍ସବରେ ପ୍ରଥମ 'ପ୍ରଣବ ପଟ୍ଟନାୟକ ସ୍ମାରକୀ ସ୍ମୃତି ସମ୍ମାନ' ସୁର ସାମ୍ରାଜ୍ଞୀ ଶ୍ରୀମତୀ ଶ୍ୟାମମଣି ଦେବୀଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସନ୍ଧ୍ୟାରେ ତୃପ୍ତି ଦାସ, ଅନିନ୍ଦିତା ଦାସ, ସୌରଭ ନାୟକ, ସିଦ୍ଧାର୍ଥ ମିଶ୍ର, ସିଦ୍ଧାନ୍ତ ଶତପଥୀ, ପ୍ରତିଭା ପ୍ରଧାନ, ମିତାଲି ଚିନରା, ନିଶାଦ ମିଶ୍ର, ଲିରିକା ସିଂ, ଶାନ୍ତନୁ ନାୟକ, ସୁଧୀରଞ୍ଜନ ମିଶ୍ର ଏବଂ ଛନ୍ଦା ମିଶ୍ର ସ୍ୱର୍ଗତ ସଙ୍ଗୀତଜ୍ଞଙ୍କ ଅମର ଗୀତଗୁଡ଼ିକୁ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଇତି ସାମନ୍ତ, ତୃପ୍ତି ଦାସ, ଲକ୍ଷ୍ମୀକାନ୍ତ ପାଲିତ, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିବା ବେଳେ ଡକ୍ଟର ଶ୍ରୀନିବାସ ଘଟୁଆରୀ ମଞ୍ଚ ସଂଯୋଜନା ଏବଂ ଅତୀଶ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# କିମ୍ସ୍ ୨୦ ବର୍ଷ ପୂର୍ତ୍ତି: ଡାକ ବିଭାଗର ସ୍ୱତନ୍ତ୍ର ସ୍ମାରକ ଡାକ କଭର୍ ଉନ୍ମୋଚିତ




**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** କିମ୍ସ୍‌ର ୨୦ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଡାକ ବିଭାଗ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚନ କରାଯାଇଛି। ଚିକିତ୍ସା ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ କିମସର ଦୁଇ ଦଶନ୍ଧିର ଅବଦାନକୁ ଏହି ସ୍ମାରକ ଆବରଣ ମାଧ୍ୟମରେ ସମ୍ମାନ ଜଣାଯାଇଛି।

ଏହି ଅବସରରେ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଡାକ୍ତର ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ସେ ଡାକ୍ତରମାନଙ୍କୁ 'ଦେଶ ଓ ଜନସାଧାରଣଙ୍କ ସେବାରେ ନିୟୋଜିତ ଦେବଦୂତ' ଭାବେ ବର୍ଣ୍ଣନା କରିଥିଲେ। କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଶ୍ରୀ ସାମନ୍ତଙ୍କ ଜୀବନ ଦେଶସେବା ପାଇଁ ସମର୍ପିତ ବୋଲି ଶ୍ରୀ ସିଂହ କହିଥିଲେ। ଭାରତୀୟ ଡାକ ବ୍ୟବସ୍ଥାର ବ୍ୟାପକତା ସମ୍ପର୍କରେ ସେ କହିଲେ, ଦେଶରେ ପ୍ରାୟ ୧ ଲକ୍ଷ ୬୪ ହଜାର ଡାକଘର ରହିଛି, ଯାହା ବିଶ୍ୱର ସର୍ବବୃହତ ଡାକ ନେଟୱର୍କ। ଏଥିରୁ ପ୍ରାୟ ୮,୯୦୦ ଡାକଘର ଓଡ଼ିଶାରେ ରହିଛି। ଜୀବନର ପ୍ରତ୍ୟେକ କ୍ଷେତ୍ର ସହ ଆମେ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ସେ କହିବା ସହ ଭାରତୀୟ ଡାକ ବିଭାଗ ବର୍ତ୍ତମାନ ନାଗରିକକେନ୍ଦ୍ରିକ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଏବଂ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେଉଥିବା କହିଥିଲେ। କିମ୍ସ୍ ମେଡ଼ିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଆର. ସି. ଦାସ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ବୋଲି ଅଭିହିତ କରିଥିଲେ। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ କିମସ ଆଜି ଅନ୍ୟତମ ଅଗ୍ରଣୀ ମେଡିକାଲ କଲେଜ ହସ୍‌ପିଟାଲ୍ ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ସେ କହିଥିଲେ। କିମସର ୨୦ ବର୍ଷ ପୂର୍ତ୍ତି ଏହାର ଯାତ୍ରାର ଅନ୍ତ ନୁହେଁ, ବରଂ ଏକ ନୂଆ ଯାତ୍ରାର ଆରମ୍ଭ ବୋଲି ସେ ମତ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, କିମସ ପୂର୍ବ ଭାରତର ଅନ୍ୟତମ ବୃହତ୍ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଭାବେ ଉଭା ହୋଇଛି। ଚିକିତ୍ସା ପର୍ଯ୍ୟଟନର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ, ପ୍ରତିବର୍ଷ ପ୍ରାୟ ୪ରୁ ୫ ଲକ୍ଷ ବିଦେଶୀ ନାଗରିକ ଚିକିତ୍ସା ପାଇଁ ଭାରତକୁ ଆସୁଛନ୍ତି। ଓଡ଼ିଶାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଗନ୍ତବ୍ୟସ୍ଥଳୀ ଭାବେ ପ୍ରତିଷ୍ଠିତ କରିବାରେ କିମ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ୍ ଅଫ୍ ମେଡିସିନ୍‌ର ପ୍ରୋ-ଭାଇସ୍ ଚାନ୍ସେଲର ଡା. ସି.ବି.କେ. ମହାନ୍ତି, ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କିମ୍ସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏମ୍.ଆର. ବେହେରାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର, ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୁସ୍ତକ 'ମୁଁ ଓ ମୋର ନାଟକ' ଲୋକାର୍ପିତ




**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ଓଡ଼ିଆ ଲୋକ ନାଟକ, ରଙ୍ଗମଞ୍ଚର ସୁରକ୍ଷା ଓ ସଂରକ୍ଷଣ ଦିଗରେ ମନ୍ମଥ କୁମାର ଶତପଥିଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଆଜି ଭାରତୀୟ ବିଦ୍ୟାଭବନରେ ଆୟୋଜିତ 'ମୁଁ ଓ ମୋର ନାଟକ' ପୁସ୍ତକ ଲୋକାର୍ପଣ ଉତ୍ସବରେ ମତପ୍ରକାଶ ପାଇଛି। ମନ୍ମଥ କୁମାରଙ୍କ ୮୩ତମ ଜୟନ୍ତୀ ଅବସରରେ ତାଙ୍କ ଲିଖିତ ପୁସ୍ତକକୁ ଶ୍ୟାମସୁନ୍ଦର ଅଗ୍ରୱାଲ, ମେଜର୍ ଜେନେରାଲ୍ ଅତନୁ ପଟ୍ଟନାୟକ, ସାମ୍ବାଦିକ ଜୟାଶିଷ ରାୟ ଓ ଅଭିନେତ୍ରୀ ତ୍ରିପୁରା ମିଶ୍ର ଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିଛନ୍ତି। ଦେବାଶିଷ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଡଃ. ପ୍ରେମାନନ୍ଦ ମହାପାତ୍ର ଓ ଡାଃ. ଚିତ୍ତରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ।

# ଭାରତୀୟ ନିର୍ମାଣ କଂଗ୍ରେସ ଓଡ଼ିଶା ଶାଖାର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ଭାରତୀୟ ନିର୍ମାଣ କଂଗ୍ରେସ (ଆଇବିସି) ଓଡ଼ିଶା ଶାଖା ପକ୍ଷରୁ ସଂଗଠନର ୩୫ତମ ପ୍ରତିଷ୍ଠା ଦିବସ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶାଖାର ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ସଭାପତିତ୍ୱ କରିବା ସହ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଆପଣା ସ୍ୱାଗତ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ୧୯୯୨ ସେପ୍ଟେମ୍ବର ୧ ତାରିଖରେ ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (ସିପିଡବ୍ଲ୍ୟୁଡି)ର ତତ୍କାଳୀନ ମହାନିର୍ଦ୍ଦେଶକ ଓ. ପି. ଗୋୟଲଙ୍କ ପୃଷ୍ଠପୋଷକତାରେ ଭାରତୀୟ ନିର୍ମାଣ କଂଗ୍ରେସ ପ୍ରତିଷ୍ଠିତ ହୋଇଥିଲା ଏବଂ ତତ୍କାଳୀନ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀ ଶୀଲା କାଉଲ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି ପ୍ରତିଷ୍ଠା ଉତ୍ସବରେ ବିଶ୍ୱ ଯନ୍ତ୍ରୀ ସଂଗଠନ ମହାସଂଘ (ଡବ୍ଲ୍ୟୁଏଫ୍‌ଇଓ)ର ଆଭ୍ୟନ୍ତରୀଣ ନିରୀକ୍ଷକ ଶ୍ରୀ ଅଶୋକ ବାସା, 'ଆର-ସ୍କେକ୍ଟ'ର ନିର୍ଦ୍ଦେଶକ ଡକ୍ଟର ଧନଦାକାନ୍ତ ମିଶ୍ର, ଜଳସମ୍ପଦ ବିଭାଗର ପୂର୍ବତନ ଯନ୍ତ୍ରୀ ମୁଖ୍ୟ ଇଞ୍ଜିନିୟର ଲିଙ୍ଗରାଜ ଗୌଡ଼ ଏବଂ 'ସ୍ପେସ-ଆର୍କ'ର ପ୍ରତିଷ୍ଠାତା ଦେବେନ୍ଦ୍ର ପରିଡ଼ା ସ୍ୱତନ୍ତ୍ର ନିମନ୍ତ୍ରିତ ବକ୍ତା ଭାବେ ଯୋଗଦେଇ ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଡକ୍ଟର ଅମିତ ଚାଟାର୍ଜୀ ସଂଚାଳନ କରିଥିବା ବେଳେ ଶହେରୁ ଅଧିକ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରିବେଶ ଅନୁକୂଳ ଶୂନ୍ୟ-କାର୍ବନ ଓ ସ୍ୱଳ୍ପ-କାର୍ବନ ଅଟ୍ଟାଳିକା, ସ୍ଥାୟୀ ନିର୍ମାଣ ଯୋଜନା, ନିର୍ମାଣ ଶିଳ୍ପରେ ସୂଚନା ପ୍ରଯୁକ୍ତିବିଦ୍ୟା (ବିଆଇଏମ୍)ର ପ୍ରୟୋଗ ଏବଂ ସ୍ଥାୟୀ ସୌଧ ନିର୍ମାଣରେ ସ୍ଥପତି, ଯନ୍ତ୍ରୀ, ଯୋଜନାକାରୀ ଓ ସରକାରଙ୍କ ଭୂମିକା ସମ୍ପର୍କରେ ବକ୍ତାମାନେ ବିଶେଷ ଆଲୋକପାତ କରିଥିଲେ। ଶେଷରେ ସଂଗଠନର ସମ୍ପାଦକ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଲ୍‌ର ଇବ୍ ଭ୍ୟାଲି ୱାଶେରୀରେ ୪,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ସାଇଲୋ ଶୁଭାରମ୍ଭ





**ଭୁବନେଶ୍ୱର,ସମ୍ବଲପୁର,,୧୧୯/ଏନ୍‌ଏନ୍‌ଏସ୍:** କୋଇଲା ପରିବହନ ବ୍ୟବସ୍ଥାର ଆଧୁନିକୀକରଣ, ଯାନ୍ତ୍ରିକୀକରଣ ଏବଂ ସୁଦୃଢ଼ୀକରଣ ଦିଗରେ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାସ୍ଥିତ ଇବ୍ ଭ୍ୟାଲି କୋଇଲା ଖଣି ଅଞ୍ଚଳର ଲଖନପୁର କ୍ଷେତ୍ରରେ ଥିବା ଇବ୍ ଭ୍ୟାଲି କୋଇଲା ୱାଶେରୀଠାରେ ୪,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ସାଇଲୋର ଶୁଭାରମ୍ଭ କରାଯାଇଛି।

ଏହି ସାଇଲୋର କାର୍ଯ୍ୟକ୍ଷମତା ଏମ୍‌ସିଏଲ୍‌ର ସମ୍ପ୍ରସାରିତ 'ଫାର୍ଷ୍ଟ ମାଇଲ୍ କନେକ୍ଟିଭିଟି' ଏବଂ ସ୍ୱୟଂଚାଳିତ କୋଇଲା ନିଷ୍କାସନ ଭିତ୍ତିଭୂମିକୁ ଆହୁରି ମଜଭୁତ କରିବ। ଏହା ଆଧୁନିକ କୋଇଲା ପରିଚାଳନା ପ୍ରଣାଳୀକୁ ରେଳ ପରିବହନ ସହିତ ଯୋଡ଼ି ୱାଶେରୀରୁ ଉପଭୋକ୍ତାଙ୍କ ନିକଟକୁ ପରିଷ୍କୃତ କୋଇଲାର ଦ୍ରୁତ ଓ ଦକ୍ଷ ପରିବହନକୁ ସୁଗମ କରିବ, ଯାହାଦ୍ୱାରା ପାରମ୍ପରିକ କୋଇଲା ପରିଚାଳନା ପଦ୍ଧତି ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ପାଣ୍ଡେ ଏବଂ ଭାରତୀୟ ରେଳବାଇର ଏରିଆ ରେଲୱେ ମ୍ୟାନେଜର୍ ଘନଶ୍ୟାମ, ଏମ୍‌ସିଏଲ୍ ଏବଂ ଭାରତୀୟ ରେଳବାଇର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଯୌଥଭାବେ ଏହି ସାଇଲୋ ସୁବିଧାର ଉଦ୍‌ଘାଟନ କରିଛନ୍ତି। କୋଇଲା ନିଷ୍କାସନ ପ୍ରକ୍ରିୟାକୁ ଆହୁରି ସହଜ ଓ ତ୍ୱରାନ୍ୱିତ କରିବା ପାଇଁ ଏମ୍‌ସିଏଲ୍ ନିରନ୍ତର ଭାବେ ଆଧୁନିକ ଯାନ୍ତ୍ରିକୀକରଣକୁ ଆପଣାଉଛି ଏବଂ ଅତ୍ୟାଧୁନିକ ଏଫ୍‌ଏମ୍‌ସି ଓ ରେଳ ଭିତ୍ତିଭୂମିରେ ନିବେଶ କରୁଛି। ଏହି ଅତ୍ୟାଧୁନିକ ସାଇଲୋ ସାହାଯ୍ୟରେ ପରିଷ୍କୃତ କୋଇଲାର ବ୍ୟବସ୍ଥିତ ସଂରକ୍ଷଣ ଏବଂ ରେଳ ରେକ୍ ?ଗୁଡ଼ିକରେ ଶୀଘ୍ର ଓ ସ୍ୱୟଂଚାଳିତ ଲୋଡିଂ ସମ୍ଭବ ହୋଇପାରିବ। ଏହାଦ୍ୱାରା ପରିବହନ କାର୍ଯ୍ୟ ସୁଗମ ହେବା ସହ ରେକ୍ ?ଗୁଡ଼ିକର ସଠିକ୍ ଉପଯୋଗ ହୋଇପାରିବ ଏବଂ ଉପଭୋକ୍ତାଙ୍କ ନିକଟକୁ କୋଇଲା ଯୋଗାଣ ଅଧିକ ଦକ୍ଷ ଓ ନିର୍ଭରଯୋଗ୍ୟ ହୋଇପାରିବ। ଏହି ସୁବିଧା ଏମ୍‌ସିଏଲ୍ ଏବଂ ଭାରତୀୟ ରେଳବାଇ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ସହ ନିରବଚ୍ଛିନ୍ନ କୋଇଲା ପରିବହନରେ ସହାୟକ ହେବ।

## ମଦର ଟେରେସା ଆଶ୍ରମରେ ଦନ୍ତ ଚିକିତ୍ସା ଶିବିର

**ଭୁବନେଶ୍ୱର,୧୧୯/ଏନ୍‌ଏନ୍‌ଏସ୍:** ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ମେଟ୍ରୋ ଏବଂ ସମ୍ ହସ୍ପିଟାଲ ଦନ୍ତ ଚିକିତ୍ସା ବିଭାଗର ମିଳିତ ଉଦ୍ୟମରେ ଯାଆଁଳାସ୍ଥିତ ମିଶନାରିଜ୍ ଅଫ୍ ଚାରିଟି (ମଦର ଟେରେସା ଆଶ୍ରମ)ଠାରେ ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏକ ୯ ଜଣିଆ ଡାକ୍ତରୀ ପ୍ରତିନିଧି ଦଳ ଭ୍ରାମ୍ୟମାଣ ଦନ୍ତ ଚିକିତ୍ସାଗାର ତଥା ଆଧୁନିକ ସରଞ୍ଜାମ ସହାୟତାରେ ଆଶ୍ରମର ଅନ୍ତେବାସୀଙ୍କ ଦାନ୍ତ ପରୀକ୍ଷା କରିବା ସହ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋ ସଭାପତି ମିହିର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନେକ



ରୋଟାରୀ ସଦସ୍ୟ ଏବଂ ଇନର ହୁଇଲ ସଦସ୍ୟାମାନେ ମିଶନାରୀ ସିଷ୍ଟରମାନଙ୍କ ସହ ମିଶି ଏହି ଶିବିର ପରିଚାଳନା କରିଥିଲେ। ଏହି ଆଶ୍ରମରେ କୁଷ୍ଠରୋଗାକ୍ରାନ୍ତ, ମାନସିକ ଭିନ୍ନକ୍ଷମ ତଥା ନିରାଶ୍ରିତ ପୁରୁଷ ଓ ସ୍ତ୍ରୀ ମିଶି ୪୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ପ୍ରକାଶ ଥାଉ କି ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋ ଦୀର୍ଘ ବର୍ଷ ହେବ ଏହି ଆଶ୍ରମକୁ ପ୍ରତିମାସରେ ଖାଦ୍ୟ ସାମଗ୍ରୀ, ପୋଷାକ ତଥା ଚିକିତ୍ସା ପାଇଁ ବ୍ୟବହୃତ ବ୍ୟାଣ୍ଡେଜ୍, ଫିନାଇଲ୍ ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରଦାନ କରିଆସୁଛି।

## ଆଜିର ଇତିହାସ

- ୧୫୭୩-ଆକବର ଗୁଜରାଟ ଉପରେ ବିଜୟ ପ୍ରାପ୍ତ କରିଥିଲେ। ୧୭୯୮-ଇଂରେଜମାନେ ହାଇଦ୍ରାବାଦର ନିଜାମଙ୍କ ସହିତ ବୁଝାମଣା କରିଥିଲେ।
- ୧୯୪୬-ଜବାହରଲାଲ ନେହେରୁଙ୍କ ଉପ-ସଭାପତିତ୍ୱରେ ଅନ୍ତରୀଣ ଭାରତ ସରକାର ଗଠନ ହୋଇଥିଲା।
- ୧୯୭୦-କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକର ଉଦ୍‌ଘାଟନ ହୋଇଥିଲା।
- ୧୯୯୯-ଭାରତୀୟ ସ୍ୱିମର୍ ବୁଲା ଚୌଧୁରୀ ଇଂଲିଶ ଚ୍ୟାନେଲକୁ ଅତିକ୍ରମ କରିଥିବା ପ୍ରଥମ ଏସିଆନ୍ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ବ୍ୟାପାର ମାମଲାରେ ନୂଆ ବିଚାର ଆସିପାରେ। ଦିନଟି ଶାନ୍ତିଦାୟକ ରହିବ। ମିତ୍ରଙ୍କ ପରାମର୍ଶ ଲାଭକାରୀ ହୋଇପାରେ। ପରିବାରରେ ଆନନ୍ଦମୟ ପରିବେଶ ରହିବ।

**ବୃଷ** - କାମ ବ୍ୟସ୍ତତା ପାଇଁ ଆଜି ଘରଠାରୁ ଦୂରକୁ ଯାଇପାରନ୍ତି। କ୍ରୋଧ ଓ ଆବେଶରେ ଆସି ସମ୍ବନ୍ଧ ଖରାପ କରନ୍ତୁ ନାହିଁ। ଧୈର୍ଯ୍ୟର ସହିତ କାମ କରନ୍ତୁ। ଆର୍ଥିକ ସ୍ଥିତିରେ ଅଚାନକ ଶୁଭ ପରିବର୍ତ୍ତନ ଆସିପାରେ।

**ମିଥୁନ** - ମୁସ୍କିଲ ପରିସ୍ଥିତିରେ ଧୈର୍ଯ୍ୟ ଧରନ୍ତୁ। ସୁଖ ପରିବର୍ତ୍ତନ କରିବେ। ସାମାଜିକ ଆୟୋଜନ କରିପାରିବେ। ଏପରି ପରିସ୍ଥିତି ଖୁସିର ସଠିକ୍ ସ୍ଥିତିକୁ ବୁଝିନେଇ ପାରିବେ।

**କର୍କଟ** - ପାରିବାରିକ ସହଯୋଗ ପାଇବେ। ଘରର ସଦସ୍ୟଙ୍କ ସହଯୋଗ ପ୍ରାପ୍ତ କରିବେ। ବ୍ୟକ୍ତିଗତ ସମସ୍ୟାକୁ ସେୟାର୍ ନକଲେ ଭଲ। କିଛି ଲୋକ ଭୁଲ୍ ବୟାନ ଦେବେ। ଆପଣଙ୍କ ଚିନ୍ତା ବୃଦ୍ଧି ହେବ।

**ସିଂହ** - ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ଭାଗ୍ୟର ସହଯୋଗ ପାଇବେ। ବ୍ୟାପାର ବୃଦ୍ଧି ଯୋଗ ଅଛି। ଅଳ୍ପ ଚିନ୍ତିତ ରହିବେ। ପରାକ୍ରମ ବୃଦ୍ଧି ହେବ। ସମୟର ସଠିକ୍ ପ୍ରବନ୍ଧନ କରିପାରିବେ।

**କନ୍ୟା** - ଚିନ୍ତା ଛାଡ଼ନ୍ତୁ। ଜୀବନର ଖୁବ୍ ବଢ଼ିଆ ଘଟଣାଗୁଡ଼ିକୁ ଅନୁଭବ କରିବେ। ସେଥିପାଇଁ ଆଗକୁ ବଢ଼ିବେ। ଆକସ୍ମିକ ଲାଭ ମିଳିପାରେ। ଆର୍ଥିକ ସ୍ଥିତି ମଜବୁତ ହେବାର ସଙ୍କେତ ରହିଛି।

**ତୁଳା** - ପରିବାର ସହିତ ସମୟ ବିତେଇବେ। ବାହାରକୁ ବୁଲିବା ପାଇଁ ଯୋଜନା କରିପାରନ୍ତି। କ୍ରୋଧରେ କାହା ସହିତ କଥାବାର୍ତ୍ତା ନକଲେ ଭଲ। ବ୍ୟବହାର ଦ୍ୱାରା ଲୋକମାନେ ପ୍ରଭାବିତ ହେବେ।

**ବିଛା** - ପରିବାରରୁ ଭରପୂର ସହଯୋଗ ପାଇବେ। ନୈତିକ ମତଭେଦ ହୋଇପାରେ। ମାତାପିତାଙ୍କ ସହଯୋଗ ପାଇବେ। ସମ୍ପତ୍ତିରେ ନିବେଶ କରିବେ। ଲାଭର ସଙ୍କେତ ରହିଛି।

**ଧନୁ** - ଧାର୍ମିକ ଓ ଆଧ୍ୟାତ୍ମିକ ରୁଚି ରହିବ। ଏଥିପାଇଁ ଖୁବ୍ ବଢ଼ିଆ ଦିନ। ଆର୍ଥିକ ସୁଧାର ହେବ। ବିତ୍ତୀୟ ସ୍ଥିତିରେ ସୁଧାର ଆସିବ। ଦିନଚର୍ଯ୍ୟାରେ ବ୍ୟସ୍ତ ରହିବେ। କୌଣସି ଆୟୋଜନରେ ସାମିଲ ହୋଇପାରନ୍ତି।

**ମକର** - ଅଫିସରେ ଅତିରିକ୍ତ କାମ ମିଳିବ। ଅଧିକ କାମ କରିବେ। ଅଟକିଥିବା କାମ ଶୀଘ୍ର ପୂରା ହୋଇପାରେ। ବ୍ୟବସାୟୀମାନେ ବ୍ୟସ୍ତ ରହିବେ। ବିବାଦ ଠାରୁ ଦୂରରେ ରୁହନ୍ତୁ।

**କୁମ୍ଭ** - ଚାକିରିରେ ପଦୋନ୍ନତି ଯୋଗ ରହିଛି। ଏହାର ସମ୍ଭାବନା ଅଧିକ ରହିବ। ଧାର୍ମିକ କାମର ଚିନ୍ତା ଶେଷ ହେବ। ଅସମାଧାନ ମାମଲାର ସମାଧାନ ହେବ। ପଦ-ପ୍ରତିଷ୍ଠା ବୃଦ୍ଧି ହେବ।

**ମୀନ** - ଆର୍ଥିକ ସ୍ଥିତି ମଜବୁତ ହେବ। ଦିନଟି ଆନନ୍ଦମୟ ରହିବ। ଅଫିସରେ ପ୍ରଶଂସିତ ହେବେ। ବସ୍ କାମର ପ୍ରଶଂସା କରିବେ। କୌଣସି ପାର୍ଟି ପାଇଁ ନିମନ୍ତ୍ରିତ ହୋଇପାରନ୍ତି। ଖୁବ୍ ଆନନ୍ଦ ପାଇବେ।

## କଠୋପନିଷଦ୍



ପ୍ରଥମ ଅଧ୍ୟାୟ ପ୍ରଥମ ବଲ୍ଲୀ
ଉଶନ୍ ହ ବୈ ବାଜଶ୍ରବସଃ ସର୍ବବେଦସଂ ଦଦୌ। ତସ୍ୟ ହ ନଚିକେତା ନାମ ପୁତ୍ର ଆସ। (୧/୧/୧)

ଏକଦା ବାଜଶ୍ରବାଙ୍କ ପୁତ୍ର, ବିଶ୍ୱଜିତ ଯଜ୍ଞ କରି ତାହାର ଫଳ (ସ୍ୱର୍ଗ) କାମନାରେ ସର୍ବସ୍ୱ ଦାନ କରିଥିଲେ। ତାଙ୍କର ନଚିକେତା ନାମକ ଏକ ପୁତ୍ର ଥିଲା।

## ସମୁଦ୍ରରେ ସୋଲାର୍ ଫାର୍ମ



ଚୀନ୍ ଆରମ୍ଭ କରିଛି ଏକ ଅନୋଖା ଏକ୍ସପେରିମେଣ୍ଟ ଯାହା ପର୍ଯ୍ୟାବରଣ ଅନୁକୂଳ ଏକ ପ୍ରୟାସ। ଚୀନ୍ ଶାନ୍‌ଦୋଙ୍ଗ ପ୍ରାନ୍ତରେ ଦୁନିଆର ପ୍ରଥମ ଭାସମାନ ସୋଲାର ଲଞ୍ଚ କରିଛି ଯାହାକୁ ସମ୍ପୂର୍ଣ୍ଣ ଭାବରେ ବାଉଁଶର ଢାଞ୍ଚାରେ ତିଆରି କରାଯାଇଛି। ୧୦୦ କି.ଲୋ ୱାଟ୍ କ୍ଷମତା ଥିବା ଏହି ଏକ୍ସପେରିମେଣ୍ଟାଲ୍ ସୋଲାର୍ ପ୍ଲାଟ୍‌ଫର୍ମର ନାମ ରଖାଯାଇଛି 'ଜିଲିନ୍-୨'। ପାରମ୍ପରିକ ଭାବରେ ସୋଲାର୍ ଫାର୍ମକୁ ସଠିକ୍ ଭାବରେ ସେଟ୍ କରିବା ପାଇଁ ଓଜନିଆ ଷ୍ଟିଲ୍ ବା ହାଇ ଡେନ୍‌ସିଟି ପ୍ଲାଷ୍ଟିକର ଏକ ଢାଞ୍ଚାର ବ୍ୟବହାର କରାଯାଏ ଯାହା ମାରିନ୍ ଇକୋସିଷ୍ଟମ୍ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଚୀନ୍ ପର୍ଯ୍ୟାବରଣ ଅନୁକୂଳ ନୂଆ ପ୍ରକ୍ରିୟାକୁ ଆପଣାଇଛି। ତେବେ ଏହି ପ୍ରୋଜେକ୍ଟକୁ ସ୍ଥାପନା କରାଯାଇଛି ପୂର୍ବ ଶାନ୍‌ଦୋଙ୍ଗ ପ୍ରାନ୍ତର ଯଜଞ୍ଚ କୂଳ ପାଖରେ ଥିବା ଡେମନ୍‌ଷ୍ଟ୍ରେସନ ବେସ୍‌ରେ। ଏହି ସୋଲାର ପ୍ଲାଣ୍ଟ ହାଇଡ୍ରୋଜେନ, ଆମୋନିଆ ଓ ମେଥାନଲର ଇଣ୍ଟିଗ୍ରେଟେଡ୍ ପ୍ରଡକ୍ସନ ପ୍ରୋଜେକ୍ଟକୁ ବିଜୁଳି ସପ୍ଲାଇ କରିବ। ଏହା ପୂର୍ବରୁ ୨୦୨୩ରେ ଏହାର ଛୋଟ ମଡେଲ ୧୦କେଡବ୍ଲୁ ମଡେଲ୍ 'ଜିଲିନ-୧'କୁ ଲଞ୍ଚ କରାଯାଇଥିଲା। ତେବେ ଆଗାମୀ ଦିନରେ ଗୋଗାୱାଟ୍ ସ୍ତରୀୟ ବାଉଁଶ ଆଧାରିତ ପ୍ରୋଜେକ୍ଟ ତିଆରି କରିବା ଓ ବିଶ୍ୱ ସ୍ତରୀୟ ଗ୍ରୀନ୍ ମାରିନ୍ ମ୍ୟାଟେରିଆଲ୍‌କୁ ତ୍ୱରାନ୍ୱିତ କରିବାର ପ୍ରସ୍ତୁତିରେ ରହିଛି ଚୀନ୍। ଏହି ନୂଆ ଭାସମାନ ସୋଲାର୍ ପ୍ଲାଟଫର୍ମର ମୁଖ୍ୟ ସପୋର୍ଟ ଭାବରେ ବାଉଁଶର ବାରସ୍ଥ ପାଇପ୍‌ର ବ୍ୟବହାର କରାଯାଇଛି। ଏହା ବ୍ୟତୀତ ଏଥିରେ ସି ସାଲ୍ଟ ପାଇସ୍ ଅର୍ଥାତ ଫାଇବର-ପ୍ରୋଟେକ୍ଟେଡ୍ ବାଉଁଶ କାର୍ବନ କମ୍ପୋଜିଟ୍ ପାଇପ୍ ଲଗାଯାଇଛି ଯାହା ପାଣି ଉପରେ ଭାସିବା ଓ ଓଜନ ଉଠେଇବାର ତାକତ ରଖିଥାଏ।

# ନାସାର ଟେଲିସ୍କୋପ୍ ପ୍ରକ୍ଷେପଣ



ପାଖାପାଖି ଚାରି ବିଲିଅନ୍ ଅର୍ଥର ପରିଯୋଜନା ନାନ୍ସି ଗ୍ରେସ୍ ରୋମାନ୍ ସ୍ପେସ୍ ଟେଲିସ୍କୋପ୍‌କୁ ନାସା କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସ୍‌ଏକ୍ସ ଫାଲ୍କନ୍ ହେଭି ରକେଟ୍ ଜରିଆରେ ଅନ୍ତରୀକ୍ଷକୁ ପଠାଇଛି। ଡାର୍କ ମ୍ୟାଟର୍ ଓ ଡାର୍କ ଏନର୍ଜି ପରି ବ୍ରହ୍ମାଣ୍ଡୀୟ ରହସ୍ୟଗୁଡ଼ିକର ଯାଞ୍ଚ କରିବା ସହିତ ମାଧ୍ୟାକର୍ଷଣ ଶକ୍ତିର ପରୀକ୍ଷଣ କରିବା ଓ ଏକ୍ସୋପ୍ଲାନେଟ୍ ଅନ୍ୱେଷଣ କରିବା ପାଇଁ ଏହି ଟେଲିସ୍କୋପ୍‌କୁ ଡିଜାଇନ୍ କରାଯାଇଛି। ତେବେ ପ୍ରକ୍ଷେପଣ ପୂର୍ବରୁ ପାଣିପାଗକୁ ନେଇ ଚିନ୍ତା ରହିଥିଲା କିନ୍ତୁ ରକେଟ୍ କେବଳ ପରିଷ୍କାର ଆକାଶ ଓ ଅଳ୍ପ ବାଦଲ ମଧ୍ୟରେ ଟେଲିସ୍କୋପ୍‌କୁ ଅନ୍ତରୀକ୍ଷକୁ ପଠାଇବାରେ ସଫଳ ହୋଇଛି। ରୋମାନ୍ ଅନ୍ତରୀକ୍ଷରେ ଯାତ୍ରା କରି ପୃଥିବୀ ଠାରୁ ପାଖାପାଖି ଦଶ ଲକ୍ଷ ମାଇଲ୍ (୧.୬ ମିଲିଅନ୍ କି.ମି) ଦୂରରେ ସ୍ଥିତ ଲାଗ୍ରେଞ୍ଜ୍ ପଏଣ୍ଟ-୨ ନାମକ ଏକ କକ୍ଷୀୟ ସ୍ଥାନ ଆଡ଼କୁ ବଢ଼ିବ। ଏହାର ମିଶନକୁ ପାଞ୍ଚ ବର୍ଷ ପାଇଁ ନିର୍ଦ୍ଧାରିତ କରାଯାଇଛି। କାରଣ ଆମେରିକା ଅନ୍ତରୀକ୍ଷ ଏଜେନ୍ସି କହିଛି ଯେ ଟେଲିସ୍କୋପ୍‌ରେ ଅତିରିକ୍ତ ପାଞ୍ଚ ବର୍ଷ ପାଇଁ ପର୍ଯ୍ୟାପ୍ତ ଇନ୍ଧନ ରହିଛି। ୧୯୯୦ରେ ଲଞ୍ଚ୍ କରାଯାଇଥିବା ହବଲ୍ ସ୍ପେସ୍ ଟେଲିସ୍କୋପ୍ ଓ ୨୦୨୧ରେ ଲଞ୍ଚ୍ କରାଯାଇଥିବା ଜେମ୍ସ ୱେବ୍ ଟେଲିସ୍କୋପ୍‌ର କ୍ଷମତା ଉପରେ ରୋମାନ୍ ମିଶନ ଆଧାରିତ। ହବଲ୍ ଓ ଜେମ୍ସ ଟେଲିସ୍କୋପ୍ ବ୍ରହ୍ମାଣ୍ଡକୁ ଏକ ଛିଦ୍ର ଜରିଆରେ ଦେଖିଛନ୍ତି କିନ୍ତୁ ନାନ୍ସି ଗ୍ରେସ୍ ରୋମାନ୍ ସେହି ଦ୍ୱାରକୁ ଭାଙ୍ଗି ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ପହଞ୍ଚିବ। ୱେବ୍ ଟେଲିସ୍କୋପ୍ ବ୍ରହ୍ମାଣ୍ଡର ପ୍ରାରମ୍ଭିକ ଇତିହାସକୁ ଏକ ନୂଆ ଦିଗ ପ୍ରଦାନ କରିଛି ଯେଉଁଥିରେ ଅନ୍ୟ ତଥ୍ୟଗୁଡ଼ିକ ବ୍ୟତୀତ ଆଦିମ ଆକାଶଗଙ୍ଗାଗୁଡ଼ିକ ପୂର୍ବାପେକ୍ଷା ଶୀଘ୍ର ତିଆରି ହୋଇ ଆକାରରେ ବୃଦ୍ଧି ପାଉଥିବା ବିଷୟ ସାମିଲ ଥିଲା। ବର୍ତ୍ତମାନ ରୋମାନ୍ ୩ଡି ମାନଚିତ୍ର ତିଆରି କରି ବ୍ରହ୍ମାଣ୍ଡର ଦୁଇଟି ରହସ୍ୟମୟ ଘଟକ-ଡାର୍କ ଏନର୍ଜି ଓ ଡାର୍କ ମ୍ୟାଟର୍‌କୁ ବୁଝିବାରେ ସାହାଯ୍ୟ କରିବ। ତେବେ ୧୩.୮ ବିଲିଅନ ବର୍ଷ ପୂର୍ବରୁ ବିଗ୍ ବ୍ୟାଙ୍ଗ୍ ଘଟଣାରୁ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଥିଲା ଓ ସେବେଠାରୁ ଆକାରରେ ଏହା ବୃଦ୍ଧି ପାଉଛି।

# କୁନି ଝିଅର ବିଶ୍ୱ ରେକର୍ଡ

**ଯେଉଁ ବୟସରେ ଅଧିକାଂଶ ପିଲା ଅକ୍ଷରଗୁଡ଼ିକୁ ପଢ଼ିପାରନ୍ତି ନାହିଁ ଓ ନିଜର ଛୋଟ ଛୋଟ ଶବ୍ଦଗୁଡ଼ିକ ସାହାଯ୍ୟରେ କହିବା ଆରମ୍ଭ କରୁଥାନ୍ତି ସେହି ବୟସରେ ଏକ ଛୋଟ ଝିଅ ନିଜ ପ୍ରତିଭା ଓ ଦକ୍ଷତାର ପରିଚୟ ଦେଇ ରେକର୍ଡ ବୁକ୍‌ରେ ନିଜ ନାମକୁ ସାମିଲ କରିଛି। ଏହି ଝିଅଟି ହେଉଛି ଭୁବନେଶ୍ୱରର ଅନ୍‌ଭି ବିଶେଷ ଅଗ୍ରୱାଲ୍ ଯିଏ ନିଜ ଅସାଧାରଣ ପ୍ରତିଭା ଦ୍ୱାରା ଆଜି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି।**

ଏହି ଉପଲବ୍ଧି ହାସଲ କରିବା ବଡ଼ ବଡ଼ ଲୋକଙ୍କ ପାଇଁ ସହଜ ହୋଇନଥିବା ବେଳେ ଅନ୍‌ଭି ନିଜର ଭାବନାକୁ ବୁଝି ଓ ବ୍ୟକ୍ତ କରି ନିଜର ଅଦ୍ଭୁତ କଳା ଦ୍ୱାରା ଆଜି ତାଙ୍କ ନାମରେ ଗୋଟିଏ ନୁହେଁ ଦୁଇଟି ବିଶ୍ୱ ରେକର୍ଡ ସ୍ଥାପନା କରିଛନ୍ତି। ମାତ୍ର ଚାରି ବର୍ଷ ବୟସରେ ଭାବନାଗୁଡ଼ିକ ଉପରେ ପୁସ୍ତକ ଲେଖି ନିଜ ରଚନାତ୍ମକତାର ପରିଚୟ ଦେଇଛନ୍ତି ଅନ୍‌ଭି। ଗିନିଜ ବିଶ୍ୱ ରେକର୍ଡକୁ ଦେଇଥିବା ଏକ ସାକ୍ଷାତକାରରେ ଅନ୍‌ଭି କହିଛନ୍ତି ଯେତେବେଳେ ସେ ଆହୁରି ଛୋଟ ଥିଲେ କୌଣସି ଜ୍ୱାଳାମୁଖୀର ବିସ୍ଫୋରଣ ପରି ତାଙ୍କ ବିଚାର ଓ ଭାବନାର ଗତି ଥିଲା। ଏହି ଅନୁଭବରୁ ତାଙ୍କ ମନକୁ ଏକ କଥା ଆସିଲା ଯେ ପିଲାମାନଙ୍କୁ ନିଜର ଭାବନାଗୁଡ଼ିକୁ ନେଇ କୌଣସି ପ୍ରକାରର ଭୟ ବା ଏକାକୀପଣର ଅନୁଭବ ହେବା ଉଚିତ ନୁହେଁ। ଅନ୍‌ଭିଙ୍କ ଅନୁସାରେ ନିଜର ଭାବନାଗୁଡ଼ିକୁ ଅନୁଭବ କରିବା ସାମାନ୍ୟ ଘଟଣା ହୋଇପାରେ କିନ୍ତୁ ଏହା ଉପରେ ମନଖୋଲି କଥା କହିବା ଉଚିତ। ଏହି ଚିନ୍ତାଧାରା ସହିତ ସେ 'ଲିଟିଲ୍ ଗାର୍ଲ, ବିଗ୍ ଇମୋସନ୍ସ' ନାମକ ଏକ ପୁସ୍ତକ ଲେଖିଛନ୍ତି। ଅନ୍‌ଭିଙ୍କ ଏହି ପୁସ୍ତକଟି ଇଂରାଜୀ ଓ ସ୍ପାନିଶ୍ ଭାଷାରେ ପ୍ରକାଶିତ ହୋଇଛି। ଏଥିରେ ଥିବା ସୁନ୍ଦର ଚିତ୍ରକୁ ମଧ୍ୟ ଅନ୍‌ଭି ନିଜ କଳ୍ପନା ଜରିଆରେ ତିଆରି କରିଛନ୍ତି। ଏହି ପୁସ୍ତକ ପାଇଁ ଦୁନିଆର ପ୍ରଥମ ଫିମେଲ୍ ବାଇଲିଙ୍ଗୁଆଲ୍ ଅଥର୍ ଭାବରେ ପ୍ରଥମ ଗିନିଜ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି ଅନ୍‌ଭି। ତେବେ ଲଞ୍ଚ୍ ହେବା ପୂର୍ବରୁ ପୁସ୍ତକର ୧୧୬୭ଟି କପି ବିକ୍ରି ହୋଇସାରିଛି। ଦେଶର ବଡ଼ ବଡ଼ ବୁକ୍‌ଷ୍ଟୋର୍ସରେ ବୁକ୍-ସାଇନିଂ ଇଭେଣ୍ଟ ମଧ୍ୟ ସେ କରିଛନ୍ତି। ନିକଟରେ ଅନ୍‌ଭି ଲଣ୍ଡନ ସ୍ଥିତ ଗିନିଜ ୱାର୍ଲଡ ରେକର୍ଡ ମୁଖ୍ୟାଳୟକୁ ଯାଇଥିଲେ ଓ ସେଠାରେ ୨୦୨୭ର ସ୍ପେଶାଲ୍ ଏଡିସନ୍‌ରେ ୟଙ୍ଗ୍ ଆଚିଭର୍ ଭାବରେ ସମର୍ପିତ ତାଙ୍କ ନାମର ଏକ ପୃଷ୍ଠା ଦେଖିଥିଲେ। ପ୍ରଥମ ରେକର୍ଡର ଏକ ବର୍ଷ ପରେ ଅନ୍‌ଭି 'କ୍ରିଏଟିଭିଟି ଇଜ୍ ଏ ସୁପର୍‌ପାୱାର୍' ବିଷୟ ଉପରେ ୪ ମିନିଟ୍‌ର ଭାଷଣ ଦେଇ ଦୁନିଆର ସବୁଠାରୁ କମ୍ ବୟସର ଟେଡ୍‌ଏକ୍ସ ସ୍ପିକର୍ ହେବାର ମାନ୍ୟତା ପାଇଛନ୍ତି। ଏହା ବ୍ୟତୀତ ମାତ୍ର ଦୁଇ ବର୍ଷର ହେବା ବେଳକୁ ଅନ୍‌ଭି ୭୨ରୁ ଅଧିକ ପେଣ୍ଟିଂ ତିଆରି କରିସାରିଥିଲେ ଯେଉଁଗୁଡ଼ିକର ପ୍ରଦର୍ଶନୀ ମୁମ୍ବାଇ, ଗୁରୁଗ୍ରାମ ଓ ଦୁବାଇ ୱାର୍ଲଡ ଆର୍ଟ ପରି ବଡ଼ ବଡ଼ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶିତ ହୋଇସାରିଛି। ୨୦୨୧ରୁ ଇକୋ-ଫ୍ରେଣ୍ଡଲୀ ଜୀବନଶୈଳୀ ଓ ପର୍ବପର୍ବାଣିଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ଅନ୍‌ଭି 'ହାପ୍ପିନେସ୍ ଫାଉଣ୍ଡେସନ୍' ଆରମ୍ଭ କରିଛନ୍ତି। ଅନ୍‌ଭିଙ୍କ ଏହି କାହାଣୀ ପ୍ରତି ପିଲାଙ୍କୁ ଶିକ୍ଷା ଦେଉଛି ଯେ ସ୍ୱପ୍ନ ଦେଖିବା ସହିତ ତାକୁ ପୂରା କରିବା ପାଇଁ ବୟସର ସୀମା ନଥାଏ।




# ବିଶ୍ୱ ନଡ଼ିଆ ଦିବସ

୨ ସେପ୍ଟେମ୍ବର, ୨୦୦୯ରେ ଏସିଆ ପ୍ରଶାନ୍ତ ନଡ଼ିଆ ସମୁଦାୟ (ଏପିସିସି)ର ଗଠନ ଦିବସ ଉପଲକ୍ଷେ ବିଶ୍ୱ ସ୍ତରରେ ପାଳନ କରାଯାଏ ବିଶ୍ୱ ନଡ଼ିଆ ଦିବସ। ଏପିସିସି ଦ୍ୱାରା ସ୍ଥାପିତ ଏହି ଦିବସର ଉଦ୍ଦେଶ୍ୟ ଅଧିକରୁ ଅଧିକ ଆର୍ଥିକ ବିକାଶକୁ ପ୍ରାପ୍ତ କରିବା, ନଡ଼ିଆ ସହିତ ଜଡ଼ିତ ବିକାଶ ଗତିବିଧିଗୁଡ଼ିକୁ ତ୍ୱରାନ୍ୱିତ କରିବା ଓ ଏହାର ମହତ୍ତ୍ୱକୁ ପ୍ରସାର କରିବା। ବର୍ତ୍ତମାନ ୧୮ଟି ଦେଶର ସଦସ୍ୟଙ୍କୁ ନେଇ ଏହା ଏକ ସରକାରୀ ସଂଗଠନ ଭାବରେ କାମ କରୁଛି ଯେଉଁଥିରେ ଆମ ଦେଶ ଭାରତ ମଧ୍ୟ ଏକ ସଦସ୍ୟ ଦେଶ ଭାବରେ ରହିଛି। ଏପିସିସିର ମୁଖ୍ୟାଳୟ ଇଣ୍ଡୋନେସିଆର ଜାକର୍ତ୍ତା ଠାରେ ରହିଛି।



**ନଡ଼ିଆରେ ଥିବା ପୋଷକ ତତ୍ତ୍ୱ-** ମାଙ୍ଗାନିଜ୍-୫୨.୧୭ ପ୍ରତିଶତ, କପର୍-୩୮.୬୭ ପ୍ରତିଶତ, ଆୟରନ୍-୨୪.୨୦ ପ୍ରତିଶତ, ଫାଇବର୍-୧୮.୮୦ ପ୍ରତିଶତ, ଜିଙ୍କ୍-୮ ପ୍ରତିଶତ, ଭେଲିନ୍-୭.୬୦, କାର୍ବୋହାଇଡ୍ରେଟ୍-୯.୩୭ ପ୍ରତିଶତ।

**ନଡ଼ିଆ ଓ ପଇଡ଼ ପାଣିର ଲାଭ**

- ନଡ଼ିଆ କିମ୍ବା ପଇଡ଼ ପାଣିରେ ଥିବା ପୋଷକ ତତ୍ତ୍ୱ ଚେହେରାର ଚମକ ବୃଦ୍ଧି କରେ। ଏଥିପାଇଁ ସପ୍ତାହରେ ପାଞ୍ଚ ଦିନ ନିଶ୍ଚିତ ଭାବରେ ପଇଡ଼ ପାଣି ପିଅନ୍ତୁ। ଏହାଦ୍ୱାରା ଚେହେରାର ଚମକ ବୃଦ୍ଧି ହେବ।
- ଶରୀରରେ ଯେତେବେଳେ ପାଣିର ଅଭାବ ଦେଖାଦିଏ ପଇଡ଼ ପାଣି ପିଇବାକୁ ପରାମର୍ଶ ଦିଆଯାଏ। ପଇଡ଼ ପାଣି ଯୋଗୁ ଶରୀରରେ ପିଇବା ପାଣିର ଅଭାବ ପୂରା ହୋଇଯାଏ। ଏହାର ସେବନ ଦ୍ୱାରା ଶରୀରରେ ଗ୍ଲୁକୋଜ ସ୍ତର ସାମାନ୍ୟ ହୋଇଯାଏ ଯେଉଁଥିରେ ଶରୀର ହାଇଡ୍ରେଟ୍ ରହିଥାଏ। ପାଚନ କ୍ରିୟା ବି ଖୁବ୍ ବଢ଼ିଆ ରହେ।



- ଯଦି ଆପଣ ଉଚ୍ଚ ରକ୍ତଚାପ ରୋଗୀ ତେବେ ପଇଡ଼ ପାଣିକୁ ନିଜ ଡାଏଟ୍‌ରେ ସାମିଲ କରନ୍ତୁ। ସେଥିରେ ଥିବା ଭିଟାମିନ୍-ସି, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ସ୍ତରକୁ ନିୟନ୍ତ୍ରଣ କରିଥାଏ।
- ଓଜନ ହ୍ରାସ ପାଇଁ ଖାଇବା ପୂର୍ବରୁ ପଇଡ଼ ପାଣିର ସେବନ କରନ୍ତୁ। ଏହାଦ୍ୱାରା ଅଧିକ ଭୋକ ଲାଗେନାହିଁ। ପେଟ ଭରି ରହିବା କାରଣରୁ ଖାଇବା ସମୟ ମଧ୍ୟରେ ପାର୍ଥକ୍ୟ ଆସିଯିବ। ଏହି ନିୟମକୁ ନିୟମିତ ଭାବରେ କରିବା ଦ୍ୱାରା ଏକ ମାସ ମଧ୍ୟରେ ଓଜନ ହ୍ରାସ ହେବ।
- ସମୟ ପୂର୍ବରୁ ଯଦି ବୟସ୍କଙ୍କ ପରି ଦେଖାଯାଉଛନ୍ତି ତେବେ ନିଶ୍ଚିତ ଭାବରେ ନଡ଼ିଆ କିମ୍ବା ପଇଡ଼ ପାଣିର ସେବନ କରନ୍ତୁ। ଏଥିରେ ଥିବା ସାଇଟୋକିନିନ୍ କୋଷିକା ଆପଣଙ୍କ ଏଜିଂ ସମସ୍ୟାକୁ ଦୂର କରିବ ଓ ଚେହେରାରେ ଦେଖାଯାଉଥିବା ଅସମୟରେ କୁଞ୍ଚନ ଓ ଫାଇନ୍ ଲାଇନ୍ସକୁ ମଧ୍ୟ ଠିକ୍ କରିବ।

# ମନୋରଞ୍ଜନ ଦୁନିଆରେ ରୋହିତ



ଟିମ୍ ଇଣ୍ଡିଆ କ୍ୟାପଟେନ୍ ରୋହିତ ଶର୍ମା ଏବେ ମନୋରଞ୍ଜନ ଦୁନିଆରେ ପାଦ ପକାଇବାକୁ ଯାଉଛନ୍ତି। ତାଙ୍କର ନୂଆ ଫ୍ୟାମିଲି ଏଣ୍ଟରଟେନ୍‌ମେଣ୍ଟ ଶୋ' ଫ୍ୟାମିଲି ଫୁଲ୍ ହାଉସ୍ ବହୁତ ଶୀଘ୍ର ସୋନି ଟିଭି ଓ ସୋନି ଲିଭ୍‌ରେ ଆରମ୍ଭ ହେବାକୁ ଯାଉଛି। କ୍ରିକେଟ୍ ପଡ଼ିଆରେ ନିଜର ନେତୃତ୍ୱ ଦ୍ୱାରା ଭାରତକୁ ଟି୨୦ ବିଶ୍ୱକପ୍ ଦେଇଥିବା ଓ ଲମ୍ବା ଲମ୍ବା ଛକା ମାରୁଥିବା ହିଟ୍‌ମ୍ୟାନ ରୋହିତ ଶର୍ମା ଏବେ ଦର୍ଶକମାନଙ୍କ ହୃଦୟରେ ନୂଆ ଅନ୍ଦାଜରେ ରାଜ୍ କରିବେ। ସୋନି ପିକ୍‌ଚର୍ସ ନେଟ୍‌ୱର୍କସ୍ ଇଣ୍ଡିଆ ତାଙ୍କର ନୂଆ ଶୋ'ର ଶୀର୍ଷକ ବିଷୟରେ ଆଧିକାରିକ ଘୋଷଣା କରିସାରିଛି ଯାହାର ନାମ ଦିଆଯାଇଛି- ଫ୍ୟାମିଲି ଫୁଲ୍ ହାଉସ୍ ୱିଥ୍ ରୋହିତ ଶର୍ମା। ଏହି ଶୋ'ଟି ହେଉଛି ଭାରତୀୟ କ୍ୟାପଟେନ୍‌ଙ୍କ ସେହି ମନୋରଞ୍ଜନ ଦୁନିଆରେ ପ୍ରବେଶ ଯାହାକୁ ନେଇ ଖେଳପ୍ରେମୀ ଓ ସାଧାରଣ ଦର୍ଶକମାନଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ଦେଖିବାକୁ ମିଳୁଛି। ଚ୍ୟାନେଲ ତରଫରୁ କୁହାଯାଇଛି ଯେ ଏହି ଶୋ' ଏପରି ଏକ ପାରିବାରିକ ମଞ୍ଚ ହେବ ଯାହାକୁ ସବୁ ବୟସର ଦର୍ଶକମାନେ ଏକା ସହିତ ବସି ନିଜ ପରିବାର ସହିତ ଦେଖିପାରିବେ। ରୋହିତ ଶର୍ମାଙ୍କ ସେନ୍ସ ଅଫ୍ ହ୍ୟୁମର ଓ ତାଙ୍କର ଦେଶୀ ଅନ୍ଦାଜ ସବୁବେଳେ ସୋସିଆଲ୍ ମିଡିଆରେ ଚର୍ଚ୍ଚାରେ ରହୁଛି। ଏବେ ଏହି ମଜାଳିଆ ବ୍ୟକ୍ତିତ୍ୱଙ୍କୁ ଏକ ବଡ଼ ଟିଭି ଶୋ'ର ଫର୍ମାଟରେ ପେଶ୍ କରାଯାଉଛି। ସୋନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନ ଓ ଓଟିଟି ପ୍ଲାଟ୍‌ଫର୍ମ ସୋନି ଲିଭ୍ ଏହି ଅନୋଖା ଶୋ' ଜରିଆରେ ଦର୍ଶକମାନଙ୍କ ପାଇଁ ନୂଆ ଓ ପ୍ରଭାବଶାଳୀ ବିଷୟବସ୍ତୁକୁ ପେଶ୍ କରିବ। ରୋହିତ ଶର୍ମାଙ୍କ ଏହି ନୂଆ ଯାତ୍ରାର ଆରମ୍ଭ ଏହି ମାସରୁ ଆରମ୍ଭ ହେବ। ଶୋ'ର ପ୍ରିମିଅର୍‌ର ତାରିଖ ରଖାଯାଇଛି ୧୯ ସେପ୍ଟେମ୍ବର। କ୍ରିକେଟ୍ ପଡ଼ିଆରେ ଫିଲ୍ଡିଂ ସେଟ୍ କରି ବ୍ୟାଟ୍ସମ୍ୟାନଙ୍କ ହୋସ୍ ଉଡ଼ଉଥିବା ଏହି ଖେଳାଳି ଜଣକ ଟିଭି ମଞ୍ଚରେ ପରିବାର ସହିତ ମିଶି କିପରି ଫୁଲ୍ ହାଉସ୍ ପରିବେଶ ତିଆରି କରିବେ ତାହା ଦେଖିବା ପାଇଁ ଦର୍ଶକମାନେ ଅପେକ୍ଷାରେ ଅଛନ୍ତି।

# ନର୍କର ପାଣି ଓ କଳା ଅଣ୍ଡା



ଦୁନିଆରେ ରହିଛି ଏପରି ଏକ ସ୍ଥାନ ଯେଉଁଠାରୁ ଭୂମିର ନିମ୍ନ ଭାଗରୁ ଗରମ ପାଣି ବାହାରକୁ ବାହାରୁଛି ଯାହାକୁ କୁହାଯାଉଛି ନର୍କର ପାଣି। ଏହାର ଚାରିପାଖରେ ତୀବ୍ର ଗନ୍ଧ ଓ ଭୟଙ୍କର ଧୂଆଁକୁ ଦେଖିଲେ ଏପରି ମନେହେବ ଯେପରି କେହି ଜଣେ ମୃତ୍ୟୁ ମୁହଁରେ ଯାଇ ଛିଡ଼ା ହୋଇଛି। ଏହି ଭୟଙ୍କର ଦୃଶ୍ୟ ମଧ୍ୟରେ ଏପରି ରହସ୍ୟ ଲୁଚି ରହିଛି ଯାହାକୁ ଜାଣିବା ପାଇଁ ଦୁନିଆର ବିଭିନ୍ନ ସ୍ଥାନରୁ ଲୋକମାନେ ଆକର୍ଷିତ ହୋଇ ଆସୁଛନ୍ତି। ଏହି ଫୁଟୁଥିବା ପାଣି କୁଣ୍ଡରୁ କଳା ଅଣ୍ଡା ମିଳିଥାଏ ଯେଉଁଗୁଡ଼ିକ ସାଧାରଣ ଖଇବା ଜିନିଷ ନୁହେଁ, କିନ୍ତୁ କଳା ଅଣ୍ଡା ଖାଇବା ଯୋଗୁ ମଣିଷର ବୟସ ସାତ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି। ନର୍କର ପାଣି ଥିବା ସ୍ଥାନଟି ଅଛି ଜାପାନରେ। ଜାପାନର ସୌନ୍ଦର୍ଯ୍ୟର କଥା ଉଠିଲେ ଲୋକଙ୍କ ମନକୁ ଫୁଜି ପର୍ବତ, ଚେରୀ ବ୍ଲସମ୍ ଫୁଲ ଓ ହାଇଟେକ୍ ଟୋକିଓ ସହରର ଛବି ଆସିଯାଏ। କିନ୍ତୁ ଜାପାନର କାନାଗୱା ପ୍ରାନ୍ତର ହାକୋନେ କ୍ଷେତ୍ରରେ ଥିବା ଏହି ସ୍ଥାନଟିକୁ ଦେଖିଲେ ପୃଥିବୀର ପେଟ ଅର୍ଥାତ ନର୍କର ମୁହାଣରେ ପହଞ୍ଚିବା ପରି ମନେହେବ। ଜାପାନୀ ଭାଷାରେ ଏହି ସ୍ଥାନଟିର ନାମ ଓୱାକୁଦାନୀ ଯାହାର ଜାପାନୀ ଅର୍ଥ ଗ୍ରେଟ୍ ବଏଲିଂ ଭ୍ୟାଲି ଅର୍ଥାତ ବିଶାଳକାୟ ଫୁଟୁଥିବା ଘାଟି। ଓୱାକୁଦାନୀ ଏକ ସକ୍ରିୟ ଜ୍ୱାଳାମୁଖୀ ଘାଟି ଯେଉଁ ସ୍ଥାନର ଭୂମିରୁ ଆଜି ବି ଫୁଟନ୍ତା ପାଣି, ଗାଢ଼ ଧୂଆଁ ଓ ସଲ୍‌ଫର୍‌ର ତୀବ୍ର ଗ୍ୟାସ୍ ବାହାରୁଛି। ଫୁଟନ୍ତା ପାଣିର ସୋର୍ସ ଓ ଅନୋଖା କଳା ଅଣ୍ଡା ପାଇଁ ଏହି ସ୍ଥାନଟି ବେଶ୍ ପ୍ରସିଦ୍ଧ। ଏହି କଳା ଅଣ୍ଡାଗୁଡ଼ିକୁ ଜାପାନୀ ଭାଷାରେ କୁରା-ତାମାଗୋ କୁହାଯାଏ। ଏହି ଅଣ୍ଡାଗୁଡ଼ିକ ସାଧାରଣ ଅଣ୍ଡା ଯେଉଁଗୁଡ଼ିକୁ ପ୍ରାକୃତିକ ହଟ୍ ସ୍ପ୍ରିଙ୍ଗ୍‌ରେ ଫୁଟାଯାଏ ଯେଉଁଥିରେ ଭରପୂର ମାତ୍ରାରେ ସଲ୍‌ଫର ଓ ଲୌହ ଥାଏ।

# ଦୁଲୀପ୍ ଟ୍ରଫି ଫାଇନାଲ୍‌ରେ ଇଷ୍ଟ୍ ଜୋନ୍

**ଡିଫେଣ୍ଡିଂ ଚାମ୍ପିଅନ୍ ସେଣ୍ଟ୍ରାଲ୍ ଜୋନ୍‌କୁ ୪ ୱିକେଟ୍‌ରେ ହରାଇଲା**



**ବେଙ୍ଗାଲୁରୁ,୧୯/ଏଜେନ୍ସି:** ଇଷ୍ଟ୍ ଜୋନ୍ ମଙ୍ଗଳବାର ଡିଫେଣ୍ଡିଂ ଚାମ୍ପିଅନ୍ ସେଣ୍ଟ୍ରାଲ୍ ଜୋନ୍‌କୁ ୪ ୱିକେଟ୍‌ରେ ହରାଇ ଦୁଲୀପ୍ ଟ୍ରଫି ଫାଇନାଲ୍‌ରେ ପ୍ରବେଶ କରିଛି। ଫାଇନାଲ୍‌ରେ ଇଷ୍ଟ୍ ଜୋନ୍ ଦ୍ୱିତୀୟ ସେମିଫାଇନାଲ୍‌ର ବିଜେତା ଟିମ୍‌କୁ ଭେଟିବ। ଇଷ୍ଟ୍ ଜୋନ୍‌କୁ ବିଜୟ ପାଇଁ ୧୫୯ ରନ୍‌ର ଲକ୍ଷ୍ୟ ମିଳିଥିବା ବେଳେ ଟିମ୍ ମ୍ୟାଚ୍‌ର ତୃତୀୟ ଦିନ ୮୦.୧ ଓଭର୍‌ରେ ୬ ୱିକେଟ୍ ହରାଇ ହାସଲ କରିନେଇଛି। କ୍ୟାପ୍‌ଟେନ୍ ଈଶାନ୍ କିଶନ୍ ୩୯ ଏବଂ ମହମ୍ମଦ ଶମୀ ୮ ରନ୍ କରି ଅପରାଜିତ ଫେରିଛନ୍ତି। ଟିମ୍‌ର ଭାଇସ୍ କ୍ୟାପ୍‌ଟେନ୍ ବୈଭବ ସୂର୍ଯ୍ୟବଂଶୀ ୪୦ ରନ୍‌ର ଇନିଂସ୍ ଖେଳିଛନ୍ତି। ସେ ପ୍ରଥମ ଇନିଂସ୍‌ରେ ୭ଟି ଲେଖାଏଁ ଛକା ଓ ଚୌକା ସହାୟତାରେ ୯୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଈଶ୍ୱରନ୍ ୨୪, ବିରାଟ ସିଂହ ୧୨, କୁମାର କୁଶାଗ୍ର ୨୨ ଏବଂ ସୁଦୀପ ଘରାମୀ ୧୪ ରନ୍ କରିଥିଲେ। ଅନୁକୂଳ ରାୟ ଖାତା ଖୋଲିପାରି ନଥିଲେ। ସେଣ୍ଟ୍ରାଲ୍ ଜୋନ୍ ପକ୍ଷରୁ ହର୍ଷ ଦୁବେ ୪ ୱିକେଟ୍ ନେଇଥିବା ବେଳେ ସାରାଂଶ ଜୈନ୍ ଓ ଯଶ୍ ଠାକୁରଙ୍କୁ ୧-୧ ସଫଳତା ମିଳିଥିଲା। ଦ୍ୱିତୀୟ ଇନିଂସ୍‌ରେ ସେଣ୍ଟ୍ରାଲ୍ ଜୋନ୍‌ର ଆରମ୍ଭ ଖରାପ ଥିଲା ଏବଂ ଟିମ୍ ୩୭ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା। କ୍ୟାପ୍‌ଟେନ୍ ରଜତ ପାଟିଦାର ୫ ଏବଂ ରିଙ୍କୁ ସିଂହ ୨୦ ରନ୍ ହିଁ କରିପାରିଥିଲେ। ୯୫/୭ ସ୍କୋର୍‌ରୁ ଅର୍ଶଦ୍ ଖାନ୍ ନିମ୍ନକ୍ରମ ସହିତ ମିଶି ଟିମ୍‌କୁ ୧୫୦ ରନ୍ ପାର୍ କରାଇଥିଲେ ବି ଟିମ୍ ୧୫୮ ରନ୍‌ରେ ସୀମିତ ହୋଇଯାଇଥିଲା। ଇଷ୍ଟ୍ ଜୋନ୍ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୪ଟି, ମହମ୍ମଦ ଶମୀ ୩ଟି ୱିକେଟ୍ ନେଇଥିବା ବେଳେ ଅଭିଜିତ ସରକାର, ଅନୁକୂଳ ରାୟ ଏବଂ କୁନୈନ କୁରେଶୀଙ୍କୁ ୧-୧ ସଫଳତା ମିଳିଥିଲା।

**ଆଫଗାନିସ୍ତାନ ଟି-୨୦ ସିରିଜ୍ ପାଇଁ ଭାରତୀୟ ଟିମ୍ ଘୋଷଣା**

# ଫେରିଲେ ବୁମ୍‌ରା ଓ ସଞ୍ଜୁ ସାମ୍‌ସନ୍

**ମୁମ୍ବାଇ,୧୯/ଏଜେନ୍ସି:** ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜ୍ ପାଇଁ ବିସିସିଆଇ ପକ୍ଷରୁ ମଙ୍ଗଳବାର ୧୫ ଜଣିଆ ଟିମ୍ ଘୋଷଣା କରାଯାଇଛି। ଯୁବ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ପୁଣିଥରେ ଟିମ୍‌ରେ ସ୍ଥାନ ମିଳିଛି। ତାଙ୍କୁ ଲଗାତାର ଚାରିଥର ପାଇଁ ଟିମ୍‌ରେ ମନୋନୀତ କରାଯାଇଛି। ବୈଭବଙ୍କୁ ପ୍ରଥମ ଥର ଆୟର୍ଲାଣ୍ଡ୍ ଗସ୍ତ ପାଇଁ ଚୟନ କରାଯାଇଥିଲେ ମଧ୍ୟ ତାଙ୍କୁ ଡେବ୍ୟୁ ସୁଯୋଗ ମିଳିନଥିଲା। ଇଂଲଣ୍ଡ ଗସ୍ତ ବେଳେ ସେ ଡେବ୍ୟୁ କରିବା ପରେ ଜିମ୍ବାୱେ ଗସ୍ତରେ ପ୍ଲେୟାର୍ ଅଫ୍ ଦ ସିରିଜ୍ ହୋଇଥିଲେ। ଶ୍ରେୟସ୍ ଆୟରଙ୍କୁ ଟିମ୍‌କୁ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଥିବା ବେଳେ ତିଳକ ବର୍ମା ତାଙ୍କର ଡେପୁଟୀ ରହିବେ। ସଞ୍ଜୁ ସାମ୍‌ସନ୍ ଓ ଈଶାନ୍ କିଶନ୍ ୱିକେଟ୍‌କିପର୍ ଭାବେ ଟିମ୍‌ରେ ସାମିଲ ହୋଇଛନ୍ତି। ସିରିଜ୍‌ର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୩ ତାରିଖରେ ଖେଳାଯିବ। ଏହି ସିରିଜ୍‌ର ସମସ୍ତ ତିନିଟି ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବ।

ଫାଷ୍ଟ୍ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ସହିତ ସାତଜଣ ଖେଳାଳିଙ୍କର ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଛି। ସେମାନଙ୍କ ମଧ୍ୟରେ ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ୱାଶିଂଟନ୍ ସୁନ୍ଦର, ସଞ୍ଜୁ ସାମ୍‌ସନ୍, ଅର୍ଶଦୀପ୍ ସିଂହ ଏବଂ ଅକ୍ଷର ପଟେଲ୍ ସାମିଲ। ବୁମ୍‌ରା ଇଂଲଣ୍ଡ ବିପକ୍ଷ ଭାରତର ଦିନିକିଆ ସିରିଜ୍ ବେଳେ ଆଣ୍ଠୁରେ ଆଘାତ କାରଣରୁ ଟିମ୍‌ରୁ ବାହାର ହୋଇଥିଲେ। ସେ ଶ୍ରୀଲଙ୍କା ଗସ୍ତରେ ଯାଇନଥିଲେ। ବୁମ୍‌ରା ଶେଷଥର ପାଇଁ ମାର୍ଚ୍ଚ ୮ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ ଖେଳିଥିଲେ।

**ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମିଳିଲାନି ସୁଯୋଗ**

**ବୈଭବ ସୂର୍ଯ୍ୟବଂଶୀ ବି ଟିମ୍‌ରେ ସାମିଲ**



ଜିମ୍ବାୱେ ଗସ୍ତରେ ଯାଇଥିବା ଭାରତୀୟ ଟିମ୍‌ରେ ୮ ପରିବର୍ତ୍ତନ କରାଯାଇଛି। ସଞ୍ଜୁ ସାମ୍‌ସନ୍‌ଙ୍କୁ ପୁଣିଥରେ ଚୟନ କରାଯାଇଛି। ସେ ଜୁଲାଇରେ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ୍‌ରେ ଟିମ୍‌ର ସଦସ୍ୟ ଥିଲେ। ତାଙ୍କ ସହିତ ଈଶାନ୍ କିଶନ୍‌ଙ୍କୁ ଦ୍ୱିତୀୟ ୱିକେଟ୍‌କିପର୍ ଭାବେ ଚୟନ କରାଯାଇଛି। ରିଙ୍କୁ ସିଂହ, ସୂର୍ଯ୍ୟାଂଶ ଶେଗଡେ, ହର୍ଷ ଦୁବେ, ପ୍ରଭସିମ୍‌ରନ୍ ସିଂହ, ପ୍ରିନ୍ସ ଯାଦବ, ଯଶ୍ ଠାକୁର, ମୟଙ୍କ ଯାଦବ ଏବଂ ଅଶୋକ ଶର୍ମାଙ୍କୁ ବାହାର କରାଯାଇଛି। ଶ୍ରେୟସ୍ ଆୟରଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ଜିମ୍ବାୱେ ବିପକ୍ଷରେ କ୍ଲିନ୍ ସ୍ୱିପ୍ କରିଥିଲା।

ଟିମ୍‌ରେ ସ୍ଥାନ ପାଇଥିବା ଜସ୍‌ପ୍ରୀତ୍ ବୁମ୍‌ରା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ୍ ସୁନ୍ଦର ଏବଂ ହର୍ଷିତ ରାଣାଙ୍କ ଖେଳିବା ଫିଟ୍‌ନେସ୍ ଉପରେ ନିର୍ଭର କରିବ। ସମସ୍ତେ ଆହତ ସମସ୍ୟାରୁ ସୁସ୍ଥ ହୋଇଛନ୍ତି। ତେବେ ଷ୍ଟାର୍ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ୍‌ରେ ସ୍ଥାନ ମିଳିନାହିଁ। ସେ ଏବେ ଆଘାତରୁ ସୁସ୍ଥ ହେଉଛନ୍ତି।

**ଭାରତୀୟ ଟିମ୍:** ଶ୍ରେୟସ୍ ଆୟର୍ (କ୍ୟାପ୍‌ଟେନ୍), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌କିପର୍), ଈଶାନ୍ କିଶନ୍ (ୱିକେଟ୍‌କିପର୍), ତିଳକ ବର୍ମା (ଭାଇସ୍ କ୍ୟାପ୍‌ଟେନ୍), ଶିଭମ୍ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ୍, ୱାଶିଂଟନ୍ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଜସ୍‌ପ୍ରୀତ୍ ବୁମ୍‌ରା, ଅର୍ଶଦୀପ୍ ସିଂହ, ହର୍ଷିତ ରାଣା।

# ଇତିହାସ ରଚିଲେ ବେନ୍ ଷ୍ଟୋକ୍ସ

**ବିବିଏଲ୍‌ର ସବୁଠୁ ମହାଙ୍ଗା ଖେଳାଳି**



**ଆଡିଲେଡ୍,୧୯/ଏଜେନ୍ସି:** ପୂର୍ବତନ ଇଂଲଣ୍ଡ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ ୧୨ ବର୍ଷ ପରେ ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଧମାକାଦାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଷ୍ଟୋକ୍ସଙ୍କୁ ଆଡିଲେଡ୍ ଷ୍ଟ୍ରାଇକର୍ସ ୨୦୨୬-୨୭ ସିଜନ୍ ପାଇଁ ୫ ଲକ୍ଷ ଅଷ୍ଟ୍ରେଲୀୟ ଡଲାର (ପ୍ରାୟ ୩.୯ କୋଟି ଟଙ୍କା)ରେ ସ୍ୱାକ୍ଷର କରିଛି। ଏହା ସହିତ ସେ ବିବିଏଲ୍ ଇତିହାସର ସବୁଠୁ ମହଙ୍ଗା ଖେଳାଳି ହୋଇଛି। ଷ୍ଟୋକ୍ସ ପୂରା ସିଜନ୍ ପାଇଁ ଉପଲବ୍ଧ ରହିବେ। ଏହା ବିବିଏଲ୍‌ରେ ତାଙ୍କର ଦ୍ୱିତୀୟ ଏଣ୍ଟ୍ରି। ଏହା ପୂର୍ବରୁ ସେ ୨୦୧୪-୧୫ ସିଜନ୍‌ରେ ମେଲ୍‌ବର୍ଣ୍ଣ ରେନେଗେଡ୍ସ ପକ୍ଷରୁ ଖେଳିଥିଲେ। ସେତେବେଳେ ସେ ଚାରିଟି ମ୍ୟାଚ୍‌ରେ ଭାଗ ନେଇଥିଲେ। ଷ୍ଟୋକ୍ସଙ୍କୁ ନିଜ ସହିତ ଯୋଡ଼ିବା ପାଇଁ ବିବିଏଲ୍‌ର ବହୁ ଫ୍ରାଞ୍ଚାଇଜି ଇଚ୍ଛୁକ ଥିଲେ, କିନ୍ତୁ ଶେଷରେ ଆଡିଲେଡ୍ ଷ୍ଟ୍ରାଇକର୍ସ ବାଜି ମାରି ନେଇଛି। ନିକଟରେ ବିବିଏଲ୍‌ରେ କଣ୍ଟ୍ରାକ୍ଟ ସିଷ୍ଟମ୍‌ରେ ପରିବର୍ତ୍ତନ କରାଯାଇଛି। ଲିଗ୍ ପୁଣିଥରେ ଡାଇରେକ୍ଟ-ସାଇନିଂ ମଡେଲ୍ ଆପଣାଇଛି। ଯାହା ଫଳରେ ଫ୍ରାଞ୍ଚାଇଜିଙ୍କୁ ଖେଳାଳିଙ୍କ ଉପରେ ନିଜ ଅର୍ଥ ଖର୍ଚ୍ଚ କରିବାରେ ଅଧିକ ସ୍ୱାଧୀନତା ମିଳିଛି। ଏହି ନୂଆ ସିଷ୍ଟମ୍ ଲାଗୁ ହେବା ପରେ ଷ୍ଟୋକ୍ସ ପୂରା ସିଜନ୍ ପାଇଁ ସ୍ୱାକ୍ଷର କରିଥିବା ପ୍ରଥମ ବିଦେଶୀ ଖେଳାଳି। ସେ ଆଡିଲେଡ୍ ଷ୍ଟ୍ରାଇକର୍ସ ସହ ଏକ ବର୍ଷର ଚୁକ୍ତି କରିଛନ୍ତି।

**ଫାଓ ୨ୟ ଡିଭିଜନ୍ ଲିଗ୍**

# ବାରବାଟୀ ୟୁନାଇଟେଡ୍- ଓଜିପି ଫାଇନାଲ୍



**କଟକ,୧୯/ଏନ୍‌ଏନ୍‌ଏସ୍:** ବାରବାଟୀ ୟୁନାଇଟେଡ୍ କ୍ଲବ୍ ଏବଂ ଓଜିପି କ୍ଲବ୍ ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଏମ୍‌ଜିଏମ୍ ଫାଓ ଦ୍ୱିତୀୟ ଡିଭିଜନ୍ ଲିଗ୍‌ର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ବାରବାଟୀ ୟୁନାଇଟେଡ୍ କ୍ଲବ୍ ୨-୦ରେ ନିତା ଫୁଟ୍‌ବଲ୍ ଏକାଡେମୀକୁ ଏବଂ ଓଜିପି କ୍ଲବ୍ ୩-୦ ଗୋଲ୍‌ରେ ଲାଲ୍‌ବାଗ୍ କ୍ଲବ୍‌କୁ ହରାଇ ଦେଇଛନ୍ତି। ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୩ ତାରିଖ (ଗୁରୁବାର) ଦିନ କଟକର ବିଡ଼ାନାସୀ ମିନି ଷ୍ଟାଡିୟମ୍‌ରେ ଖେଳାଯିବ। ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ବାରବାଟୀ ୟୁନାଇଟେଡ୍ କ୍ଲବ୍ ପକ୍ଷରୁ ସୁମନ୍ତ କୁମାର ମାରାଣ୍ଡି (୩୦ ମିନିଟ୍) ଏବଂ ରାଜ ପରାଜା (୪୫ ମିନିଟ୍) ଗୋଲ୍ ଦୁଇଟି ସ୍କୋର୍ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରଇସ୍ ଅହମଦଙ୍କ ଦୁଇଟି (୪୫, ୫୬ ମିନିଟ୍) ଏବଂ ସନ୍ନି ଶ' (୪୯ ମିନିଟ୍)ଙ୍କ ଗୋଟିଏ ଗୋଲ୍ ବଳରେ ଲାଲବାଗ୍ କ୍ଲବ୍ ବିପକ୍ଷରେ ଓଜିପି କ୍ଲବ୍ ୩-୦ର ସହଜ ବିଜୟ ହାସଲ କରିଛି।

**ଏସିଆଡ୍‌କୁ ନେଇ ଜାପାନ କ୍ରିକେଟ୍ ସଂଘର ବୟାନ**

# ଟିମ୍ ନିଜେ ହୋଟେଲ୍ ବୁକ୍ ପାଇଁ ସ୍ୱତନ୍ତ୍ର

**ଟୋକିଓ,୧୯/ଏଜେନ୍ସି:** ଜାପାନରେ ହେବାକୁ ଥିବା ଆଗାମୀ ଏସିଆନ୍ ଗେମ୍ସ ପୂର୍ବରୁ କ୍ରିକେଟ୍ ଖେଳାଳିଙ୍କ ରହିବାକୁ ଉଠିଥିବା ପ୍ରଶ୍ନ ମଧ୍ୟରେ ଜାପାନ କ୍ରିକେଟ୍ ସଂଘ (ଜେସିଏ)ର ବୟାନ ଆସିଛି। ଜେସିଏ ସିଇଓ ନାଓକୀ ଆଲେକ୍ସ ମିୟାଜୀ ମଙ୍ଗଳବାର କହିଛନ୍ତି, ଏସିଆନ୍ ଗେମ୍ସରେ ଭାଗ ନେବାକୁ ଥିବା କ୍ରିକେଟ୍ ଟିମ୍ ଚାହିଁଲେ ନିଜ ରହିବା ପାଇଁ ନିଜେ ହୋଟେଲ୍ ବ୍ୟବସ୍ଥା କରିପାରିବେ। ମିୟାଜୀ କହିଛନ୍ତି, ଖେଳାଳିଙ୍କ ରହିବା ବ୍ୟବସ୍ଥାକୁ ନେଇ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି) ଏବଂ ଆୟୋଜକ କମିଟି ମଧ୍ୟରେ ଦୀର୍ଘ କଥାବାର୍ତ୍ତା ଚାଲିଛି। ସେ କହିଛନ୍ତି, 'କ୍ରିକେଟ୍ ଟିମ୍‌ଗୁଡ଼ିକୁ ହୋଟେଲ୍‌ର ବିକଳ୍ପ ଦିଆଯାଉଥିବା ବେଳେ ଅନ୍ୟ ଖେଳର ଖେଳାଳିମାନଙ୍କ ପାଇଁ କ୍ରୁଜ୍ ଶିପ୍ କିମ୍ବା କଣ୍ଟେନର୍ ହୋଟେଲ୍ ପରି ସୀମିତ ସୁବିଧା ହିଁ ଉପଲବ୍ଧ କରାଯାଇଛି।' ଖେଳାଳିମାନଙ୍କ ସୁଗମତା ଏବଂ ପଡ଼ିଆର ସୁବିଧାକୁ ନେଇ ସେ କହିଛନ୍ତି, ପ୍ଲେୟାର୍ ଏରିଆରେ ଟଏଲେଟ୍‌ର ସୁବିଧା ଉପଲବ୍ଧ ରହିବ। ମିୟାଜୀ କହିଛନ୍ତି, ପଡ଼ିଆରେ ନିର୍ମିତ ଡ୍ରେସିଂ ରୁମ୍ ଅସ୍ଥାୟୀ ହୋଇଥିଲେ ଏହା ଏପରି ନିର୍ମାଣ କରାଯାଇଛି ଯେ ଖେଳାଳି ଏବଂ ଅଧିକାରୀମାନଙ୍କୁ ପୂରା ଆରାମ ମିଳିବ। ଏହା ବ୍ୟତୀତ ଖେଳାଳି ପଡ଼ିଆ ନିକଟରେ ଉପଲବ୍ଧ ସ୍ଥାୟୀ ସୁବିଧାର ବ୍ୟବହାର ମଧ୍ୟ କରିପାରିବେ। ମିୟାଜୀ ଦାବି କରିଛନ୍ତି ଯେ ସୀମିତ ସମୟ ଏବଂ ସଂସାଧନ ସତ୍ତ୍ୱେ ପ୍ରସ୍ତୁତ କରାଯାଇଥିବା ପିଚ୍ ଏବଂ ଆଉଟ୍‌ଫିଲ୍ଡ ଏସିଆନ୍ ଗେମ୍ସର ଇତିହାସରେ କ୍ରିକେଟ୍‌ର ବର୍ତ୍ତମାନ ସୁଦ୍ଧା ସବୁଠୁ ଉନ୍ନତ ପ୍ଲେଇଂ ସର୍‌ଫେସ୍ ହେବ। ଶ୍ରୀଲଙ୍କା କ୍ୟୁରେଟର୍‌ଙ୍କ ସହାୟତାରେ ଏଠାରେ ଟର୍ଫ ଏବଂ ହାଇବ୍ରିଡ୍ ପିଚ୍ ପ୍ରସ୍ତୁତ କରାଯାଉଛି।

# ଚୟନ କମିଟିରୁ ମିସ୍‌ବାହ ଉଲ୍ ହକ୍‌ଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୯/ଏଜେନ୍ସି:** ପାକିସ୍ତାନର ପୂର୍ବତନ କ୍ୟାପ୍‌ଟେସ୍ ମିସ୍‌ବାହ ଉଲ୍-ହକ୍ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ମଧ୍ୟରେ ଜାତୀୟ ଚୟନ କମିଟିରୁ ଇସ୍ତଫା ଦେଇଛନ୍ତି। ସେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)କୁ ଇମେଲ୍ ଜରିଆରେ ନିଜ ଇସ୍ତଫାପତ୍ର ପଠାଇଛନ୍ତି। ତେବେ ମିଡିଆ ରିପୋର୍ଟ ଅନୁସାରେ, ପିସିବି ଏ ପର୍ଯ୍ୟନ୍ତ ମିସ୍‌ବାହଙ୍କ ଇସ୍ତଫା ସ୍ୱୀକାର କରିନାହିଁ। ସେ ଲାହୋରର ନାସ୍‌ନାଲ୍ କ୍ରିକେଟ୍ ଏକାଡେମୀରେ ବ୍ୟାଟିଂ ପରାମର୍ଶଦାତା ପଦ ମଧ୍ୟ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ମିସ୍‌ବାହଙ୍କ ଏହି ନିଷ୍ପତ୍ତି ଟେଷ୍ଟ ଟିମ୍ ଏବଂ ମ୍ୟାନେଜମେଣ୍ଟରେ ପିସିବିର ବଡ଼ ପରିବର୍ତ୍ତନର ଗୋଟିଏ ଦିନ ପରେ ଆସିଛି। ପିସିବି ୭ ଖେଳାଳିଙ୍କୁ ବାହାର କରିଥିଲା। ଏପରିକି ମୁଖ୍ୟ କୋଚ୍ ସରଫରାଜ ଅହମଦ ଏବଂ ବୋଲିଂ କୋଚ୍ ଉମର ଗୁଲ୍‌ଙ୍କୁ ମଧ୍ୟ ହଟାଇଥିଲା। ମିସ୍‌ବାହଙ୍କୁ ଚଳିତ ବର୍ଷ ମାର୍ଚ୍ଚରେ ଚାରି ସଦସ୍ୟ ବିଶିଷ୍ଟ ଚୟନ କମିଟିରେ ସାମିଲ କରାଯାଇଥିଲା। କମିଟିରେ ତାଙ୍କ ବ୍ୟତୀତ ଆକିବ୍ ଜାଭେଦ୍, ସରଫରାଜ ଅହମଦ ଏବଂ ଅସଦ ଶଫିକ୍ ଅଛନ୍ତି।

## ଦେଶ ବିଦେଶ

**ତୀବ୍ର ହେଉଛି ମଣିପୁର ହିଂସା**

# ୩ ଗାଁରେ ୧୦ ଘର ଜାଳିଦେଲେ, ଜଣେ ଆହତ

**ଇମ୍ଫାଲ,୧୯/ଏଜେନ୍ସି:** ମଣିପୁରରେ ହିଂସା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ତିଖାଙ୍ଗ କୁକି ଗ୍ରାମରେ ଗୁଳିମାଡ଼ ଯୋଗୁ ୩ ଜଣଙ୍କର ମୃତ୍ୟୁ ହେବାପରେ ଆଜି ଇମ୍ଫାଲ-ତାମେଙ୍ଗଲଙ୍ଗ ରୋଡ୍ ସଂଲଗ୍ନ ମଣିପୁର କାଙ୍ଗପୋକ୍‌ପି ଜିଲ୍ଲାର ୩ଟି ଲିଆଙ୍ଗମାଇ ନାଗା ଗ୍ରାମରେ କିଛି ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଛନ୍ତି। ଦୁର୍ବୃତ୍ତମାନେ ୩ଟି ଗ୍ରାମର ପ୍ରାୟ ୧୦ଟି ଘରେ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ଜଣେ ଗ୍ରାମବାସୀ ଆହତ ହୋଇଛନ୍ତି। କାଙ୍ଗପୋକପି ପୁଲିସ ଅନୁଯାୟୀ, ମଙ୍ଗଳବାର ବଡ଼ି ଭୋର୍ ସମୟରେ ଏହି ଘଟଣା ଘଟିଛି। କିଛି ସଶସ୍ତ୍ର ଦୁର୍ବୃତ୍ତ କାଙ୍ଗପୋକ୍‌ପି ଜିଲ୍ଲାର ତପୋନ ଖୁଲେନ୍, ତପୋନ ଖୁନୋଉ ଓ ମକୁଇ ପିପୁରମ ଗ୍ରାମ ଉପରେ ଆକ୍ରମଣ କରିଛନ୍ତି। ସୋମବାର ତିଖାଙ୍ଗ କୁକି ଗ୍ରାମରେ କିଛି ସଶସ୍ତ୍ର ଗୋଷ୍ଠୀଙ୍କ ଗୁଳିମାଡ଼ରେ ଦୁଇଜଣ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୪ ଜଣ ଆହତ ହୋଇଥିଲେ। ସିଆରପିଏଫ୍, ମଣିପୁର ପୁଲିସ ସହଯୋଗରେ କୋବ୍ରା ୟୁନିଟ୍ ସମେତ ଅତିରିକ୍ତ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ମେ ୧୩ ତାରିଖରୁ ଘଟିଥିବା ପୃଥକ ହିଂସା ଘଟଣାରେ ବର୍ତ୍ତମାନ ସୁଦ୍ଧା କୁକି-ଜୋ ଓ ନାଗା ସମ୍ପ୍ରଦାୟର ୧୭ ଜଣଙ୍କର ମୃତ୍ୟୁ ହୋଇଛି। ଅଗଷ୍ଟ ୨୭ ତାରିଖରେ ଗୁଳିମାଡ଼ରେ ୪ ଜଣ ନାଗା ନାଗରିକଙ୍କର ଏବଂ ୩୧ ତାରିଖରେ ୩ ଜଣ କୁକି ନାଗରିକଙ୍କ ମୃତ୍ୟୁ ହୋଇଥିଲା। ତେବେ ଲଗାତାର ଆକ୍ରମଣ ସତ୍ତ୍ୱେ କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ଉଲ୍ଲେଖଯୋଗ୍ୟ, ମଣିପୁରରେ ପ୍ରଥମେ ମୈତେୟୀ ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ୨୦୨୩ ମେ'ରୁ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏଥିରେ ୨୬୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି।



# ଏସ୍‌ସିଓ ଗ୍ରୁପ୍ ଫଟୋରୁ ମୋଦୀଙ୍କୁ ବାଦ୍‌ଦେଲା ପାକିସ୍ତାନ



**ନୂଆଦିଲ୍ଲୀ,୧୯/ଏଜେନ୍ସି:** କିର୍ଗିସ୍ତାନର ରାଜଧାନୀ ବିଶକେକ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀର ଏକ ଗ୍ରୁପ୍ ଫଟୋକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ନୂଆ ବିବାଦ ଦେଖାଦେଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ସେୟାର କରାଯାଇଥିବା ଫଟୋରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫଟୋରୁ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର କିଛି ସମୟ ପରେ ଭାରତ ପକ୍ଷରୁ ସମ୍ପୂର୍ଣ୍ଣ ଗ୍ରୁପ୍ ଫଟୋ ସେୟାର କରାଯାଇଛି। ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗଦେଇଥିବା ନେତାମାନଙ୍କ ସହ ନିଆଯାଇଥିବା ଗ୍ରୁପ୍ ଫଟୋରେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଫଟୋରେ ମୋଦୀଙ୍କ ଅଂଶକୁ କ୍ରପ୍ କରି ହଟାଇ ଦିଆଯାଇଛି। ଏହା ପରେ ଫଟୋଟି ନେଇ ସୋସିଆଲ ମିଡିଆରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ଭାରତ ପକ୍ଷରୁ ପ୍ରକାଶିତ ମୂଳ ଫଟୋରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ ଭାବେ ଦେଖାଯାଉଛନ୍ତି।

# ହରିୟାଣା ଏକ୍ସପ୍ରେସ୍‌ୱେରେ ମର୍ମନ୍ତୁଦ ଦୁର୍ଘଟଣା: ୬ ମୃତ, ୧୪ ଆହତ



**ଫରିଦାବାଦ,୧୯/ଏଜେନ୍ସି:** ହରିୟାଣାର ପଲୱଲରେ କୁଣ୍ଡଲୀ-ମାନେସର-ପଲୱଲ ଏକ୍ସପ୍ରେସ୍‌ୱେରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଏବଂ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ଭୋର୍ ପ୍ରାୟ ୪ଟା ୩୦ ସମୟରେ ଟ୍ରକ୍ ଉପରକୁ ଏକ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବାରୁ ଏହି ଦୁର୍ଘଟଣା ହୋଇଛି। ପିକ୍‌ଅପ୍‌ରେ ଥିବା ଯାତ୍ରୀମାନେ ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିର ଏବଂ ଅନ୍ୟାନ୍ୟ ପୂଜାସ୍ଥଳରୁ ଫେରି ଉତ୍ତରପ୍ରଦେଶର ବୃନ୍ଦାବନକୁ ଯାଉଥିବା ବେଳେ ଡ୍ରାଇଭର୍ ଢୁଳେଇ ପଡ଼ିବାରୁ ଏହି ଦୁର୍ଘଟଣା ହୋଇଛି। ଦୁର୍ଘଟଣା ପରେ ଡ୍ରାଇଭର୍ ଫେରାର୍ ହୋଇଯାଇଛି ଏବଂ ତାକୁ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି, ୬ ଜଣ ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି। ମୃତକମାନେ ହେଉଛନ୍ତି ବିଜୟ (୭୫), ରାଜକୁମାର (୪୦), ରେଶ୍ମା (୪୫), କମଳା (୬୫), ସୁଧା (୫୨) ଓ ମହେଶ (୬୦)। ଆହତମାନଙ୍କୁ ପଲୱଲ ହସ୍ପିଟାଲ୍ ପଠାଯାଇଛି। ସେଠାରୁ ମରଶରୀରଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସିଭିଲ୍ ହସ୍ପିଟାଲ୍ ନିଆଯାଇଛି। ମୃତକମାନେ ହେଉଛନ୍ତି ଉତ୍ତରପ୍ରଦେଶ ମୈନପୁରୀ ଜିଲ୍ଲାର।

# ମମତା ବାନାର୍ଜୀଙ୍କ ଝିଆରୀଙ୍କ ଆତ୍ମହତ୍ୟା

କୋଲ୍‌କାତା,୧୯/ଏଜେନ୍ସି: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଝିଆରୀ ବୃଷ୍ଟି ମୁଖାର୍ଜୀ ଘଟକ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ ବୀରଭୂମ ଜିଲ୍ଲାର କୁସୁମ୍ବା ଗାଁ ଘରେ ତାଙ୍କ ଶବ ଫାଶୀରେ ଝୁଲୁଥିବା ଅବସ୍ଥାରେ ମିଳିଛି। ବୃଷ୍ଟି ମମତାଙ୍କ ଦାଦାପୁଅ ଭାଇ ଏବଂ ଟିଏମ୍‌ସି ନେତା ନିହାର ମୁଖାର୍ଜୀଙ୍କ କନ୍ୟା ଥିଲେ। ମିଡିଆ ରିପୋର୍ଟ ଅନୁସାରେ ବୃଷ୍ଟି ବୋଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିଲେ। ଶିକ୍ଷକ ନିଯୁକ୍ତି ଘୋଟାଲା ସାମ୍ନାକୁ ଆସିବା ପରେ ୨୦୨୪ରେ ତାଙ୍କୁ ଚାକିରି ହରାଇବାକୁ ପଡ଼ିଥିଲା। ସେବେଠାରୁ ସେ ଡିପ୍ରେସନ୍‌ରେ ଥିଲେ। ରାମପୁରହାଟ ପୁଲିସ ତାଙ୍କ ଶବ ପୋଷ୍ଟମର୍ଟମ୍ ପାଇଁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍‌କୁ ପଠାଇ ତଦନ୍ତ ଆରମ୍ଭ କରିଛି। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ କହିଛି।

# ଉତ୍ତରାଖଣ୍ଡରେ ଭୀଷଣ ବର୍ଷା, ୧୧ ମୃତ

**ଭାସିଗଲା କାର୍, ଘରେ ପଶିଲା ଆବର୍ଜନା**

**ଡେରାଡୁନ୍,୧୯/ଏଜେନ୍ସି:** ଉତ୍ତର ଭାରତରେ ଲଗାତାର ଭୀଷଣ ବର୍ଷା ଫଳରେ ଉତ୍ତରାଖଣ୍ଡର ବିଭିନ୍ନରେ ୧୧ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଡେରାଡୁନ୍‌ର ବରସାତୀ ନଦୀରେ ଗୋଟିଏ କାର୍ ଭାସିଯିବା ଫଳରେ ଦୁଇଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଆଲମୋରା ଜିଲ୍ଲା ଉଡ଼ୟୁଡ଼ା ଗାଁରେ ଭୀଷଣ ବର୍ଷା ପରେ ପାହାଡ଼ରୁ ଆସିଥିବା ଆବର୍ଜନା ଗୋଟିଏ ଘରେ ପଶିଯିବା ଫଳରେ ଘରେ ଶୋଇଥିବା ତିନିଜଣ ତା' ତଳେ ଚାପିହୋଇ ପ୍ରାଣ ହରାଇଛନ୍ତି। ସେହିପରି ଏଠାରେ କାନ୍ଥ ଭୁଶୁଡ଼ିବା ଫଳରେ ଦୁଇଜଣ ନେପାଳୀ ଶ୍ରମିକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ନୈନିତାଲର ଭୀମତାଲ୍ ନାଳରେ ପ୍ରଖର ସ୍ରୋତରେ ଭାସିଯାଇ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ସେହିପରି ଉତ୍ତରକାଶୀର ଚିନ୍ୟାଲିସୌଡ଼ ନିକଟ ହ୍ରଦରୁ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ଶବ ଜବତ ମିଳିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra